

ଫେରିବେ ବିପାଶା
▸ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-78 ◆FRIDAY ◆11 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୭୮ ◆ଶୁକ୍ରବାର ◆୧୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଜିଠାରୁ ୫ ଦିନ ବ୍ୟାଙ୍କ ବନ୍ଦ

### ଶୁକ୍ରବାର ଦେଶବ୍ୟାପୀ କର୍ମଚାରୀଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଶେଷରେ ବିଫଳ ହେଲା ସରକାର ଏବଂ ବ୍ୟାଙ୍କ ୟୁନିଅନଗୁଡ଼ିକ ମଧ୍ୟରେ ଆଲୋଚନା। ସପ୍ତାହରେ ୫ ଦିନିଆ କାର୍ଯ୍ୟଦିବସ ସମେତ ସଂଘ ରଖିଥିବା ଅନ୍ୟ ପ୍ରମୁଖ ଦାବିଗୁଡ଼ିକର କୌଣସି ସମାଧାନ ହୋଇପାରିଲାନାହିଁ। ଫଳରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ)ର ଡାକରାରେ ଶୁକ୍ରବାରଠାରୁ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛନ୍ତି। ଏହି ସମୟ ମଧ୍ୟରେ ବ୍ୟାଙ୍କ ଶାଖାଗୁଡ଼ିକରେ କାର୍ଯ୍ୟ ପ୍ରଭାବିତ ହୋଇପାରେ। ସଂଘ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ତିନି ଦିନ ଧର୍ମଘଟ ଏବଂ ୨୬ ଅକ୍ଟୋବରରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ପାଇଁ ଚେତାବନୀ ମଧ୍ୟ ଦେଇଛି।

ଅପରପକ୍ଷେ ବ୍ୟାଙ୍କ ଧର୍ମଘଟକୁ ଲାଗି ଶନିବାର, ରବିବାର, ଗଣେଶ ପୂଜା ଏବଂ ନୂଆଖାଇ ପଡୁଥିବାଯୋଗୁ ଶୁକ୍ରବାରଠାରୁ ମଙ୍ଗଳବାର ଯାଏ କ୍ରମାଗତ ଭାବେ ୫ ଦିନ ଧରି ସାରା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ଏହାପଛକୁ ସେପ୍ଟେମ୍ବର ୧୨ ମାସର ଦ୍ୱିତୀୟ ଶନିବାର ଏବଂ ୧୩ ତାରିଖ ରବିବାର ପାଇଁ ବ୍ୟାଙ୍କ ସାଧାରଣ ଭାବେ ବନ୍ଦ ରହିବ। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଶ ପୂଜା ପାଇଁ ବ୍ୟାଙ୍କ ଛୁଟି। ଶେଷରେ ସେପ୍ଟେମ୍ବର ୧୫ (ମଙ୍ଗଳବାର) ନୂଆଖାଇ ପାଇଁ ଛୁଟି ରଖାଯାଇଛି। ତେଣୁ ଏସବୁକୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କମାଗତ ଭାବେ ରାଜ୍ୟରେ ୫ ଦିନ ବ୍ୟାଙ୍କ ବନ୍ଦ ରହିବ। ଲଗାତାର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଏହି ▸ପୃଷ୍ଠା-୧୦

## ଚୀନ୍ ଜାହାଜରେ ଅଗ୍ନିକାଣ୍ଡ: ୨୫ ମୃତ



■ ବେଜିଂ, ୧୦।୯ (ଏଜେନ୍ସି): ଚୀନ୍‌ର କିଙ୍ଗଦାଓ ବନ୍ଦରରେ ମରାମତି ପାଇଁ ଲାଗିଥିବା ଏକ ବିଦେଶୀ କାର୍ଗୋ ଜାହାଜରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣ ପ୍ରାଣ ହରାଇଛନ୍ତି। ଚୀନ୍‌ର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଘଟଣା ସମୟରେ ଜାହାଜରେ ୪୨ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଉଦ୍ଧାର କରାଯାଇଛି।

ସରକାରୀ ସୂଚନା ଅନୁସାରେ, ଗୁରୁବାର ସକାଳ ପ୍ରାୟ ୧୧ଟା ୧୫ରେ ଜାହାଜରେ ନିଆଁ ଲାଗିଥିଲା। ଅପରାହ୍ନ ପ୍ରାୟ ୨ଟା ୩୦ରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଖୋଜାଖୋଜି ଓ ଉଦ୍ଧାରକାର୍ଯ୍ୟ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗ୍ନିକାଣ୍ଡରୁ ଶିକ୍ଷା ନେଇ ସମସ୍ତ ପ୍ରକାର ଅଗ୍ନି ନିରାପତ୍ତା ବିପଦର ଯାଞ୍ଚ ଓ ନିରାକରଣ କରିବାକୁ ସେ କହିଛନ୍ତି। 'ଓସନ୍ ମେଲୋଡି' ନାମକ ଏହି ପ୍ରାୟ ୧୯୦ ମିଟର ଲମ୍ବର ଜାହାଜ ଲାଇବେରିଆ ପତାକା ତଳେ ପଞ୍ଜୀକୃତ ଥିବା ସୂଚନା ମିଳିଛି। ଜାହାଜଟି କିଙ୍ଗଦାଓର ବେଇହାଇ ସିପ୍ ବିଲ୍ଡିଂ କମ୍ପାନୀରେ ମରାମତି ପାଇଁ ଲାଗିଥିଲା। ନିଆଁ ଯୋଗୁଁ କୌଣସି ପ୍ରକାର ବିସ୍ଫୋରଣ ହୋଇନାହିଁ। ତେବେ ଜାହାଜରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି।

# ବ୍ରିକ୍ସ ସମ୍ମିଳନୀ ପାଇଁ ଦିଲ୍ଲୀ ପ୍ରସ୍ତୁତ

## ଆସୁଛନ୍ତି ପୁତିନ, ଜିନ୍‌ପିଙ୍ଗ ସମେତ ୧୧ ରାଷ୍ଟ୍ରାଧ୍ୟକ୍ଷ




### ଆସିବେନି ବାଂଲା ପ୍ରଧାନମନ୍ତ୍ରୀ ତାରିକ

### ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

### ୫୦୦ ସିସିଟିଭି କ୍ୟାମେରା, ୩୫ ହଜାର ପୁଲିସ ଫୋର୍ସ ମୁତୟନ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଭାରତ ଆସୁଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ। ଆସନ୍ତାକାଲି ୧୧ ତାରିଖରେ ପୁତିନ ଆସୁଥିବା ବେଳେ ୧୨ ତାରିଖରେ ଆସିବେ ଜିନ୍‌ପିଙ୍ଗ। ୨୦୧୯ ପରେ ଏହା ହେବ ଚୀନ ରାଷ୍ଟ୍ରପତିଙ୍କ ପ୍ରଥମ ଭାରତ ଗସ୍ତ। ଏହି ବୈଠକରେ ୧୧ଟି ଦେଶର ରାଷ୍ଟ୍ରାଧ୍ୟକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍। ତେବେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ଏଥିରେ ଯୋଗଦେବେ ନାହିଁ। ବାଂଲାଦେଶ ବୈଦେଶିକ ବିଭାଗର ରାଜ୍ୟମନ୍ତ୍ରୀ ହୁମାୟୁନ କବୀର କହିଛନ୍ତି, ଭାରତ ପକ୍ଷରୁ ତାରିକ ରହମାନଙ୍କୁ ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ଭାବେ ନୁହେଁ, ବରଂ ବିମ୍‌ଷ୍ଟେକ୍‌ର ଅଧ୍ୟକ୍ଷ ଭାବେ ନିମନ୍ତ୍ରଣ କରାଯାଇଥିଲା। ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ପୃଥକ ଭାବେ କୌଣସି ନିମନ୍ତ୍ରଣ ମିଳିନଥିବାରୁ ସେ ଏଥିରେ ଯୋଗଦେବେ ନାହିଁ।

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମ୍ମିଳନୀକୁ ଦୃଷ୍ଟିରେ ରଖି ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ବହୁସ୍ତରୀୟ ସୁରକ୍ଷା, ନିରୀକ୍ଷଣ ଓ ଯାତାୟାତ ପରିଚାଳନା ବ୍ୟବସ୍ଥା କରିଛନ୍ତି। ନୂଆଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରାୟ ୫୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଏଥିରେ ନମ୍ବର ପ୍ଲେଟ୍ ଚିହ୍ନଟ କରିପାରୁଥିବା କ୍ୟାମେରା ମଧ୍ୟ ରହିଛି। କୌଣସି ସନ୍ଦେହଜନକ ଗତିବିଧି ନଜରକୁ ଆସିଲେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୫ ହଜାର ସୁରକ୍ଷା ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି।

ରୁଷ ରାଷ୍ଟ୍ରପତି ପୁତିନ ମୌର୍ଯ୍ୟ ହୋଟେଲରେ ଅବସ୍ଥାନ କରିବେ। ଏଠାରେ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଏହା ଦାୟିତ୍ୱରେ ରହିବେ ରୁଷର କମାଣ୍ଡୋ ଏବଂ ସୁରକ୍ଷା ଅଧିକାରୀ। ସେହିଭଳି ଚୀନ ରାଷ୍ଟ୍ରପତି ହୋଟେଲ ତାଜରେ ରହିବେ। ସଂପୃକ୍ତ ଅଞ୍ଚଳକୁ ▸ପୃଷ୍ଠା-୧୦

### ସେପ୍ଟେମ୍ବର ୧୫ରେ ନୂଆଁଖାଇ

## ସମଲେଶ୍ୱରୀ ମନ୍ଦିରରେ ନୂଆ ଧାନ



■ ସମ୍ବଲପୁର, ୧୦।୯ (ସମିସ) : ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠରେ ନବାନ୍ନଲାଗି ପାଇଁ ଗୁରୁବାର ପୂର୍ବାହ୍ଣରେ ମନ୍ଦିରରେ ନୂଆ ଧାନ ଆସି ପହଞ୍ଚିଛି। ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ବଲବସପୁରର ଚାଷୀ ସୁବାସ ବେହେରା ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଅର୍ପଣ କରିଛନ୍ତି। ଆସନ୍ତା ୧୫ ତାରିଖ ମଙ୍ଗଳବାର ନିର୍ଦ୍ଧାରିତ ଶୁଭ ଲଗ୍ନରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଖାଇବେ। ଗତ ଶନିବାର ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତମାନଙ୍କ ବୈଠକରେ ଗଣନା ପରେ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ଣ ୯ଟା ୪୦ ମିନିଟରୁ ୯ଟା ୫୪ ମିନିଟ୍ ମଧ୍ୟରେ ଲଗ୍ନ ନିର୍ଣ୍ଣୟ କରାଯାଇଛି। ନୂତନ ଚାଉଳରୁ ନିର୍ମିତ ପିଠାପଣା, କ୍ଷୀରି ଆଦି ମା' ସମଲେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ଭୋଗଲାଗି ହୋଇଥାଏ। ମନ୍ଦିର ସକାଶେ ପ୍ରଦାନ କରାଯାଇଥିବା ନୂଆ ଧାନକୁ ପୂଜକ ପରିବାରର ମହିଳାମାନେ ଖରାରେ ଶୁଖାଇବା ସହ ଭାଜିବା ପରେ କୁଟି ▸ପୃଷ୍ଠା-୧୦

### ଭୋଗରାଇରୁ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା

## କୋଲକାତା ଯାଏଁ ଲମ୍ବିଲା ତଦନ୍ତ

### ୪୫ଟି ସିସିଟିଭି ଫୁଟେଜ୍ ଯାଞ୍ଚ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବଡ଼ପାହି ଝାଉ ଜଙ୍ଗଲରୁ ପାଞ୍ଚଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଘନୀଭୂତ ହେବା ସହ ତଦନ୍ତ ମଧ୍ୟ ଜୋରଦାର ହୋଇଛି। ଏହି ବିରଳ ବନ୍ୟପ୍ରାଣୀଗୁଡ଼ିକ ଏତେ ଦୂର ଆସି ବଡ଼ପାହି ଜଙ୍ଗଲରେ କିପରି ପହଞ୍ଚିଲେ, ସେ ନେଇ ଏବେ ବନ ବିଭାଗ, କ୍ରାଇମବ୍ରାଞ୍ଚ ଓ ଷ୍ଟେଟ୍ ଲେଭେଲ୍ ଟିମ୍ ସହିତ ୱାଇଲଡ ଲାଇଫ ଟିମ ମିଳିତ ଭାବେ ବିଭିନ୍ନ ଦିଗରୁ ଖୋଳତାଡ଼ କରୁଛନ୍ତି। ଘଟଣାସ୍ଥଳକୁ ତଦନ୍ତକାରୀ ଟିମ୍‌ଗୁଡ଼ିକର ଘନଘନ ଗସ୍ତ ଏବେ ଘଟଣାର ଗମ୍ଭୀରତାକୁ ସ୍ପଷ୍ଟ କରୁଛି।

ଗୁରୁବାର ପ୍ରାୟ ତିନୋଟି ତଦନ୍ତକାରୀ ଟିମ୍ ବଡ଼ପାହି ଝାଉଁ ଜଙ୍ଗଲରେ ପହଞ୍ଚି ଦୀର୍ଘ ସମୟ ଧରି ଯାଞ୍ଚ କରିଥିଲେ। କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ପର୍ଶୁରାମ ସାହୁ ଓ ଅତିରିକ୍ତ ଏସ୍‌ପି ▸ପୃଷ୍ଠା-୧୦


### ନନ୍ଦନକାନନରେ ଓରାଙ୍ଗଉଟାନଙ୍କୁ ଶାସ୍ତ୍ରୀୟ ସଂଗୀତ ଥେରାପି



■ ବାରଙ୍ଗ, ୧୦।୯ (ସମିସ): ବାଲେଶ୍ୱର ଭୋଗରାଇ ବ୍ଲକ୍ ବଡପାଇ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ କୁନି ଓରାଙ୍ଗଉଟାନ୍ ଏବେ ନନ୍ଦନକାନନର ନୂଆ ଆକର୍ଷଣ ସାଜିଛନ୍ତି। ମା'ଠାରୁ ଅଲଗା ହୋଇ ଭୟ ଓ ବିଚଳିତ ଅବସ୍ଥାରେ ଥିବା ଏହି ୫ କୁନି ଅତିଥିଙ୍କୁ ଶାନ୍ତ ରଖିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ଉଦ୍ଧାର ବେଳେ ଏହି ୫ ଶାବକ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲେ। ସେମାନଙ୍କ ମାନସିକ ଅବସ୍ଥାକୁ ଦେଖି ବନ୍ୟଜୀବ ସ୍ୱାସ୍ଥ୍ୟକେନ୍ଦ୍ର (ସିବ୍ୟୁଚ୍) ହେଲ୍ଥ କମିଟି ତୁରନ୍ତ ରକ୍ତ ନମୁନା ନ ନେବାକୁ ପରାମର୍ଶ ଦେଇଛନ୍ତି। କମିଟିର ନିର୍ଦ୍ଦେଶ ଅନୁସାରେ, ଆସନ୍ତା ୧୦ ଦିନ ଯାଏଁ ସେମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରଖାଯିବ। ଯାହାକୁ ନେଇ କର୍ତ୍ତୃପକ୍ଷ ଏହି ୧୦ ଦିନ ପାଇଁ ଦୁଇଟି ସ୍ୱତନ୍ତ୍ର ▸ପୃଷ୍ଠା-୧୦

### ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନ

## ୮,୪୧୭ କୋଟିର ନିବେଶ ପ୍ରସ୍ତାବ





■ ଭୁବନେଶ୍ୱର, ୧୦।୯ (ସମିସ): ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ଏକାଧିକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଏବଂ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି। ଯାହା ମିଳିତ ଭାବରେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୪,୩୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶ ଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୟୁଏଇ ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍ଦୁଲ୍ଲା ବିନ୍ ତୌକ୍ ଅଲ୍ ମାର୍ରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜବୁତ କରିବା ସହିତ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟ୍ରାଟେଜିକ ଲୋକେସନ୍, ଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଏବଂ ନିବେଶକ-ଅନୁକୂଳ ନୀତିଗତ ପରିବେଶକୁ ଆଲୋକପାତ କରିଥିଲେ। ସେ ୟୁଏଇର ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍‌ସୋ'ରେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ଏହାର ଶିଳ୍ପ ପରିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏହି ଉପସ୍ଥାପନାରେ ମାନୁଫାକ୍ଚରିଂ, ମେଟାଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ସୂଚନା ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଶକ୍ତି ଏବଂ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ ଓଡ଼ିଶାର ଦକ୍ଷତାକୁ ଆଲୋକପାତ କରାଯାଇଥିଲା। ▸ପୃଷ୍ଠା-୧୦

### ୟୁଏଇ ନେତୃତ୍ୱଙ୍କ ସହ ଉଚ୍ଚସ୍ତରୀୟ ବୈଠକ

### ବିଶ୍ୱସ୍ତରୀୟ ନିବେଶକଙ୍କ ସମ୍ମୁଖରେ ଓଡ଼ିଶାର ନିବେଶ ସୁଯୋଗ ଉପସ୍ଥାପନ

### ଓଲଟ ପାଲଟ




ସ୍ମାର୍ଟ ଫୋନ ନିଶା ପୁଅକୁ ଛାଡେନା
ବାପାକୁ ହତ୍ୟା କରୁଛି,
ଜମି ଜମା ଭାଗ ବଣ୍ଟା ଛିଡୁ ନାହିଁ
ଭାଇ ଭାଇକୁ ମାରୁଛି !
କିସ ଏ ଆଖି ଦେଖୁଛି !
ପାଳି ପୋଷି ଯେଉଁ ବାପ ଯୋଗ୍ୟ କଲା
ସେହି ପୁଅ ନେଇ
ବୃଦ୍ଧାଶ୍ରମରେ ଛାଡୁଛି !
ବାପାଟା କାନ୍ଦି ମରୁଛି !!
-ଯାଯାବର

### ଆଡଲ୍ଟ ୱେବ୍ ସିରିଜ୍ ଅଭିନେତ୍ରୀ ଟିନା ନନ୍ଦୀଙ୍କ ଭିଡିଓ ଭାଇରାଲ

## କିଏ ସେହି ଏସ୍‌ପି ? କିଏ ସେହି କମ୍ପାନୀ ସିଇଓ ?

### ପୁଣି ବିବାଦରେ ରାଉରକେଲା ସର୍କିଟ୍ ହାଉସ୍

### ଟିନାଙ୍କ ଭିଡିଓକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ



■ଭୁବନେଶ୍ୱର, ୧୦।୯ (ସମିସ): ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ୱେବସିରିଜ୍ ଅଭିନେତ୍ରୀ ତଥା ବୋଲ୍ଡ କଣ୍ଟେଣ୍ଟ ପାଇଁ ଖ୍ୟାତ ଟିନା ନନ୍ଦୀଙ୍କ ଏକ ଭିଡ଼ିଓ ଭାଇରାଲ ହେବା ପରେ ପୁଣି ବିବାଦରେ ରାଉରକେଲା ସରକାରୀ ସର୍କିଟ୍ ହାଉସ୍। ନିଜେ ଟିନା ଏହି ଭିଡ଼ିଓଟିକୁ ପୋଷ୍ଟ କରି ନୂଆବର୍ଷରେ ରାଉରକେଲା ସର୍କିଟ ହାଉସରେ ତାଙ୍କୁ ଆତିଥ୍ୟ ଦିଆଯାଇଥିବା କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ତାଙ୍କ ଭିଡ଼ିଓରେ ସେ ଏକ ଘରୋଇ କମ୍ପାନୀର ସିଇଓ ଓ ଜଣେ ଏସ୍‌ପିଙ୍କ କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ଏକ ବିଶେଷ କାର୍ଯ୍ୟରେ ସେ ଆସିଥିବା ଓ ତାଙ୍କୁ ରାଜକୀୟ ସତ୍କାର କରାଯାଇଥିବା ମଧ୍ୟ କଥା ସେ କହିଛନ୍ତି। କମ୍ପାନୀର ସିଇଓ ନିଜେ ଝାରସୁଗୁଡ଼ା ବିମାନବନ୍ଦରରୁ ଅଡ଼ି ଗାଡ଼ି ଡ୍ରାଇଭ କରି ରାଉରକେଲା ସର୍କିଟ ହାଉସରେ ରଖାଇଥିବା କହିଛନ୍ତି। ତେବେ ନୂଆ ବର୍ଷରେ ଟିନାଙ୍କ ପରି ଜଣେ ୱେବ୍ ସିରିଜ ଅଭିନେତ୍ରୀଙ୍କୁ ଆତିଥ୍ୟର ଅର୍ଥ କ'ଣ? କାହା ନାମରେ ସର୍କିଟ ହାଉସରେ ସେଦିନ ସୁଇଟ୍ ବୁକ୍ କରାଯାଇଥିଲା? ଏଥିପାଇଁ କିଏ ସୁପାରିସ କରିଥିଲେ? କେଉଁ ଉଦ୍ଦେଶ୍ୟରେ ଓ କେଉଁ କାର୍ଯ୍ୟ ପାଇଁ ଟିନାଙ୍କୁ ରାଉରକେଲା ଅଣା ଯାଇଥିଲା ଆଦି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

ସାମାଜିକ ଗଣମାଧ୍ୟମରେ ଟିନା ନନ୍ଦୀ ନିଜକୁ ଜଣେ ଅଭିନେତ୍ରୀ, ମଡ଼େଲ ଓ ଇନ୍‌ଫ୍ଲୁଏନ୍ସର ଭାବରେ ଉଲ୍ଲେଖ କରିଛନ୍ତି। ତାଙ୍କ ସୋସିଆଲ ମିଡ଼ିଆ ହ୍ୟାଣ୍ଡଲରେ ସେ ନିଜର କିଛି ଫଟୋ ଓ ଭିଡ଼ିଓ ବି ପୋଷ୍ଟ କରିଛନ୍ତି। ଆଡ଼ଲ୍ଟ ୱେବସିରିଜରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ସହ ତାଙ୍କର ଅନେକ ଭିଡ଼ିଓ ଥିବା ବି ଦେଖାଯାଇଛି। ମାତ୍ର ଟିନାଙ୍କର ଏକ ଭିଡ଼ିଓ ନିକଟରେ ରାଜ୍ୟରେ ହଲଚଲ ସୃଷ୍ଟି କରିଛି। ଯଦିଓ ଏହି ଭିଡ଼ିଓଟି ପୁରୁଣା, ମାତ୍ର ଏଥିରେ ଥିବା ସ୍ଥାନ, କାଳ, ପାତ୍ରକୁ ଅନୁଧ୍ୟାନ କଲେ ଏହା ପଛରେ ଗହନ ରହସ୍ୟ ଥିବା ସ୍ପଷ୍ଟ ହୋଇଛି। ଏହି ଭିଡିଓରେ ଟିନା ରାଉରକେଲା ସର୍କିଟ୍ ହାଉସ୍‌କୁ ଦେଖାଇ ସେଠାରେ ସେ ରହୁଥିବା ଓ ଜଣେ କମ୍ପାନୀର ସିଇଓ ▸ପୃଷ୍ଠା-୧୦

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ସିଆଳିରେ ଉତ୍ତେଜନା



### ଆଜି ବିଜେଡି ପ୍ରତିନିଧି ଦଳର ସିଆଳି ଗସ୍ତ

### ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବି

■ ଏରସମା, ୧୦।୯ (ସମିସ): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ସିଆଳି ବେଳାଭୂମିରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ କେହି ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗୁରୁବାର ସକାଳେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ବେଳାଭୂମିରେ ପହଞ୍ଚିବା ପରେ ପ୍ରତିମୂର୍ତ୍ତିଟି ଭଙ୍ଗା ଅବସ୍ଥାରେ ଦେଖିଥିଲେ। ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ସିଆଳି ଭଳି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ବିଜୁବାବୁଙ୍କ ଭଳି ଜଣେ ବିଶିଷ୍ଟ ରାଜନେତାଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି କଠୋର ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏଥିସହ ▸ପୃଷ୍ଠା-୧୦



# ଭୋଟରଙ୍କୁ ଲାଞ୍ଚ ଯାଚିଲେ ଟ୍ରମ୍ପ

## ରିପବ୍ଲିକାନ୍ ପାର୍ଟି ଜିତିଲେ ପ୍ରତ୍ୟେକ ଆମେରିକୀୟଙ୍କୁ ମିଳିବ ୫ ଲକ୍ଷ ଟଙ୍କା

ୱାଶିଂଟନ୍, ୧୦।୯(ଏଜେନ୍ସି): ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟି ପ୍ରତିନିଧି ସଭା ଓ ସିନେଟ୍ ଉଭୟରେ ନିଜର ସଂଖ୍ୟା ଗରିଷ୍ଠତା ବଜାୟ ରଖିଲେ ପ୍ରତ୍ୟେକ ପ୍ରାପ୍ତବୟସ୍କ ଆମେରିକୀୟଙ୍କୁ ୫, ୦୦୦ ଡଲାର୍ (ପ୍ରାୟ ୪.୭୬ ଲକ୍ଷ ଟଙ୍କା) ଦିଆଯିବ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଡାଲାସ୍‌ରେ ଆୟୋଜିତ ରିପବ୍ଲିକାନ୍ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ରିପବ୍ଲିକାନ୍ ପାର୍ଟି ପ୍ରତିନିଧି ସଭା ଓ ସିନେଟ୍ ଉଭୟରେ ବିଜୟୀ ହେଲେ ପ୍ରତ୍ୟେକଙ୍କୁ ୫, ୦୦୦ ଡଲାର୍ ମିଳିବ। ଟ୍ରମ୍ପ ଏହି ପ୍ରସ୍ତାବିତ ରାଶିକୁ 'ଟ୍ରମ୍ପ ଡିଭିଡେଣ୍ଡ' ନାମ ଦେଇଛନ୍ତି। ଆମେରିକାର ଆର୍ଥିକ ଶକ୍ତି ଓ ସଫଳତା ସହ ସେ ଏହାକୁ ଯୋଡ଼ିଛନ୍ତି। ଟ୍ରମ୍ପଙ୍କ କହିବା ଅନୁଯାୟୀ, ଏହି ଟଙ୍କା ଆମେରିକା ମଧ୍ୟରେ ହିଁ ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଏହି ଯୋଜନା ପାଇଁ ଅର୍ଥ କେଉଁଠାରୁ ଆସିବ, କେଉଁମାନେ ଏହାର ଯୋଗ୍ୟ ହେବେ ଏବଂ ଟଙ୍କା କିପରି ବଣ୍ଟନ କରାଯିବ—ସେ ସମ୍ପର୍କରେ ଟ୍ରମ୍ପ କୌଣସି ବିସ୍ତୃତ ସୂଚନା ଦେଇନାହାନ୍ତି। ଆମେରିକାରେ ପ୍ରାୟ ୨୬.୯୮ କୋଟି ପ୍ରାପ୍ତବୟସ୍କ ନାଗରିକ ଅଛନ୍ତି। ପ୍ରତ୍ୟେକଙ୍କୁ ୫, ୦୦୦ ଡଲାର୍ ଦିଆଗଲେ ସରକାରଙ୍କୁ ପ୍ରାୟ ୧.୩୫ ଟ୍ରିଲିୟନ୍ ଡଲାର୍ ବା ୧୨୭.୫୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଆମେରିକୀୟ କଂଗ୍ରେସର ଅନୁମୋଦନ ଆବଶ୍ୟକ ହେବ। ଏହା ସମସ୍ତ ପ୍ରାପ୍ତବୟସ୍କ ବାସିନ୍ଦାଙ୍କୁ ମିଳିବ କି କେବଳ ନିର୍ଦ୍ଦିଷ୍ଟ ବର୍ଗର ଆମେରିକୀୟଙ୍କୁ ଦିଆଯିବ, ସେନେଇ ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି। ଏହା କେବେ ଓ କିପରି ପ୍ରଦାନ କରାଯିବ, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପଙ୍କ ଏହି ପ୍ରସ୍ତାବ ଏଭଳି ସମୟରେ ଆସିଛି, ଯେତେବେଳେ ଆମେରିକାର ବାର୍ଷିକ ବଜେଟ୍ ନିଅଣ୍ଟ ପ୍ରାୟ ୧.୮ ଟ୍ରିଲିୟନ୍ ଡଲାର୍ ରହିଛି। ଏତେ ବଡ଼ ରାଶି ବଣ୍ଟନ କରାଗଲେ ସରକାରଙ୍କ ଆର୍ଥିକ ନିଅଣ୍ଟ ଓ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ବଢ଼ିପାରେ। ଗତ ମାସରେ ଆମେରିକାର ଜାତୀୟ ଋଣ ପ୍ରଥମ ଥର ପାଇଁ ୪୦ ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିଥିଲା। ଟ୍ରମ୍ପଙ୍କ ଘୋଷଣାର ପ୍ରାୟ ଏକ ଘଣ୍ଟା ପରେ ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, ଧନୀ ବର୍ଗର ଲୋକେ ଏହି ଡିଭିଡେଣ୍ଡରୁ ଲାଭ ପାଇବେ ନାହିଁ। ଭାନ୍ସଙ୍କ କହିବା ଅନୁଯାୟୀ, ସରକାର ଆଦାୟ କରୁଥିବା ଶୁଳ୍କ ରାଜସ୍ୱକୁ ଏହି ଟଙ୍କା ପ୍ରଦାନ ପାଇଁ ବ୍ୟବହାର କରାଯାଇପାରେ। ତେବେ ଶୁଳ୍କରୁ ଆଦାୟ ହେଉଥିବା ରାଜସ୍ୱ ୫, ୦୦୦ ଡଲାର୍ ହିସାବରେ ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କୁ ଟଙ୍କା ଦେବା ପାଇଁ ଆବଶ୍ୟକ ଅନୁମାନିତ ରାଶିଠାରୁ ଯଥେଷ୍ଟ କମ୍। ଆମେରିକୀୟ ନାଗରିକଙ୍କୁ ସିଧାସଳଖ ଟଙ୍କା ପ୍ରଦାନ ନେଇ ଟ୍ରମ୍ପ ପୂର୍ବରୁ ମଧ୍ୟ ମତ ଦେଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ସେ ପ୍ରତ୍ୟେକ ନାଗରିକଙ୍କୁ ୨, ୦୦୦ ଡଲାରର ଡିଭିଡେଣ୍ଡ ଦେବା ପ୍ରସ୍ତାବ ରଖିଥିଲେ। ସେତେବେଳେ ଏଥିପାଇଁ କଂଗ୍ରେସର ଅନୁମୋଦନ ଆବଶ୍ୟକ ନଥିବା ସେ କହିଥିଲେ। ଗତବର୍ଷ ଟ୍ରମ୍ପ ଆମେରିକୀୟ ସେନାର ଯବାନମାନଙ୍କୁ ୧, ୭୭୬ ଡଲାର୍ ପ୍ରଦାନ କରିଥିଲେ। ଏହାକୁ ସେ 'ୱାରିଅର୍ ଡିଭିଡେଣ୍ଡ' ବୋଲି କହିଥିଲେ।

# ଡ୍ରୋନ୍ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲା ଜେଲେନ୍‌ସ୍କିଙ୍କ ବିମାନ

ଓସ୍‌ଲୋ, ୧୦।୯(ଏଜେନ୍ସି): ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ବିମାନ ମୋଲଡୋଭାରୁ ଉଡ଼ାଣ ଭରିବା ସମୟରେ ଡ୍ରୋନ୍ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଥିବା ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାହର୍ ଷ୍ଟୋରେ ଦାବି କରିଛନ୍ତି। ବୁଧବାର ଏକ ସାକ୍ଷାତକାରରେ ସେ କହିଛନ୍ତି, ବିମାନଟି ଉଡ଼ାଣ ଭରିବାକୁ ଯାଉଥିବା ବେଳେ



ଏକ ଡ୍ରୋନ୍ ଏହାର ନିକଟକୁ ଆସିଥିଲା। ଜେଲେନ୍‌ସ୍କି ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବା ପାଇଁ ଓସ୍‌ଲୋ ଯାଉଥିଲେ। ଡ୍ରୋନ୍ ସତର୍କତା ଯୋଗୁଁ ତାଙ୍କ ବିମାନର ଉଡ଼ାଣ ବିଳମ୍ବିତ ହୋଇଥିଲା। ମୋଲଡୋଭା କର୍ତ୍ତୃପକ୍ଷ ମଧ୍ୟ ଦେଶରେ ଏକ ରୁଷୀୟ ଡ୍ରୋନ୍ ଖସିପଡ଼ିଥିବା ନିଶ୍ଚିତ କରିଛନ୍ତି। ଏହାପରେ ଜେଲେନ୍‌ସ୍କିଙ୍କ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିଲା। ଡ୍ରୋନ୍ ସତର୍କତା ପରେ ଚିସିନାଉ ଅନ୍ତର୍ଜାତୀୟ ବିମାନବନ୍ଦରରୁ କିଛି ସମୟ ପାଇଁ ଆକାଶପଥ ମଧ୍ୟ ବନ୍ଦ କରାଯାଇଥିଲା। ତେବେ ଏହା ଜେଲେନ୍‌ସ୍କିଙ୍କ ବିମାନକୁ ଲକ୍ଷ୍ୟ କରିଥିଲା ବୋଲି ଏବେଠାରୁ କହିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଠକେଇ ଅଭିଯୋଗ ପରେ ପଦ ଛାଡ଼ିଲେ ହାସିନାଙ୍କ ଝିଅ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶିକା ସାଇମା ୱାଜେଦ ବୁଧବାର ଇସ୍ତଫା ଦେଇଛନ୍ତି। ଠକେଇ ଓ ଜାଲିଆତି ଅଭିଯୋଗରେ ଡବ୍ଲ୍ୟୁଏଚ୍‌ଓ ଏବଂ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ତଦନ୍ତ ମଧ୍ୟରେ ସେ ପଦ ଛାଡ଼ିଛନ୍ତି। ୨୦୨୪ ଆରମ୍ଭରେ ପାଞ୍ଚ ବର୍ଷ ପାଇଁ ଏହି ପଦରେ ନିଯୁକ୍ତ ହୋଇଥିବା ୱାଜେଦଙ୍କୁ ୨୦୨୫ରେ ଡବ୍ଲ୍ୟୁଏଚ୍‌ଓ ଦରମାବିହୀନ ପ୍ରଶାସନିକ ଛୁଟିରେ ପଠାଇଥିଲା। ଚୀନ୍ ଯାତ୍ରା ସମ୍ପର୍କିତ ଆର୍ଥିକ ଅନିୟମିତତା ଏବଂ ଶିକ୍ଷାଗତ ଯୋଗ୍ୟତା



ସମ୍ପର୍କରେ ଭୁଲ ତଥ୍ୟ ଦେବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ୱାଜେଦ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବାଂଲାଦେଶରେ ଜମି ଅବୈଧ ଭାବେ ହାସଲ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ତେବେ ସେ କହିଛନ୍ତି, ଡବ୍ଲ୍ୟୁଏଚ୍‌ଓ'ରେ ଯୋଗଦେବା ପୂର୍ବରୁ ଜମି ହାସଲ କରିଥିଲେ ଏବଂ ଦେଶର ଆଇନ ଅନୁସାରେ ସେ ଏଥିପାଇଁ ଅଧିକାରୀ ଥିଲେ। ଦୀର୍ଘ ସମୟ ଧରି ଦରମା ନ ମିଳିବା କଥା ସେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ସମସ୍ତ ଏୟାରଲାଇନ୍ସ ପାଇଲଟଙ୍କ ହେବ ଡ୍ରଗ୍ସ ପରୀକ୍ଷା

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଏୟାର ଇଣ୍ଡିଆ ବିମାନରେ ଡ୍ରଗ୍ସ ବ୍ୟବହାର ଘଟଣା ସାମ୍ନାକୁ ଆସିବା ପରେ ସମସ୍ତ ଏୟାରଲାଇନ୍ସର ପାଇଲଟଙ୍କ ଡ୍ରଗ୍ସ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ଏହି ପରୀକ୍ଷା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଏୟାରଲାଇନ୍ସକୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ କହିଛନ୍ତି, ପାଇଲଟଙ୍କ ମାଦକ ଓ ନିଷିଦ୍ଧ ପଦାର୍ଥ ପରୀକ୍ଷା ସମ୍ପର୍କିତ ନୂଆ ନିୟମର ଖସଡ଼ା ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତୁତ ହେବ। ଏନେଇ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ଚାଲିଛି। ଅଗଷ୍ଟ ୪ରେ ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିଆସିଥିଲା। ଏହାର ପ୍ରଭାବରେ ୨୪ ଜଣ ଯାତ୍ରୀ ଆହତ ହୋଇଥିଲେ। ଏହା ଘଟଣା ପରଠାରୁ ଡ୍ରଗ୍ସ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

# ଫେରିରେ ଭୟାବହ ଅଗ୍ନିକାଣ୍ଡ: ୫ ମୃତ, ୮୭ ନିଖୋଜ

ମାନିଲା, ୧୦।୯(ଏଜେନ୍ସି): ଫିଲିପାଇନ୍ସର ପାଲାୱାନ୍ ଉପକୂଳ ନିକଟ ସମୁଦ୍ରରେ ଏକ ଯାତ୍ରୀବାହୀ ଫେରିରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅତିକମ୍‌ରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮୭ ଜଣ ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଫିଲିପାଇନ୍ସ କୋଷ୍ଟଗାର୍ଡ ଅନୁଯାୟୀ, ଏମ୍‌ଭି ଜୁନ୍ ଏଷ୍ଟର ନାମକ ଫେରିଟି ମାନିଲାରୁ ଯାତ୍ରା କରି ପାଲାୱାନ୍ ପ୍ରଦେଶର କୋରୋନ୍ ନିକଟରେ ଥିବାବେଳେ ଏଥିରେ ନିଆଁ ଲାଗିଥିଲା। ଫେରିରେ ୧୧୭ ଯାତ୍ରୀ ଓ ୧୭ ଜଣ କର୍ମଚାରୀଙ୍କ ସମେତ ମୋଟ ୧୩୪ ଜଣ ଥିଲେ। କୋଷ୍ଟଗାର୍ଡର ମୁଖପାତ୍ର କମୋଡୋର ନୋଏମି କାୟାବୟାବ କହିଛନ୍ତି, ଏପର୍ଯ୍ୟନ୍ତ ୪୨ ଜଣଙ୍କୁ ଉଦ୍ଧାର କରାଯାଇଛି।

# ଅସୁସ୍ଥତା ଦର୍ଶାଇ ଉଡ଼ାଣ ପାଇଁ ମନା କଲେ ଇଣ୍ଡିଗୋ ପାଇଲଟ୍

ବାରାଣସୀ, ୧୦।୯(ଏଜେନ୍ସି): ବାରାଣସୀ ବିମାନବନ୍ଦରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ ୬୫୪୪ର ପାଇଲଟ୍ ଅସୁସ୍ଥତା ଦର୍ଶାଇ ବିମାନ ଚଳାଇବାକୁ ମନା କରିବା ପରେ ଯାତ୍ରୀମାନେ ହଙ୍ଗାମା କରିଛନ୍ତି। ବୋର୍ଡିଂ ପୂର୍ବରୁ ହିଁ ପାଇଲଟ୍ ବିମାନ ଚଳାଇବେ ନାହିଁ ବୋଲି ଯାତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଯାତ୍ରୀମାନେ ସୁରକ୍ଷା ଯାଞ୍ଚ ଶେଷ କରି ବୋର୍ଡିଂ ପାଇଁ ଅପେକ୍ଷା କରୁଥିବା ବେଳେ ବିମାନ ସମ୍ପର୍କରେ ସ୍ପଷ୍ଟ ସୂଚନା ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏୟାରଲାଇନ୍ସ ପକ୍ଷରୁ ଠିକ୍ ସମୟରେ ସୂଚନା ଦିଆଯାଇନଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ପାଇଲଟ୍‌ଙ୍କ ନିର୍ଦ୍ଧାରିତ ଡ୍ୟୁଟି ସମୟ ମଧ୍ୟ ଶେଷ ହୋଇଥିଲା। ଯାତ୍ରୀଙ୍କ ବିରୋଧ ପରେ ଇଣ୍ଡିଗୋ ପକ୍ଷରୁ ବିକଳ୍ପ କୁ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି।

# ଭରଦ୍ୱାଜ ମାମଲାରେ ସୁପ୍ରିମକୋର୍ଟ କ୍ଷୁବ୍ଧ

- କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ
- ନାବାଳିକାକୁ ଆକ୍ରମଣ ମାମଲାରେ ଷ୍ଟାଟସ ରିପୋର୍ଟ ତଲବ
- ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଲେ କୋର୍ଟ



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଗତ ଜୁଲାଇ ମାସରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ୧୪ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ହଇରାଣ କରାଯାଇଛି। ତାଙ୍କ ପିତାଙ୍କୁ ଆକ୍ରମଣ କରାଯିବା ସହିତ ତାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ଦକ୍ଷିଣପନ୍ଥୀ ୟୁଟ୍ୟୁବର ସ୍ୱତନ୍ତ୍ର ଭରଦ୍ୱାଜ ସଂପୃକ୍ତ ରହିଛି। ତାର ସମର୍ଥମାନେ ଛାତ୍ରୀ ପରିବାରକୁ ନିର୍ଯାତନା ଦେଉଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ଭୀଷଣ ବିରକ୍ତି ପ୍ରକାଶ କରି କହିଛନ୍ତି ଯେ ନିର୍ଯାତନାର ଶିକାର ହୋଇ ନ୍ୟାୟ ଦାବି କରୁଥିବା ଛାତ୍ରୀ ଓ ତାର ପରିବାରକୁ ଏଭଳି ହଇରାଣ କରାଯାଇପାରିବ ନାହିଁ। ଅଭିଯୁକ୍ତ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ତାହାର ରିପୋର୍ଟ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏହାସହିତ ସଂପୃକ୍ତ ଛାତ୍ରୀ ଓ ତାର ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସିଜେପି ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ରୀ ପକ୍ଷରୁ ଜଣେ ଆଡଭୋକେଟ୍ ଆଜି ଏ ସଂପର୍କରେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ ଛାତ୍ରୀଙ୍କ ପିତାଙ୍କୁ ଆକ୍ରମଣ କରିଥିବା ଭରଦ୍ୱାଜ ସ୍ୱୀକାର କରିଛି। ତା ବିରୋଧରେ ଉକ୍ତ ଛାତ୍ରୀ ଥାନାରେ ଏଫଆଇଆର ଦାଖଲ କରିବା ପରେ ଭରଦ୍ୱାଜ ଓ ତାର ସମର୍ଥକଙ୍କ ଦ୍ୱାରା ଛାତ୍ରୀ ଓ ତା ପରିବାରକୁ ହଇରାଣ କରାଯାଉଛି। ତାଙ୍କ ଘରେ ପଶି ଭଙ୍ଗାରୁଜା କରାଯାଉଛି। ଏହି ସମୟରେ ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ଏଭଳି ଘଟଣାକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ହିଂସା ଘଟାଇ ଜଣେ ଅଭିଯୁକ୍ତ ବାହାରେ ଆରାମରେ ବୁଲିପାରିବ ନାହିଁ। ଅଭିଯୁକ୍ତ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂପର୍କରେ ଦିଲ୍ଲୀ ପୁଲିସ ଠାରୁ ରିପୋର୍ଟ ମାଗିଛନ୍ତି ସୁପ୍ରିମକୋର୍ଟ।

ସୂଚନାଯୋଗ୍ୟ ଯେ ନିଜକୁ ସରକାରୀ ନେତା ଓ ପୁଲିସର ଖାସ ଲୋକ କହୁଥିବା ଭରଦ୍ୱାଜ କହିଥିଲା ଯେ ସେ ଛାତ୍ରୀଙ୍କ ପିତାଙ୍କ ଉପରେ ଆକ୍ରମଣ କରି ତାଙ୍କର ମୁଣ୍ଡ ଫଟାଇଥିଲା। ସେ ଜଣେ ପ୍ରଭାବଶାଳୀ ହୋଇଥିବାରୁ ତାର କେହି କିଛି କରିପାରିବେ ନାହିଁ। ଏହାସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସିଜେପି ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା। ପ୍ରବଳ ଚାପ ପରେ ପୁଲିସ ତାକୁ ଉତ୍ତର ପ୍ରଦେଶରୁ ଗିରଫ କରିବା ସହିତ ତା ବିରୋଧରେ ଏସ୍‌ସି/ଏସ୍‌ଟି ମାମଲା ଦାୟର କରିଛି।

# ନୋଏଡ଼ା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ସସପେଣ୍ଡ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିବା ପରେ ଉତ୍ତର ପ୍ରଦେଶ ସରକାର ନୋଏଡ଼ାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ସସପେଣ୍ଡ କରିଛନ୍ତି। ସୁପ୍ରିମ କୋର୍ଟ ଆଦେଶକୁ ଖାତିର ନ କରି ସେ ଆନ୍ଦୋଳନକାରୀ ଛାତ୍ର ତଥା ଏସଏଫଆଇ ନେତା ଅକ୍ଷତ ତ୍ରିପାଠୀଙ୍କୁ ନୋଟିସ ଜାରିବା ସହିତ ୫ ଲକ୍ଷ ଟଙ୍କାର ନୋଟିସ ଜାରି କରିଥିଲେ। ଗତକାଲି ସୁପ୍ରିମ କୋର୍ଟ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ସେ କାହିଁକି ଏଭଳି ନୋଟିସ ଜାରି କରିଥିଲେ ବୋଲି ପ୍ରଶ୍ନ କରିଥିଲେ। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଜର ହୋଇ ଜଣାଇଥିଲେ ଯେ ନୋଟିସ ଜାରିଥିବା ନୋଏଡାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କୁ ସସପେଣ୍ଡ କରାଯାଇଛି। ଯନ୍ତରମନ୍ତର ଆନ୍ଦୋଳରେ ଯୋଗଦେଇଥିବାରୁ ଛାତ୍ର ନେତାଙ୍କୁ ନାଟିସ ଜାରି କରାଯାଇଥିଲା।

# ବିବାଦ ପରେ ପୁତୁରା ଆକାଶ ଆନନ୍ଦଙ୍କୁ ବହିଷ୍କାର କଲେ ମାୟାବତୀ

ଲକ୍ଷ୍ନୌ, ୧୦।୯(ଏଜେନ୍ସି): ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ପୁଣି ଥରେ ଦଳରୁ ବହିଷ୍କାର କରିଛନ୍ତି। ଆକାଶ ନିଜ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କୁ ଦଳ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ କରି ମାୟାବତୀ ଏହି ପଦକ୍ଷେପ ନେଇଛନ୍ତି। ଅଶୋକ ସିଦ୍ଧାର୍ଥ ରାଜନୀତିରୁ ଅବସର ନେବା ଘୋଷଣା କରିବାର କିଛି ଘଣ୍ଟା ପରେ ଏହି ନିଷ୍ପତ୍ତି ଆସିଛି। ମାୟାବତୀ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଯେ, ଆକାଶ ତାଙ୍କ ଶ୍ୱଶୁରଙ୍କ ସହ ଅଧିକ ଘନିଷ୍ଠ ଥିଲେ। ସେପ୍ଟେମ୍ବର ୩ ପରଠାରୁ ଆକାଶ ତାଙ୍କ କୌଣସି ପୋଷ୍ଟ ମଧ୍ୟ ପୁନଃପ୍ରକାଶ କରି ନ ଥିଲେ। ତେଣୁ ଦଳରେ ସ୍ୱାଧୀନ



ଭାବେ କାମ କରିବାକୁ ଚାହୁଁଥିଲେ ସେ ଏବେ ସ୍ୱାଧୀନ ଭାବେ ରହିପାରିବେ ବୋଲି ମାୟାବତୀ କହିଛନ୍ତି। ଏହାର ପ୍ରାୟ ୩ ଘଣ୍ଟା ପୂର୍ବରୁ ଅଶୋକ ସିଦ୍ଧାର୍ଥ ତାଙ୍କ ଜ୍ୱାଇଁ ଆକାଶଙ୍କ ସମର୍ଥନରେ ରାଜନୀତିରୁ ଅବସର ନେବା ଘୋଷଣା କରିଥିଲେ। ଏହାପୂର୍ବରୁ ମାୟାବତୀ ଆକାଶଙ୍କୁ ଦଳରେ ପୁନଃଦାୟିତ୍ୱ ଦେବା ପାଇଁ ଅଶୋକ ସିଦ୍ଧାର୍ଥଙ୍କ ରାଜନୀତିରୁ ସମ୍ପୂର୍ଣ୍ଣ ଅବସର ନେବାକୁ ସର୍ତ୍ତ ରଖିଥିଲେ।

# ଟିଏମ୍‌ସି ନେତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ହାୱଡ଼ା, ୧୦।୯(ଏଜେନ୍ସି): ତୃଣମୂଳ କଂଗ୍ରେସର ଜଣେ ମହିଳା ନେତ୍ରୀ ନିଜ ଘରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ହାୱଡ଼ାର ୧୨ ନମ୍ବର ୱାର୍ଡର ଟିଏମ୍‌ସି ମହିଳା ୱାର୍ଡ ସଭାପତି ଜୟଶ୍ରୀ ପାରହାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଘରୁ ସୁଇସାଇଡ୍ ନୋଟ୍ ମିଳିଥିବା ମଧ୍ୟ ଜଣାପଡ଼ିଛି। ଏହି ଘଟଣା ଗୋଲାବାଡ଼ି ଥାନା ଅଞ୍ଚଳରେ ଘଟିଛି। ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ଲୋକଙ୍କ ପକ୍ଷରୁ ଜୟଶ୍ରୀ ଓ ତାଙ୍କ ପରିବାରକୁ ଲଗାତାର ଧମକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ତାଙ୍କ ସ୍ୱାମୀ ଗୋରାଚାନ୍ଦ ପାରହାଲ ଅଭିଯୋଗ କରିଛନ୍ତି। ଗୋରାଚାନ୍ଦଙ୍କ ଅଭିଯୋଗ ଅନୁଯାୟୀ, ମେ'



୪ ପରଠାରୁ ପରିବାରକୁ ଅଞ୍ଚଳ ଦଖଲ ନେଇ ଧମକ ଦିଆଯାଉଥିଲା। ଏପରିକି ତାଙ୍କୁ ହତ୍ୟା କରିବା ଓ ପୁଅମାନଙ୍କୁ ମଧ୍ୟ ଛାଡ଼ିବେ ନାହିଁ ବୋଲି ଧମକ ମିଳିଥିବା ସେ କହିଛନ୍ତି। ଏହାକୁ ନେଇ ଜୟଶ୍ରୀ ଅତ୍ୟନ୍ତ ଭୟଭୀତ ଓ ମାନସିକ ଚାପରେ ଥିଲେ ବୋଲି ତାଙ୍କ ସ୍ୱାମୀ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜୟଶ୍ରୀ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଗୋରାଚାନ୍ଦ ଗୋଲାବାଡ଼ି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରିନଥିବା ସେ ଅଭିଯୋଗ କରିଛନ୍ତି।

# ନନ୍ଦନ ନିଲେକାନିଙ୍କ ପରିବାରକୁ ଏସ୍‌ଆଇଆର୍ ନୋଟିସ୍!



ବେଙ୍ଗାଲୁରୁ, ୧୦।୯(ଏଜେନ୍ସି): ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମ କର୍ଣ୍ଣାଟକର ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)ର 'ବିସଙ୍ଗତି ତାଲିକା'ରେ ସ୍ଥାନ ପାଇଛି। ତେଣୁ ଦସ୍ତାବିଜ ଯାଞ୍ଚ ପର୍ଯ୍ୟାୟରେ ନିଲେକାନି ଓ ତାଙ୍କ ପରିବାରକୁ ନୋଟିସ୍ ମିଳିପାରେ। ୭୧ ବର୍ଷୀୟ ନନ୍ଦନ, ତାଙ୍କ ପତ୍ନୀ ରୋହିଣୀ ନିଲେକାନି (୬୭) ଏବଂ ଦୁଇ ସନ୍ତାନ ଜାହ୍ନବି ନନ୍ଦନ ନିଲେକାନି (୩୮) ଓ ନିହାର ନିଲେକାନି (୩୬)ଙ୍କ ନାମ '୨୦୦୨ର ଶେଷ ଏସ୍‌ଆଇଆର୍ ସହ ମ୍ୟାପ୍ ହୋଇନଥିବା' ଶ୍ରେଣୀରେ ରହିଛି। ଅଧିକାରୀଙ୍କ ଅନୁସାରେ, ୨୦୦୨ର ଭୋଟର ତାଲିକାରେ ନଥିବା ଭୋଟରଙ୍କୁ ଏହି ଶ୍ରେଣୀରେ ରଖାଯାଇଛି। ନିଲେକାନି ପରିବାର ବିଟିଏମ୍ ଲେଆଉଟ୍ ନିର୍ବାଚନମଣ୍ଡଳୀର ଖସଡ଼ା ଭୋଟର ତାଲିକାରେ ଅଛନ୍ତି। କୋରାମଙ୍ଗଳାର ଥାର୍ଡ ବ୍ଲକସ୍ଥିତ ରେଡ୍ଡି ଜନସଂଘ ହାଇସ୍କୁଲ୍‌ରେ ସେମାନେ ଭୋଟ ଦିଅନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ନାମ ରଖିବା ପାଇଁ ନିର୍ବାଚନ ଆୟୋଗ ଅନୁମୋଦିତ ୧୧ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଚୂଡ଼ାନ୍ତ ତାଲିକା ଏହି ତାଲିକାରେ ଅଭିନେତା ଶିବ ରାଜକୁମାର ଏବଂ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମାତା ଗୌରାମ୍ମାଙ୍କ ମଧ୍ୟ ନାମ ରହିଥିବା ଜଣାପଡ଼ିଛି। ସେମାନଙ୍କୁ ମଧ୍ୟ ନୋଟିସ ପଠାଯିବ ବୋଲି ସୂଚନା ମିଳିଛି। ଏହାପୂର୍ବରୁ ବିଶିଷ୍ଟ ବିଜ୍ଞାନୀ ତଥା ଭାରତରତ୍ନରେ ସମ୍ମାନିତ ପ୍ରଫେସର ସିଏନଆର ରାଓଙ୍କୁ ମଧ୍ୟ ଏସଆଇଆର ନୋଟିସ ଜାରି କରାଯାଇଛି। ତାଲିକାରେ ତାଙ୍କ ନାମରେ ରହିଥିବା ଅସଙ୍ଗତିକୁ ନେଇ ଏହି ନୋଟିସ ଜାରି କରାଯାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ନାମ ସଂଶୋଧନ ପାଇଁ ଅଧିକାରୀଙ୍କ ଗୋଟିଏ ଟିମ୍ ୯୨ ବର୍ଷୀୟ ପ୍ରଫେସର ରାଓଙ୍କ ବେଙ୍ଗାଲୁରୁ ବାସଭବନକୁ ଯିବ।

# ଇରାନ ଆକ୍ରମଣରେ ଆମେରିକାର ଏକାଧିକ ଯୁଦ୍ଧବିମାନ କ୍ଷତିଗ୍ରସ୍ତ

ତେହରାନ୍, ୧୦।୯(ଏଜେନ୍ସି): ଜୋର୍ଡାନ୍‌ସ୍ଥିତ ଆମେରିକାର ଏକ ବାୟୁସେନା ଘାଟି ଉପରେ ଇରାନ୍‌ର ରାତ୍ରିକାଳୀନ ଆକ୍ରମଣରେ ଆମେରିକାର ଏକାଧିକ ସାମରିକ ବିମାନ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। ସିବିଏସ୍ ରିପୋର୍ଟ ଅନୁଯାୟୀ, ମୁୱାଫାକ୍ ସାଲ୍‌ତି ବାୟୁସେନା ଘାଟି ଉପରେ ଆକ୍ରମଣ ସମୟରେ ଗୋଟିଏ ଏ-୧୦ ଥଣ୍ଡରବୋଲ୍ଟ-୨ ବିମାନର ଗୋଟିଏ ପକ୍ଷ ନଷ୍ଟ ହୋଇଥିବା ବେଳେ ପ୍ରାୟ ୮ଟି ଏଫ୍-୧୫ ବିମାନ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ସିବିଏସ୍ ସାମ୍ବାଦିକ ଜେନିଫର ଜାକବ୍ସ ଏକ୍ସରେ କରିଥିବା ପୋଷ୍ଟରେ କହିଛନ୍ତି, ଇରାନୀ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ଜୋର୍ଡାନ୍‌ରେ ମୁତୟନ ଆମେରିକୀୟ ସେନା ୩୦ରୁ ଅଧିକ ପ୍ୟାଟ୍ରିଅଟ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। କ୍ଷତିଗ୍ରସ୍ତ ଏଫ୍-୧୫ ବିମାନଗୁଡ଼ିକ ମଧ୍ୟରୁ ପ୍ରାୟ ସମସ୍ତଙ୍କୁ ପୁଣି ସେବାରେ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ଏହି ଆକ୍ରମଣର ପୃଷ୍ଠଭୂମିରେ ଆମେରିକା ପକ୍ଷରୁ ଇରାନ୍‌ର ୫ଟି ତୈଳବାହୀ ଜାହାଜ ବୁଡ଼ାଇ ଦିଆଯିବା ଘଟଣା ରହିଛି। ଏହାର ପ୍ରତିଶୋଧରେ ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ଼ କର୍ପସ୍ (ଆଇଆରଜିସି) ଅନେକ ଆମେରିକୀୟ ଘାଟି ଓ ଅଞ୍ଚଳରେ ଥିବା ସହଯୋଗୀ ଦେଶଙ୍କ ଉପରେ ଆକ୍ରମଣ କରିଥିବା ଦାବି କରିଛି। ଜୋର୍ଡାନ୍‌ର ସେନା କହିଛି ଯେ, ତାହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ୨୦ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଚିହ୍ନଟ କରିଥିଲା।



ସେଥିରୁ ୧୮ଟିକୁ ସଫଳତାର ସହ ଧ୍ୱଂସ କରାଯାଇଥିବା ବେଳେ ଅବଶିଷ୍ଟ ୨ଟି ଜନଶୂନ୍ୟ ଅଞ୍ଚଳରେ ପଡ଼ିଥିଲା। ଆଇଆରଜିସି ପରେ କହିଛି ଯେ, ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକାକୁ କିଛି ସର୍ତ୍ତ ପୂରଣ କରିବାକୁ ପଡ଼ିବ।

# ୯ ଦେଶରେ ୧୨,୧୮୭ ପରମାଣୁ ଅସ୍ତ୍ର; ଭାରତ ପାଖରେ ୧୯୦

## ପରମାଣୁ ଅସ୍ତ୍ରଭଣ୍ଡାର ଆଧୁନିକୀକରଣ କରାଯାଉଛି
## ୧୪୦ରୁ ୨୨୫ ପରମାଣୁ ଅସ୍ତ୍ର ପାଇଁ ପ୍ଲୁଟୋନିୟମ୍!

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଭାରତ ପାଖରେ ପ୍ରାୟ ୧୯୦ଟି ପରମାଣୁ ଅସ୍ତ୍ର ଥିବା ଆକଳନ କରାଯାଇଛି। ଏଥିସହ ନୂଆ କ୍ଷେପଣାସ୍ତ୍ର ବ୍ୟବସ୍ଥା ପାଇଁ ଆଉ ପ୍ରାୟ ୩୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। ଆମେରିକାର 'ଫେଡେରେସନ୍ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟସ୍' (ଏଫ୍‌ଏଏସ୍)ର ଏକ ଗବେଷଣା ରିପୋର୍ଟରେ ଏଭଳି ଆକଳନ କରାଯାଇଛି। ବିଭିନ୍ନ ଉତ୍ସରୁ ମିଳିଥିବା ସୂଚନା, ସରକାରୀ ତଥ୍ୟ ଏବଂ ବାଣିଜ୍ୟିକ ଉପଗ୍ରହ ଚିତ୍ରକୁ ଆଧାର କରି ଏହି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ, ଭାରତର ୧୬୦ରୁ ଅଧିକ ପରମାଣୁ ଅସ୍ତ୍ର ବର୍ତ୍ତମାନ କାର୍ଯ୍ୟକ୍ଷମ କ୍ଷେପଣ ବ୍ୟବସ୍ଥା ସହ ସଂଯୁକ୍ତ ରହିଛି। ଏହା ବ୍ୟତୀତ ନୂଆ କ୍ଷେପଣାସ୍ତ୍ର ବ୍ୟବସ୍ଥା ପାଇଁ ଅତିରିକ୍ତ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। 'ଇଣ୍ଡିଆଜ୍ ନ୍ୟୁକ୍ଲିୟର ୱେପନ୍ସ–୨୦୨୬' ଶୀର୍ଷକ ଏକ ଲେଖାରେ ଏଫ୍‌ଏଏସ୍‌ର ନ୍ୟୁକ୍ଲିୟର ଇନ୍‌ଫର୍ମେସନ୍ ପ୍ରୋଜେକ୍ଟ'ର ନିର୍ଦ୍ଦେଶକ ହାନ୍ସ କ୍ରିଷ୍ଟେନ୍‌ସେନ୍ କହିଛନ୍ତି ଯେ ଭାରତ ଗତ କିଛି ବର୍ଷ ଧରି ନିଜ ପରମାଣୁ ଅସ୍ତ୍ରଭଣ୍ଡାରର ଆଧୁନିକୀକରଣ ଜାରି ରଖିଛି। ରିପୋର୍ଟରେ କୁହାଯାଇଛି, ଭାରତ ଅନେକ ନୂଆ ଅସ୍ତ୍ର ପ୍ରଣାଳୀକୁ ସେନାରେ ସାମିଲ କରିଛି। ଏଥିସହ ପରମାଣୁ ଅସ୍ତ୍ର ବହନ କରିପାରୁଥିବା ବିମାନ ଏବଂ ସ୍ଥଳ ଓ ସମୁଦ୍ରଭିତ୍ତିକ କ୍ଷେପଣ ବ୍ୟବସ୍ଥାରେ ଥିବା ପୁରୁଣା ଅସ୍ତ୍ରଗୁଡ଼ିକର ସ୍ଥାନ ନେବା ପାଇଁ ନୂଆ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। ରିପୋର୍ଟ ଅନୁସାରେ, ଭାରତ ୧୪୦ରୁ ୨୨୫ଟି ପରମାଣୁ ଅସ୍ତ୍ର ତିଆରି କରିବା ପାଇଁ ଯଥେଷ୍ଟ ସାମରିକ ପ୍ଲୁଟୋନିୟମ



ଉତ୍ପାଦନ କରିଥାଇପାରେ। ଏହାର ଆଧାରରେ ଭାରତ ପକ୍ଷରୁ ସର୍ବାଧିକ ୧୯୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଇଥିବା ଆକଳନ କରାଯାଇଛି। ଇଣ୍ଟରନ୍ୟାସନାଲ୍ ପ୍ୟାନେଲ୍ ଅନ୍ ଫିସାଇଲ୍ ମ୍ୟାଟେରିଆଲ୍ସର ଆକଳନ ଅନୁସାରେ, ୨୦୨୬ ଆରମ୍ଭ ସୁଦ୍ଧା ଭାରତ ପ୍ରାୟ ୭୩୦ କିଲୋଗ୍ରାମ୍ ଅସ୍ତ୍ର ନିର୍ମାଣଯୋଗ୍ୟ ପ୍ଲୁଟୋନିୟମ୍ ଉତ୍ପାଦନ କରିଥିଲା। ଏଥିରେ ପ୍ରାୟ ୧୭୦ କିଲୋଗ୍ରାମ୍‌ର ଅନିଶ୍ଚିତତା ରହିଛି। ପ୍ରତ୍ୟେକ ପରମାଣୁ ଅସ୍ତ୍ର ପାଇଁ ହାରାହାରି ୪ କିଲୋଗ୍ରାମ୍ ପ୍ଲୁଟୋନିୟମ୍ ଆବଶ୍ୟକ ବୋଲି ଧରିଲେ, ଏହି ପରିମାଣର ପ୍ଲୁଟୋନିୟମ ତାତ୍ତ୍ୱିକ ଭାବେ ୧୪୦ରୁ ୨୨୫ଟି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଯଥେଷ୍ଟ। ତେବେ ଭାରତ ନିଜ ପାଖରେ ଥିବା ସମସ୍ତ ପ୍ଲୁଟୋନିୟମକୁ ଅସ୍ତ୍ର ନିର୍ମାଣରେ ବ୍ୟବହାର କରିଥିବା ସମ୍ଭାବନା କମ୍ ଏବଂ କିଛି ପରିମାଣ ସଂରକ୍ଷିତ ରଖିଥାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିପ୍ରି)ର ୨୦୨୬ ବାର୍ଷିକ ରିପୋର୍ଟ ଅନୁସାରେ, ବିଶ୍ୱର ୯ଟି ପରମାଣୁ ଅସ୍ତ୍ରଧାରୀ ଦେଶ—ଆମେରିକା, ରୁଷିଆ, ବ୍ରିଟେନ୍, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଓ ଇସ୍ରାଏଲ୍ ମିଶି ୨୦୨୬ ଆରମ୍ଭରେ ମୋଟ ୧୨, ୧୮୭ଟି ପରମାଣୁ ଅସ୍ତ୍ର ରଖିଥିଲେ। ଏଥିରୁ ପ୍ରାୟ ୯, ୭୪୫ଟି ଅସ୍ତ୍ର ସାମରିକ ଭଣ୍ଡାରରେ ରହିଥିଲା ଏବଂ ଆବଶ୍ୟକତା ପଡ଼ିଲେ ବ୍ୟବହାର କରାଯାଇପାରେ। ସିପ୍ରି କହିଛି, ପରମାଣୁ ଅସ୍ତ୍ରଧାରୀ ଦେଶଗୁଡ଼ିକ ନିଜ ଅସ୍ତ୍ରଭଣ୍ଡାର ଓ କ୍ଷେପଣ ବ୍ୟବସ୍ଥାର ଆଧୁନିକୀକରଣ ଜାରି ରଖିଛନ୍ତି। ଏହା ଫଳରେ ବିଶ୍ୱରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତାର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଥିବା ସଂସ୍ଥା ମତ ଦେଇଛି। ଏଫ୍‌ଏଏସ୍ ରିପୋର୍ଟରେ କୁହାଯାଇଛି, ୧୯୯୮ ମସିହାର ପୋଖରଣ-୨ ପରମାଣୁ ପରୀକ୍ଷଣ ମାଧ୍ୟମରେ ଭାରତ ଫିସନ୍ ଡିଜାଇନ୍‌କୁ ନିର୍ଭରଯୋଗ୍ୟ ଭାବେ ପରୀକ୍ଷା କରିଥିଲା। ତେବେ ବୁଷ୍ଟେଡ୍-ଫିସନ୍ ଓ ଥର୍ମନ୍ୟୁକ୍ଲିୟର ଅସ୍ତ୍ର ଡିଜାଇନ୍ କ୍ଷେତ୍ରରେ ଭାରତର ଅଗ୍ରଗତି ଏବେ ବି ଅସ୍ପଷ୍ଟ ରହିଛି।

# ‘ବନ୍ଦେ ଉତ୍କଳ ଜନନୀ’କୁ ପୁଣି ବିରୋଧ କଲେ ଜୟନାରାୟଣ

ସମ୍ବଲପୁର, ୧୦।୯ (ସମିସ) : ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ତାଙ୍କ ବିବାଦୀୟ ମନ୍ତବ୍ୟ ଏବଂ ‘ବନ୍ଦେ ଉତ୍କଳ ଜନନୀ’ ଗାନ ସମୟରେ ଛିଡ଼ା ନହୋଇ ବହୁବାର ବିବାଦ ସୃଷ୍ଟି କରିଛନ୍ତି। ଆଜି ‘ବନ୍ଦେ ଓଡ଼ିଶା’ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ପୁଣିଥରେ ‘ବନ୍ଦେ ଉତ୍କଳ ଜନନୀ’ ଗୀତର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାସହ ଓଡ଼ିଶାର ୩୦ଟି ଜିଲ୍ଲା ଏବଂ ସମସ୍ତ ଅଞ୍ଚଳକୁ ସମାନ ପ୍ରତିନିଧିତ୍ୱ ଦେବା ପାଇଁ ‘ବନ୍ଦେ ଓଡ଼ିଶା ଜନନୀ’ ଭାବରେ ଏକ ସର୍ବସାଧାରଣ ଗୀତକୁ ଗ୍ରହଣ କରିବାକୁ ବିଧାୟକ ଶ୍ରୀ ମିଶ୍ର ପ୍ରସ୍ତାବ ରଖିଥିଲେ। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ତଥା ଆଞ୍ଚଳିକ ଅସ୍ମିତାର ସୁରକ୍ଷା ଏବଂ ବିକାଶକୁ ନେଇ ମଧ୍ୟ ସେ ଆଲୋଚନା କରିଥିଲେ।

ସେ କହିଛନ୍ତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପୂର୍ବରୁ ଏହି ଗୀତ ‘ବନ୍ଦେ ଉତ୍କଳ ଜନନୀ’ ରଚନା କରାଯାଇଥିଲା, ଉତ୍କଳ କହିଲେ ମୁଖ୍ୟତଃ କଟକ, ପୁରୀ ଓ ବାଲେଶ୍ୱର ଅଞ୍ଚଳର ଭୌଗୋଳିକ ଚିତ୍ରକୁ ପ୍ରତିଫଳିତ କରିଥାଏ ବୋଲି କହିଥିଲେ। ଓଡ଼ିଶାର ଏକ ଅଂଶକୁ ଯେତେବେଳେ ବନ୍ଦେ ଉତ୍କଳ ଜନନୀ ବୋଲି କୁହାଯିବ, ଆମେ ତାକୁ ଗ୍ରହଣ କରିବୁନି। ଯେଉଁ ଓଡ଼ିଶା ପ୍ରଦେଶ ଗଠନ ହେଲା ସେହି ଓଡ଼ିଶା ପ୍ରଦେଶର ଗୀତ ହେଉ, ସେହି ଓଡ଼ିଶା ପ୍ରଦେଶ ଗୀତରେ ଆମେ ସମ୍ବଲପୁରିଆ, ବଲାଙ୍ଗିରିଆ, କଳାହାଣ୍ଡିଆ, ଆଠମଲ୍ଲିକିଆ, କୋରାପୁଟିଆ ଆଦି ଆମ ସମସ୍ତଙ୍କର ଗୋଟିଏ ଜାଗା ରହୁ, ସେଥିରେ



ସ୍ଥାନ ପାଆନ୍ତୁ। ‘ବନ୍ଦେ ଓଡ଼ିଶା ଜନନୀ’ ଗୀତରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାର କଥା ରହୁ। ସୁପ୍ରିମକୋର୍ଟ କହିଛନ୍ତି - ରାଜ୍ୟ ପତାକା ଓ ରାଜ୍ୟ ଗୀତ ବୋଲି କିଛି ରହିପାରିବନି। ଏହାଦ୍ୱାରା ଆଞ୍ଚଳିକ ଗୀତ ରହିପାରିବନାହିଁ, ଓଡ଼ିଶାର ପତାକା ବୋଲି କିଛି ରହିପାରିବ ନାହିଁ। କେବଳ ଜାତୀୟ ସଙ୍ଗୀତ ରହିବ ଏବଂ ଜାତୀୟ ପତାକା ରହିବ। ଯେତେବେଳେ ସୁପ୍ରିମକୋର୍ଟ ରାଜ୍ୟ ଗୀତ ରହିବ ନାହିଁ ବୋଲି ମନା କରିଦେଲେ, ଆମେ କାହିଁକି ଏହି ଗୀତକୁ ଗାଇବା ପାଇଁ ବାଧ୍ୟ କରୁଛୁ ବୋଲି ସେ ପ୍ରଶ୍ନ କରିଥିଲେ। ବିଧାନସଭାରେ ପ୍ରଥମଦିନ ଜାତୀୟ ସଙ୍ଗୀତ (ଏବେ ବନ୍ଦେ ମାତରମ୍ ସହ) ଏବଂ ଶେଷଦିନ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଏ। ମୁଁ ପ୍ରତିବାଦ କରି ବାହାରିଆସେ, ଆପଣମାନେ ଯେଉଁଦିନ ‘ବନ୍ଦେ ଓଡ଼ିଶା ଜନନୀ’ କରିବେ ସେହିଦିନ ଠିଆ ହେବି ବୋଲି ସେ କହିଥିଲେ। ମୁଁ ବି ସଙ୍ଗୀତକୁ ସମ୍ମାନ ଦେବି। ଆମେ କ’ଣ ଜଗନ୍ନାଥ ସଂସ୍କୃତିକୁ ମାନୁନାହୁଁ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। ଜଗନ୍ନାଥ ମନ୍ଦିର ନାମରେ ପଶ୍ଚିମ ଓଡ଼ିଶାରେ ସବୁଠୁ ବେଶୀ ଜମି ରହିଛି। ସମ୍ବଲପୁର, ଛତିଶଗଡ଼ ଓ ଆଖପାଖ ଅଞ୍ଚଳର ଲୋକମାନେ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଅନେକ ଜମି ଦାନ କରିଛନ୍ତି ଏବଂ ପ୍ରତ୍ୟେକ ଗାଁରେ ଜଗନ୍ନାଥ ମନ୍ଦିର ରହିଛି। ପ୍ରଭୁ ଜଗନ୍ନାଥ କେବଳ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ସୀମାବଦ୍ଧ ନୁହଁନ୍ତି, ବରଂ ସେ ସମଗ୍ର ମାନବ ଜାତିର ବୋଲି ବିଧାୟକ କହିଛନ୍ତି। ଆମେ ଜଗନ୍ନାଥ ସଂସ୍କୃତିର, ଆମେ ସମଲେଇ ସଂସ୍କୃତିର ବି ବୋଲି ସେ କହିଛନ୍ତି। ସମ୍ବଲପୁରୀ ଭାଷା, ସଂସ୍କୃତି ଓ ଆଞ୍ଚଳିକ ଅସ୍ମିତାର ସୁରକ୍ଷା ତଥା ବିକାଶକୁ ନେଇ ଏକ ବିଧାୟକ ବିଶେଷ ଭାବରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା, ଆମ ସମ୍ବଲପୁରୀ ଭାଷା ମଧ୍ୟ ସମୃଦ୍ଧ ଭାଷା। ବହୁ ଅଞ୍ଚଳର ଲୋକେ ସମ୍ବଲପୁରୀ ଭାଷା କହନ୍ତି। ଭାଷା କେବେ ବି ଅନ୍ୟ ଭାଷାର ଶତ୍ରୁ ନୁହେଁ, ବରଂ ଏହା ମାନବ ସମାଜକୁ ଯୋଡ଼ିବାର କାର୍ଯ୍ୟ କରେ। ସମ୍ବଲପୁରୀ ଭାଷା ଏକ ବୈଜ୍ଞାନିକ ଓ ସମୃଦ୍ଧ ଭାଷା ହୋଇଥିବାରୁ ଏହାର ଲିପି, ସାହିତ୍ୟ ଓ ଶବ୍ଦକୋଷର ଅଧିକ ରଚନା ଏବଂ ପ୍ରସାର ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ଠାରେ ସ୍ଥାପନା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ, “ବନ୍ଦେ ଓଡ଼ିଶା’ ସମ୍ବଲପୁର ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡର ପୂର୍ବତନ ଅଧକ୍ଷା ତଥା “ବନ୍ଦେ ଓଡ଼ିଶା’ କାର୍ଯ୍ୟକ୍ରମର ଅଧକ୍ଷା ନିବେଦିତା ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ “ବନ୍ଦେ ଓଡ଼ିଶା’ ସ୍ୱାଗତ କମିଟିର ଅଧକ୍ଷ ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ଓ ବରଗଡ଼ର ବରିଷ୍ଠ ବିଜେପି ନେତା ସୁରେଶ୍ୱର ଶତପଥୀ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ‘ବନ୍ଦେ ଓଡ଼ିଶା ସମ୍ମାନ’ ପ୍ରଦାନ କରାଯାଇଥିଲା।

## ହୀରାକୁଦ ଜଳସ୍ତର ୬୨୮.୭୯ ଫୁଟ୍

ସମ୍ବଲପୁର, ୧୦।୯ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଏବେ ଜଳସ୍ତର ୬୨୯ ଫୁଟ୍ ପାଖାପାଖି ହେଲାଣି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। କର୍ଭରୁଲ୍ ଅନୁଯାୟୀ, ଜଳସ୍ତର ବଜାୟ ରଖିବା ସକାଶେ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଆଜି ଅପରାହ୍ଣରେ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଇଥିଲା। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩.୮୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୭୧ ମିମି ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୭୯ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୭,୯୩୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧୨,୫୨୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ଜଳ ନିଷ୍କାସିତ ହେଉନାହିଁ। ପାୱାର ଚେନାଲ ଦେଇ ୮୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଜଳସେଚନ ସକାଶେ ୨୨୧ କ୍ୟୁସେକ୍, କେନାଲ ପାଇଁ ୪୧୫୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

## ବଜ୍ରପାତରେ ଟଳିପଡ଼ିଲେ ଚାଷୀ

ବାରିପଦା/ଶୁଳିଆପଦା, ୧୦।୯ (ସମିସ): ଆକସ୍ମିକ ବଜ୍ରପାତ ଯୋଗୁଁ ଶୁଳିଆପଦା ଥାନା କୋଷ୍ଠା ପଞ୍ଚାୟତ ଅଧୀନ ଜୁରକା ଗ୍ରାମର ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜୁରକା ଗ୍ରାମର ବୃଦ୍ଧ ସନ୍ତୋଷ କୁମାର ସି(୭୨) ଗୁରୁବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ବିଲରେ ଚାଷ କାମ କରୁଥିବା ବେଳେ ପ୍ରବଳ ବର୍ଷା ସହ ଘଡଘଡି ମାରିଥିଲା ଏବଂ ସନ୍ତୋଷଙ୍କ ଉପରେ ବଜ୍ରପାତ ହୋଇଥିଲା।

## ଲାଞ୍ଚ ନେବାବେଳେ କୋର୍ଟ କିରାଣିଙ୍କୁ ଧରିଲା ଭିଜିଲାନ୍ସ

ମାଲକାନଗିରି/ମାଥିଲି,୧୦।୯ (ସମିସ) ନ୍ୟାୟ ପାଇବାର ଆଶାରେ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି। ଆଇନର ଆଶ୍ରୟ ନେଇ ନିରପେକ୍ଷ ନ୍ୟାୟ ପାଇବା ହେଉଛି ପ୍ରତ୍ୟେକ ନାଗରିକଙ୍କ ଅଧିକାର। ତେବେ ନ୍ୟାୟ ପ୍ରଦାନର ପବିତ୍ର ପରିସରରେ ଯଦି ଲାଞ୍ଚ କାରବାରର ଅଭିଯୋଗ ଉଠେ, ତେବେ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ।



ଏଭଳି ଏକ ଘଟଣା ମାଲକାନଗିରି ଜିଲ୍ଲାର ମାଥିଲି ସଦର ମହକୁମାସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ଘଟିଛି। ଏକ ମାମଲାରେ ସହାୟତା କରିବା ଓ ରଫାଦଫା କରିଦେବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଜେଏମ୍‌ଏଫ୍‌ସି କୋର୍ଟର ବେଞ୍ଚ କ୍ଲର୍କ ଅଚ୍ୟୁତ ପ୍ରଧାନଙ୍କୁ ଭିଜିଲାନ୍ସ ଟିମ୍ ଧରିଥିବା ଜଣାପଡ଼ିଛି। ସୂଚନାନୁସାରେ, ଜଣେ ବ୍ୟକ୍ତିଙ୍କୁ ତାଙ୍କ ଘରକୁ ଡାକି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ଅଚ୍ୟୁତଙ୍କୁ କାବୁ କରିଥିଲା। ଘଟଣା ପରେ ଜୟପୁର ଓ ମାଲକାନଗିରି ଭିଜିଲାନ୍ସର ମିଳିତ ଟିମ୍ ଅଚ୍ୟୁତ ପ୍ରଧାନଙ୍କ ଘରେ ଚଢ଼ଉ କରି ଯାଞ୍ଚ ଜାରି ରଖିଥିବା ଜଣାପଡ଼ିଛି। ଲାଞ୍ଚ ନେବା ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ନ୍ୟାୟାଳୟ ଭଳି ଏକ ସମ୍ବେଦନଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ପରିସରରେ ଏଭଳି ଅଭିଯୋଗ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି।

## ବରୀ ବ୍ଲକ୍ ମହିଳା ବିଡିଓଙ୍କୁ ହତ୍ୟା ଧମକ

ବରୀ,୧୦।୯ (ସମିସ): ରାଜ୍ୟରେ ସରକାର ବଦଳିବା ପରେ ବିକାଶମୂଳକ କାର୍ଯ୍ୟ ଠପ ହୋଇଯାଇଛି। ବରୀରେ ବିଧାୟକ ବିଜୁ ଜନତା ଦଳ ଥିବାବେଳେ ବ୍ଲକ୍ ଅଧକ୍ଷ ଶାସକ ବିଜେପି ଦଳରେ ଯୋଗ ଦେଇଛନ୍ତି। କିନ୍ତୁ ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସରକାରୀ ପ୍ରଶାସନ ସହିତ ସମନ୍ୱୟର ଅଭାବ ଫଳରେ ବିକାଶ ମୂଳକ କାର୍ଯ୍ୟ ହୋଇପାରୁନଥିବା ବେଳେ ବରୀ ବ୍ଲକ୍ ଅଧକ୍ଷ ଏବଂ ବିଡିଓ ମୁହାଁମୁହିଁ ଅବସ୍ଥାକୁ ଆସିଥିବା ଜଣାପଡ଼ିଛି। ବିଗତ ଦିନରେ ପଞ୍ଚାୟତ

**ଶାସକ ଦଳର ଅଧକ୍ଷଙ୍କ ଦାଦାଗିରି, ଥାନାରେ ମାମଲା**



ସମିତି ବୈଠକ ତାରିଖ ଧାର୍ଯ୍ୟ ହେବା ଓ ପରବର୍ତ୍ତୀ ଅବସ୍ଥାରେ ଏହା ବାତିଲ ହେବା ଘଟଣାକୁ ନେଇ ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡି ବିଡିଓଙ୍କୁ ଅପାରଗ ବୋଲି ମନ୍ତବ୍ୟ ଦେଇଥିଲେ। ଆଜି ବ୍ଲକ ଅଧକ୍ଷ ଶ୍ରୀ ଗେଡୀ ବିଡିଓଙ୍କୁ ଅଶାଳୀନ ମନ୍ତବ୍ୟ ଓ ହତ୍ୟା ଧମକ ଦେବା ଘଟଣାକୁ ନେଇ ବିଡିଓ ମୀନତି ଜଗଦେବ ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ବରୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ବରୀ ଥାନାରେ ୩୪୯/୨୬ ରେ ଏକ ମାମଲା ରୁଜୁ ହୋଇଛି। ଏ ବିଷୟରେ ବରୀ ଥାନା ଅଧିକାରିଣୀ ହେମଲତା ଦାସଙ୍କୁ ପଚାରିବାର ସେ କୁହନ୍ତି ବିଡିଓଙ୍କ ଲିଖିତ ଅଭିଯୋଗ ମିଳିଛି। ତେବେ କେଉଁ ପରିସ୍ଥିତିରେ ବ୍ଲକ ଅଧକ୍ଷ ଏଭଳି ଧମକ ଦେଲେ ଯାହା ଫଳରେ ମହିଳା ବିଡିଓ ଜଣକ ଥାନାରେ ଏତଲା ଦେବାକୁ ବାଧ୍ୟ ହେଲେ ତାହା ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଶାସକ ଦଳର ସିଧାସଳଖ ଏହା ଗୁଣ୍ଡାରାଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଆଗକୁ ଏହି ଅଭିଯୋଗର କାର୍ଯ୍ୟାନୁଷ୍ଠାନ କ’ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## କାଜୁ ବଗିଚାରୁ ହାତୀ ଛୁଆର ମୃତଦେହ ଉଦ୍ଧାର

ବାରିପଦା/କରଞ୍ଜିଆ, ୧୦।୯(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେଞ୍ଜ ଟଙ୍ଗାବିଲା ସେକ୍ସନର ହାତୀମୁଣ୍ଡି ଗ୍ରାମରେ ଏକ ମାଈ ହାତୀ ଛୁଆର ମୃତ୍ୟୁ ଘଟିଛି। ଗୁରୁବାର ଭୋର ପ୍ରାୟ ୫ଟା ୧୦ ମିନିଟ୍ ସମୟରେ ଟଙ୍ଗାବିଲା ବିଟ୍ ଗାର୍ଡ ପାଟ୍ରୋଲିଂ କରୁଥିବାବେଳେ ଏହି ମୃତଦେହ ଠାବ କରିଥିଲେ। ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ହାତୀମୁଣ୍ଡି



ସଂରକ୍ଷିତ ଜଙ୍ଗଲଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଫକୀର ନାଏକଙ୍କ ରେକର୍ଡଭୁକ୍ତ ଜମିର କାଜୁ ବଗିଚାରେ ହାତୀ ଛୁଆଟି ପଡ଼ିରହିଥିଲା। ମୃତ ମାଈ ହାତୀ ଛୁଆର ବୟସ ଏକ ମାସରୁ କମ୍ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀ ଛୁଆର ମୃତ୍ୟୁ କେଉଁ କାରଣରୁ ହୋଇଛି, ସେ ନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ଡ ଗୋଗେନାନୀ କହିଛନ୍ତି। ଶିମିଳିପାଳରୁ ହାତୀ ପଲରୁ ଚାଲି ଆସିଥିବା ହାତୀ ଶାବକଟି ପୋଖରୀଆ ଜଙ୍ଗଲରେ ୧୭ ଦିନ ତଳେ ଜନ୍ମ ହୋଇଥିଲା।

## ଟ୍ରେନ୍ ଧକ୍କାରେ ଦନ୍ତା ହାତୀ ମୃତ

■ ବିଷମ କଟକ, ୧୦।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଏବଂ ଥେରୁବାଲି ଷ୍ଟେସନ୍ ମଝିରେ ଥିବା ବଡ଼ ବୃନ୍ଦାବାଡ଼ି ନିକଟର ରେଳଧାରଣା କଡ଼ରୁ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି। ବିଷମକଟକ ଷ୍ଟେସନରୁ ଥେରୁବାଲି ଅଭିମୁଖେ ଯାଉଥିବା ଏକ ‘ବ୍ୟାଙ୍କର୍ ଲାଇଟ୍ ଇଞ୍ଜିନ୍’ ସହ ଦନ୍ତା ହାତୀ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ହାତୀଟି ରେଳଧାରଣାରୁ ପ୍ରାୟ ୩ ମିଟର ଦୂରକୁ ଛିଟିକି ପଡ଼ି ପ୍ରାଣ ହରାଇଛି। ଘଟଣା ସଂକ୍ରାନ୍ତରେ ଖବର ପାଇ ଆଜି ମୁନିଗୁଡା ରେଞ୍ଜର ପ୍ରବୀଣ କୁମାର ଦାଶ, ବନପାଳ ଦିନବନ୍ଧୁ ଶବରଙ୍କ ଉପସ୍ଥିତିରେ ମୁନିଗୁଡା ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ସୌଦାମିନି ନାୟକ, ବିଷମ କଟକ ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ରେବତୀ ରମଣ ମହାନ୍ତି ଏବଂ ଚନ୍ଦ୍ରପୁରର ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ଶଙ୍କର ହିଆଳ ମୃତ ହାତୀର ଶବ ବ୍ୟବଚ୍ଛେଦ କରିଛନ୍ତି। ହାତୀର ଦୁଇଟି ଦାନ୍ତକୁ କାଟି ବନ ବିଭାଗ ନିଜ ହେପାଜତରେ ରଖିଛି। ଶବକୁ ଖୋଲା ପଡିଆରେ ପୋତି ଦିଆଯାଇଛି। ୪ଟିକିଆ ହାତୀପଲ ବୃନ୍ଦାବାଡି ଗ୍ରାମ ରେଳ ଲାଇନ୍ ନିକଟରେ ରହିବା ସହ ଏହି ରେଳ ଧାରଣା ଦେଇ ଚଳପ୍ରଚଳ କରୁଥିବା ବନ ବିଭାଗ ପୂର୍ବରୁ କହି ଆସୁଥିଲା। ନିୟମ ଅନୁସାରେ, ଏପରି ସମ୍ବେଦନଶୀଳ ଅଞ୍ଚଳରେ ଟ୍ରେନ୍‌ଗୁଡ଼ିକର ଗତିସୀମା କମ୍ ରଖିବାକୁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଆଜି କେଉଁ ପରିସ୍ଥିତିରେ ଏକ ମୂଲ୍ୟବାନ ହାତୀର ଜୀବନ ଚାଲିଯାଇଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଯଦି ବନ ବିଭାଗ ଓ ରେଳ ବିଭାଗ ସଜାଗ ଥାଆନ୍ତେ, ତେବେ ହୁଏତ ଏହି ଦୁର୍ଘଟଣାକୁ ଏଡ଼ାଯାଇ ପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



### ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତରେ ୨.୧୦ ଲକ୍ଷ କୋଟି ନିବେଶ ପାଇଁ ଏମ୍‌ଓୟୁ

## ବିଜେଡିର ପ୍ରଶ୍ନ, ଏହା ପୂର୍ବ ଘୋଷଣାର ପୁନରାବୃତ୍ତି ନୁହେଁ ତ

ଭୁବନେଶ୍ୱର,୧୦।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବର୍ତ୍ତମାନର ୟୁଏଇ ଗସ୍ତ ଅବସରରେ ଗୁରବାର ରାଜ୍ୟରେ ୨.୧୦ ଲକ୍ଷ କୋଟିର ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଏହି ଏମଓୟୁକୁ ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ୨୦୨୫ ଜାନୁଆରୀର ଉତ୍କର୍ଷ ଓଡ଼ିଶା ସମୟରେ ହୋଇଥିବା ଘୋଷଣାର ପୁନରାବୃତ୍ତି ନୁହେଁ ତ ବୋଲି ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣରେ ଘେରିଛନ୍ତି।

ଗୌତମବୁଦ୍ଧ ଦାସ କହିଥିଲେ ଯେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ୍ ସହ ଓଡ଼ିଶା ସରକାରଙ୍କ ୨.୧ ଲକ୍ଷ କୋଟିର ନିବେଶ ପ୍ରସ୍ତାବକୁ ନେଇ ଏବେ ଏକ ବଡ଼ ପ୍ରଶ୍ନ ଉଠୁଛି। ଜାନୁଆରୀ ୨୦୨୫ର ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନକ୍ଲେଭରେ ଆଦାନୀ ଗ୍ରୁପ ଓଡ଼ିଶାରେ ଆଗାମୀ ୫ ବର୍ଷରେ ୨.୩ ଲକ୍ଷ କୋଟି ନିବେଶ କରିବାକୁ ଘୋଷଣା କରାଯାଇଥିଲା। ଏଥିରେ ପାୱାର, ସିମେଣ୍ଟ, ଇଣ୍ଡଷ୍ଟ୍ରିଆଲ ପାର୍କ, ଆଲୁମିନିୟମ ଓ ସିଟି ଗ୍ୟାସ ଇତ୍ୟାଦି କ୍ଷେତ୍ର ସାମିଲ ଥିଲା। ଏବେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ ମିଳିତ ଭାବେ ଓଡ଼ିଶାରେ ୧୪ଟି ପ୍ରକଳ୍ପରେ ପ୍ରାୟ



- ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟୀକରଣ ରଖନ୍ତୁ
- ଧୂଆଁବାଣ ଛାଡ଼ିବାରେ ବିଜେପି ସିଦ୍ଧହସ୍ତ

୨.୧ ଲକ୍ଷ କୋଟି ନିବେଶ ସମ୍ଭାବନା ନେଇ ଏମଓୟୁ କରିଛନ୍ତି ବୋଲି କୁହାଯାଇଛି। ତେବେ ଏହି ଦୁଇ ଘୋଷଣା ମଧ୍ୟରେ କେତେ ନିବେଶ ଓ ପ୍ରକଳ୍ପ ପରସ୍ପର ସହ ମେଳ ଖାଉଥିବାରୁ ରାଜ୍ୟ ସରକାର ଏହାକୁ ସ୍ପଷ୍ଟ କରିବା ଦରକାର। ସେ ଆହୁରି ମଧ୍ୟ କହିଥିଲେ ଯେ ବିଭିନ୍ନ ମିଥ୍ୟା କଥା କହିବାରେ ସରକାରଙ୍କ ଛୋଟ ଉପଲବ୍‌ଧିକୁ ଅତିରଞ୍ଜିତ କରି ବର୍ଣ୍ଣନା କରିବାରେ ଓ ରାଜ୍ୟବାସୀଙ୍କୁ ଧୂଆଁବାଣ ମାରିବାରେ ବିଜେପି ସିଦ୍ଧହସ୍ତ। ତେଣୁ ଉତ୍କର୍ଷ ଓଡ଼ିଶା ସମୟରେ ଘୋଷଣା ହୋଇଥିବା ପ୍ରକଳ୍ପ ଓ ୟୁଏଇରେ ସ୍ୱାକ୍ଷରିତ ହୋଇଥିବା ଏମଓୟୁରେ ଥିବା ପ୍ରକଳ୍ପରେ ସମାନତା ଦେଖିବାକୁ ମିଳୁଥିବାରୁ, ଏହା ପୂର୍ବ ଘୋଷଣାର ପୁନରାବୃତ୍ତି ବୋଲି ସନ୍ଦେହ ଉପୁଜିଛି। ଡ. ଲେନିନ ମହାନ୍ତି କହିଥିଲେ ଯେ ପୁଞ୍ଜି ନିବେଶ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ହେଉଥିବା ଘୋଷଣା ଓ ବାସ୍ତବତା ଭିତରେ ବଡ଼ ବ୍ୟବଧାନ ପରିଲକ୍ଷିତ ହେଉଛି। ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଗସ୍ତ ସମୟରେ ଆନୁଷ୍ଠାନିକ ଭାବେ କୌଣସି ଏମଓୟୁ ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବିପୁଳ ପୁଞ୍ଜିନିବେଶ ହେବ ବୋଲି ଦାବି କରାଯାଇଥିଲା। କିନ୍ତୁ ସେହି ଗସ୍ତର ଫାଇଦା ରାଜ୍ୟବାସୀଙ୍କୁ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ। ଏବେ ୟୁଏଇ ଗସ୍ତକୁ ନେଇ ବଡ଼ ଉପଲବ୍‌ଧି କଥା କୁହାଯାଉଛି। ଏହି ଘୋଷଣା ପୂର୍ବ ଘୋଷଣା ସହିତ ମେଳ ଖାଉଥିବାରୁ, ଏହା କେବଳ ଏକ ଭେଲିକି ଭଳି ମନେ ହେଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଡକ୍ଟର ପ୍ରତିଭା ରାୟଙ୍କୁ ସାହିତ୍ୟ ଅକାଦେମି ଫେଲୋସିପ୍

### ପ୍ରତିଭା ରାୟ ଭାରତୀୟ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ: ଡା ମାଧବ କୌଶିକ

ଭୁବନେଶ୍ୱର, ୧୦।୯(ସମିସ): ଭୁବନେଶ୍ୱରର ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ ଲେଖିକା ଡା. ପ୍ରତିଭା ରାୟଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଛି। ଏହି ଫେଲୋସିପ୍ ପାଇବାରେ ପ୍ରତିଭା ରାୟ ଓଡ଼ିଶାର ପ୍ରଥମ ଲେଖିକା। ଏହି ଅବସରରେ ସାହିତ୍ୟ ଅକାଦେମିର ସଚିବ ଡା. ବରୁଣ ଗୁଲାଟି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ସହ ପ୍ରଶସ୍ତିପତ୍ର ପାଠ କରିଥିଲେ। ସାହିତ୍ୟ ଅକାଦେମିର ସଭାପତି ଡା. ମାଧବ କୌଶିକ୍ ଫେଲୋସିପ୍ ଫଳକ ଡା. ରାୟଙ୍କୁ ଅର୍ପଣ ସହ ସଭାପତୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଡ଼ା. କୌଶିକ ନିଜର ଅଭିଭାଷଣରେ ଡା. ରାୟଙ୍କୁ ଭାରତୀୟ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ ଭାବରେ ଅଭିହିତ କରିଥିଲେ। ଏହି ଅବସରରେ ଏକ ସଂବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯେଉଁଥିରେ ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡା. ଗୌରହରି ଦାସ ଅଧକ୍ଷତା କରିଥିଲେ। ଲେଖକ ଦେବପ୍ରସାଦ ଦାଶ, ପ୍ରଫେସର ସଂଘମିତ୍ରା ମିଶ୍ର ଏବଂ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରତିଭା ରାୟଙ୍କ ଜୀବନୀ ଏବଂ କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ରାୟ ସମ୍ମାନ ସ୍ୱୀକାରୋକ୍ତି ବକ୍ତବ୍ୟ ପ୍ରଦାନ ସହ ମାତୃଭାଷା ଓଡ଼ିଆ ଏବଂ ସାହିତ୍ୟ ପରମ୍ପରାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ



କରିଥିଲେ। ଶେଷରେ ସାହିତ୍ୟ ଅକାଦେମିର ଉପସଚିବ ଡା. ଏନ ସୁରେଶ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଡା. ଆଦ୍ୟାଶା ଦାସ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲେଖକ, ଛାତ୍ରଛାତ୍ରୀ ଏବଂ ବିଦ୍ୱାନ ଉପସ୍ଥିତ ରହିଥିଲେ।

**ଅପରେସନ୍ ଅନ୍ୱେଷଣ**

## ୧୭ ରାଜ୍ୟରୁ ୧୦୧ ଓଡ଼ିଆ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୧୦।୯ (ସମିସ): ଅନ୍ୟ ରାଜ୍ୟରେ ନିଖୋଜ ଓ ମାନବ ଚାଲାଣର ଶିକାର ହୋଇଥିବା ଓଡ଼ିଆ ଶିଶୁଙ୍କୁ ଠାବ କରି ଉଦ୍ଧାର କରିବା ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ପକ୍ଷରୁ ‘ଅପରେସନ୍ ଅନ୍ୱେଷଣ’ ଆରମ୍ଭ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର

- ନାବାଳିକା ମା’ ଓ ୩ ମାସର ଶିଶୁ ଠାବ
- ୧୨ଦିନ ଧରି ଚାଲିଥିଲା ଧରପଗଡ଼
- ଉଦ୍ଧାରଙ୍କ ମଧ୍ୟରେ ୫୪ ନାବାଳକ, ୪୭ ନାବାଳିକା

୮ ପର୍ଯ୍ୟନ୍ତ ୧୨ ଦିନ ଧରି ଅଭିଯାନ ଜାରି ରହିଥିଲା। ଏହି ଅଭିଯାନରେ ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁଙ୍କୁ ଠାବ କରାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରେ ୫୪ ଜଣ ପୁଅ ଓ ୪୭ ଜଣ ଝିଅ ଅଛନ୍ତି। ଏ ନେଇ ସିଏଡବ୍ଲ୍ୟୁ ଓ ସିଡବ୍ଲୁର ଆଇଜି ଏସ୍ ସାଇନି ସୂଚନା ଦେଇଛନ୍ତି। ଓଡ଼ିଶା ପୁଲିସର ୧୭ଟି ଟିମ୍ ୧୭ଟି ରାଜ୍ୟକୁ ଯାଇ ନିଖୋଜ ଶିଶୁଙ୍କ ସନ୍ଧାନ କରିଥିଲେ। ଖୋଜାଖୋଜି, ମିଳିଥିବା ସୂଚନାର



ଯାଞ୍ଚ ଓ ସମ୍ପୃକ୍ତ ରାଜ୍ୟର କର୍ତ୍ତୃପକ୍ଷ ଏବଂ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍ ସହ ସମନ୍ୱୟ ମାଧ୍ୟମରେ ଶିଶୁମାନଙ୍କୁ ଠାବ କରାଯାଇଥିଲା। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ନୂଆଦିଲ୍ଲୀ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଏହି ଅଭିଯାନ ଚାଲିଥିଲା। ୮୩ ଜଣ ଶିଶୁଙ୍କୁ ବିଭିନ୍ନ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ଠାବ କରାଯାଇଥିଲା। ଏଥିରେ ୪୬ ଜଣ ପୁଅ ଓ ୩୭ ଝିଅ ଅଛନ୍ତି। ୬ ନାବାଳକ ଓ ଜଣେ ନାବାଳିକାକୁ ନିର୍ମାଣାଧୀନ ସ୍ଥଳରୁ ଠାବ କରାଯାଇଛି। ଓଡ଼ିଶାରେ ନିଖୋଜ ନେଇ ମାମଲା ରୁଜୁ ହୋଇଥିବା ୧୧ ଜଣ ଶିଶୁଙ୍କୁ ମଧ୍ୟ ଠାବ କରାଯାଇଛି। ସେମାନଙ୍କ ମଧ୍ୟରେ ୨ ପୁଅ ଓ ୯ ଝିଅ ଅଛନ୍ତି।

ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ପଶ୍ଚିମବଙ୍ଗ ଯାଇଥିବା ବେଳେ ପୂର୍ବାଞ୍ଚଳ ରେଞ୍ଜ୍ ଡିଆଇଜି ପିନାକ ମିଶ୍ର ଏହାର ତଦାରଖ କରୁଥିଲେ। ଫଳରେ ସର୍ବାଧିକ ୩୦ ଜଣ ଶିଶୁଙ୍କୁ ପଶ୍ଚିମବଙ୍ଗରୁ ଠାବ କରାଯାଇଛି। କର୍ଣ୍ଣାଟକରୁ ୧୧ ଜଣ ଶିଶୁ ଠାବ ହୋଇଥିବାବେଳେ ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କ ଟିମ୍ ଏହି ଅଭିଯାନରେ ସାମିଲ ହୋଇଥିଲା। ଡିଏସ୍‌ପି ଜ୍ୟୋସ୍ନାରାଣୀ ବେହେରା ଓ ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ଏବଂ ତାମିଲନାଡୁରୁ ୧୦ ଜଣ ଲେଖାଏଁ ଶିଶୁ ଠାବ ହୋଇଛନ୍ତି। ଏହି ଅଭିଯାନରେ ଠାବ ହୋଇଥିବା ସର୍ବକନିଷ୍ଠ ଶିଶୁର ବୟସ ମାତ୍ର ୩ ମାସ। ସେ ନିଜ ନାବାଳିକା ମା’ଙ୍କ ସହ ଏକ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ରହୁଥିବା ବେଳେ ପୁଲିସ ଉଭୟଙ୍କୁ ଠାବ କରିଥିଲା। ଅନ୍ୟପକ୍ଷରେ ଉଦ୍ଧାର ହୋଇଥିବା ଜଣେ ଶିଶୁ ୫ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ଅନୁଷ୍ଠାନରେ ଥିଲା ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରୁ କେତେଜଣଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଥିବା ବେଳେ ଆଉ କିଛିଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହି ଅଭିଯାନ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ଲିଗାଲ୍-କମ୍-ପ୍ରୋବେସନ୍ ଅଫିସରମାନେ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇଥିବା ବେଳେ ଶିଶୁମାନଙ୍କ ପୁନଃଏକୀକରଣ ଓ ପୁନର୍ବାସ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.08.2026 ରେ ବୟସ (ବର୍ଷ) |
|---|---|---|
| | | ସର୍ବାଧିକ |
| ଗ୍ରୁପ ସିଆଇଏସ୍‌ଓ (ମୁଖ୍ୟ ସୂଚନା ସୁରକ୍ଷା ଅଧିକାରୀ) | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 04.09.2026 ରୁ 24.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 04.09.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ୬ଷ୍ଠ ସିଏଲଆଇ ଏକ୍ସପୋ -୨୦୨୬

# ପରବର୍ତ୍ତୀ ପିଢ଼ିର ଖଣି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ

ରାଉରକେଲା, ୧୦।୯ (ସମିସ)




ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ ୨୦୨୬ ରେ ଏହାର ପ୍ରଯୁକ୍ତିବିଦ୍ୟା-ଆଧାରିତ ଖଣି କାର୍ଯ୍ୟ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି। ଭାରତୀୟ କୋଇଲା ଫୋରମ୍ ଏବଂ କୋଇଲା ଉତ୍ପାଦକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତର କୋଇଲା ଏବଂ ଖଣିକ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇଥିଲେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଭାରତୀୟ କୋଇଲା ଫୋରମ୍ ଏବଂ ପୂର୍ବତନ ସଚିବ, କୋଇଲା ମନ୍ତ୍ରଣାଳୟ ଅଧ୍ୟକ୍ଷ ଆଲୋକ ପର୍ତ୍ତି, କୋଇଲା ଉତ୍ପାଦକ ସଂଘ (ସିପିଏ)ର ଅଧ୍ୟକ୍ଷ କପିଲ ଧଗତ ଏବଂ ପିୟରଲେସ୍ ଗ୍ରୁପ୍ ଏବଂ ପୂର୍ବତନ ଅଧ୍ୟକ୍ଷ, କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍)ର ଅଧ୍ୟକ୍ଷ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ ପ୍ରମୁଖ ବେଦାନ୍ତର କର୍ମଚାରୀମାନଙ୍କ ସହିତ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ସମ୍ପର୍କିତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ କୁରାଲୋଇ, ଜାମଖାନି, ଘୋଘରପଲ୍ଲୀ, ରାଧିକାପୁର ଏବଂ ବର୍ରା ଅନ୍ତର୍ଭୁକ୍ତ ଥିଲା, ଯାହା ପରିଦର୍ଶକମାନଙ୍କୁ ଏହାର ଖଣି କାର୍ଯ୍ୟ, ଭୂପୃଷ୍ଠ ଏବଂ କୋଇଲା ଖନନ ପ୍ରକ୍ରିୟା, ସୁରକ୍ଷା ଅଭ୍ୟାସ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି, ସିଏଲ୍ଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ବିନିମୟ କରିବା ଏବଂ ଆମର ଖଣି କାର୍ଯ୍ୟକଳାପ ମଧ୍ୟରେ ଆମର ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ଆମ ଖଣି ଆଖପାଖର ସମ୍ପ୍ରଦାୟଗୁଡ଼ିକୁ ସହାୟତା କରିବା ଜାରି ରଖିବା ସହିତ ଆମେ ସୁରକ୍ଷା, ପରିଚାଳନା ଏବଂ ଦକ୍ଷତାକୁ ମଜବୁତ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ଏବଂ ଡାଟା-ପରିଚାଳିତ ଅନ୍ତର୍ଦୃଷ୍ଟିର ଲାଭ ଉଠାଉଛୁ। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରୟାସକୁ ପ୍ରଶଂସା କରି ଭାରତୀୟ କୋଇଲା ଫୋରମର ଅଧ୍ୟକ୍ଷ ତଥା କୋଇଲା ମନ୍ତ୍ରଣାଳୟର ପୂର୍ବତନ ସଚିବ ଆଲୋକ ପର୍ତ୍ତି କହିଛନ୍ତି, 'ବେଦାନ୍ତର ସମନ୍ୱିତ କୋଇଲା, ଶକ୍ତି ଏବଂ ଆଲୁମିନିୟମ ପରିଚାଳନା ପ୍ରଦର୍ଶନ କରୁଛି ଯେ କିପରି ପ୍ରଯୁକ୍ତିବିଦ୍ୟା ଭାରତର ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିପାରିବ, ଯେତେବେଳେ କି ଖଣି ଅଭ୍ୟାସର ଆଧୁନିକୀକରଣ ଉପରେ ଏହାର ପଦକ୍ଷେପ ଆବଶ୍ୟକତା ସହିତ ମେଳ ଖାଉଛି। ପ୍ରଦର୍ଶନୀର ଏକ ପ୍ରମୁଖ ବିଶେଷତ୍ୱ ଥିଲା ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଆଧୁନିକ ଖନନ ପ୍ରତି ପ୍ରଯୁକ୍ତିବିଦ୍ୟା ପରିଚାଳିତ ଆଭିମୁଖ୍ୟ। କମ୍ପାନୀ ସୁରକ୍ଷା, ପରିଚାଳନା ଦୃଶ୍ୟମାନତା ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ନିୟୋଜିତ ଡିଜିଟାଲ୍ ସମାଧାନ ପ୍ରଦର୍ଶନ କରିଥିଲା, ଯେଉଁଥିରେ ରିଅଲ୍ ଟାଇମ୍ ମନିଟରିଂ, ଏଆଇ-ଆଧାରିତ ତଦାରଖ ଏବଂ ଉନ୍ନତଖଣି ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏକ ସମନ୍ୱିତ ପରିଚାଳନା ଡାସବୋର୍ଡ ଉପକରଣ ଉପଯୋଗ, କୋଇଲା ପ୍ରେରଣ ଏବଂ ମହଜୁଦର ଗୁଣବତ୍ତା ଦର୍ଶାଇବାକୁ ରିଅଲ୍ ଟାଇମ୍ ଡାଟା ପ୍ରଦାନ କରେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି କର୍ମଚାରୀମାନେ ମଧ୍ୟ ଏକ ସ୍ୱତନ୍ତ୍ର ବି୨ବି ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ କୋଇଲା ପରିଚାଳନା, ଖଣି ବିକାଶ ଏବଂ ସମ୍ପତ୍ତି ପରିଚାଳନା ଉପରେ ଦୃଷ୍ଟିକୋଣ ବାଣ୍ଟିଥିଲେ। ଏହି ଷ୍ଟଲରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ସମର୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି)ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ତୃଣମୂଳସ୍ତରରେ ଉଦ୍ୟମିତା ଏବଂ ସ୍ଥାୟୀ ଜୀବିକାପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତି, ବିଶେଷଜ୍ଞ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ୫୦୦ ରୁ ଅଧିକ ପରିଦର୍ଶକଙ୍କୁ ଆକୃଷ୍ଟ କରି, ଏହି ପ୍ରଦର୍ଶନୀ ଦାୟିତ୍ୱବାନ ଅଭିବୃଦ୍ଧି ପାଇଁ ବେଦାନ୍ତର ସମନ୍ୱିତ ଆଭିମୁଖ୍ୟକୁ ରେଖାଙ୍କିତ କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଜୀବିକା ବୃଦ୍ଧି କ୍ଷେତ୍ରରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ କୋଇଲା ଖଣିର ଗୋଷ୍ଠୀ କାର୍ଯ୍ୟକ୍ରମ ୨୬ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିଥିବା ଜଣାପଡ଼ିଛି।

● ଷ୍ଟେସନର ପ୍ରବେଶ ଗେଟ୍ ବନ୍ଦକୁ ଓକିଲ ସଂଘର ବିରୋଧ

## ୧୦ ଦିନ ମଧ୍ୟରେ ଗେଟ୍ ଖୋଲା ନ ଗଲେ ଆନ୍ଦୋଳନ ଚେତାବନୀ

ରାଉରକେଲା, ୧୦।୯ (ସମିସ): ରାଉରକେଲା ରେଳ ଷ୍ଟେସନର ଦୀର୍ଘଦିନ ଧରି ବ୍ୟବହୃତ ଏକ ପ୍ରବେଶ ଗେଟ୍‌କୁ ବନ୍ଦ କରାଯିବା ନେଇ ବିଭିନ୍ନ ସଂଗଠନ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରେଳ କର୍ତ୍ତୃପକ୍ଷ ପୂର୍ବରୁ ଚାଲୁଥିବା ପ୍ରବେଶ ପଥକୁ ବନ୍ଦ କରି ଉଭୟ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥାକୁ ସଙ୍କଟମୋଚନ ମନ୍ଦିର ପାର୍ଶ୍ୱକୁ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଛି। ଫଳରେ ଯାତ୍ରୀ ଓ ଦୈନିକ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପୂର୍ବରୁ ରାଉରକେଲା ବଣିକ ସଂଘ ମଧ୍ୟ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲା। ସଂଘ ପକ୍ଷରୁ ଷ୍ଟେସନ ପରିସରରେ ଲଗାଯାଇଥିବା ବ୍ୟାରିକେଡ୍‌କୁ ହଟାଇ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ରେଳ କର୍ତ୍ତୃପକ୍ଷ ପୁଣିଥରେ ଗେଟ୍‌କୁ ବନ୍ଦ କରିଦେବାରୁ ଅସନ୍ତୋଷ ଓ ପ୍ରତିବାଦ ଆହୁରି ତୀବ୍ର ହୋଇଛି। ଏବେ ଏହି ପ୍ରସଙ୍ଗରେ ରାଉରକେଲା ବାର୍ ଆସୋସିଏସନ୍ ମଧ୍ୟ ଆପତ୍ତି ଉଠାଇଛି। ବାର୍ଆସୋସିଏସନ୍‌ର ସଭାପତି ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ରାଉରକେଲା ଷ୍ଟେସନ ମ୍ୟାନେଜରଙ୍କୁ ଭେଟି ଆଲୋଚନା କରିଥିଲେ। ବନ୍ଦ ହୋଇଥିବା ଗେଟ୍‌କୁ ଯଥାଶୀଘ୍ର ପୁନଃଖୋଲିବାକୁ ପ୍ରତିନିଧିମଣ୍ଡଳୀ ଦାବି କରିଛି। ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଆସନ୍ତା ୧୦ଦିନ ମଧ୍ୟରେ ଗେଟ୍‌କୁ ପୁନଃ ଖୋଲା ନ ଗଲେ ବାର୍ଆସୋସିଏସନ୍ ଆନ୍ଦୋଳନର ପନ୍ଥା ଗ୍ରହଣ କରିବ। ଅନ୍ୟପକ୍ଷରେ, ଷ୍ଟେସନନିକଟରେ ବ୍ୟାରିକେଡିଂ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ବଣିକ ସଂଘର ପୂର୍ବ ପ୍ରତିବାଦ ସମୟରେ ବ୍ୟାରିକେଡ୍‌ଗୁଡ଼ିକ ଷ୍ଟେସନ ପରିସର ଭିତରେ ରଖାଯାଇଥିଲା। ଏବେ ସେଗୁଡ଼ିକୁ ମୁଖ୍ୟରାସ୍ତାରୁ ରେଳଷ୍ଟେସନ ଆଡ଼କୁ ଯାଇଥିବା ରାସ୍ତା ପାର୍ଶ୍ୱକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ରେଳଷ୍ଟେସନର ପ୍ରବେଶ ବ୍ୟବସ୍ଥା, ପାର୍କିଂ ଫି' ବୃଦ୍ଧି ଓ ଟ୍ରେନ୍ ବିଳମ୍ବ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ପୂର୍ବରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ, ଏବେ ରାଉରକେଲା ବାର୍ ଆସୋସିଏସନ୍‌ର ହସ୍ତକ୍ଷେପ ଏହି ବିବାଦକୁ ନୂଆ ମୋଡ଼ ଦେଇଛି। ବାର୍ ଆସୋସିଏସନ୍‌ର ଦାବି ଉପରେ ରେଳ କର୍ତ୍ତୃପକ୍ଷ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।



## ଆଇଜିଏଚ୍‌ରେ ସଡ଼କ ଦୁର୍ଘଟଣା ପରବର୍ତ୍ତୀ ଆନୋରେକ୍ଟାଲ୍ ଆଘାତର ସଫଳ ଚିକିତ୍ସା



ରାଉରକେଲା, ୧୦।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତରମାନେ ଅଗ୍ନିଶମ ସେବା ବିଭାଗର ଜଣେ ୩୧ ବର୍ଷୀୟ କର୍ମଚାରୀଙ୍କର ଗୁରୁତର ଆନୋରେକ୍ଟାଲ୍ ଆଘାତର ଏକ ଜଟିଳ ଆଘାତକୁ ସଫଳତାର ସହ ଚିକିତ୍ସା କରିଛନ୍ତି। ଗତ ଅଗଷ୍ଟ ୧୦ ତାରିଖରେ ଉକ୍ତ କର୍ମଚାରୀ ଜଣକ ଡ୍ୟୁଟିକୁ ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ରୋଗୀଙ୍କର ମଳଦ୍ୱାର ଏବଂ ମଳାଶୟ ରେ ଗୁରୁତର କ୍ଷତ ଅବସ୍ଥାରେ ଆଇ.ଜି.ଏଚକୁ ଅଣାଯାଇଥିଲା। ଆଘାତର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଚିକିତ୍ସକ ଦଳ ତୁରନ୍ତ ପରୀକ୍ଷା ନିରୀକ୍ଷା ଏବଂ ଚିକିତ୍ସା ଆରମ୍ଭ କରିଥିଲେ। ପେଟର ଏକ୍ସ-ରେ, ଅଲଟ୍ରାସୋନୋଗ୍ରାଫି ଏବଂ ନିୟମିତ ରକ୍ତ ପରୀକ୍ଷା ସମେତ ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା। ଚୂଡ଼ାନ୍ତ ଚିକିତ୍ସା ଯୋଜନାର ଅଂଶ ସ୍ୱରୂପ, ଅଗଷ୍ଟ ୧୧ ତାରିଖରେ ରୋଗୀଙ୍କର ଏକ 'ଡାଇଭର୍ସନ ଲାପାରୋସ୍କୋପିକ ସିଗମଏଡ କୋଲୋଷ୍ଟୋମି' କରାଯାଇଥିଲା, ଯାହା ଦ୍ୱାରା କ୍ଷତପ୍ରାପ୍ତ ଆନୋରେକ୍ଟାଲ ଅଞ୍ଚଳକୁ ସୁରକ୍ଷିତ ରଖାଯାଇ ପାରିଥିଲା ଏବଂ କ୍ଷତ ଶୀଘ୍ର ଶୁଖିବାରେ ସହାୟକ ହୋଇଥିଲା। ଏହି ଅସ୍ତ୍ରୋପଚାର ପରେ, ରୋଗୀଙ୍କୁ ଆଣ୍ଟିବାୟୋଟିକ୍ସ ଏବଂ ନିୟମିତ କ୍ଷତ ଡ୍ରେସିଂ ସହିତ କଡ଼ା ଡାକ୍ତରୀ ନଜରରେ ରଖାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ରିପୋର୍ଟ କରାଯାଇଛି।"ଏହି ଜଟିଳ ମାମଲାଟିକୁ ସର୍ଜରୀ ବିଭାଗ ପକ୍ଷରୁ ସର୍ଜରୀ ବିଭାଗ ମୁଖ୍ୟ ତଥା ଅତିରିକ୍ତ ସିଏମଓ ଡା. ମନୋଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଫଳତାର ସହିତ ପରିଚାଳନା କରାଯାଇଥିଲା। ଏଥିରେ ଅତିରିକ୍ତ ସିଏମଓ ଡା. ମନୋଜ ପ୍ରଧାନ ଏବଂ ଚିଫ୍ କନସଲଟାଣ୍ଟ ଡା.ଜେ. ଆର୍. ସାହୁ ଓ ଡା. ଡି.ଜେ.ଟିଡ ଭାବେ ସାମିଲ ଥିଲେ।

# ବିଧାୟକଙ୍କ ଜନ୍ମଦିନରେ ଚାରାରୋପଣ ଓ ରକ୍ତଦାନ ଶିବିର









ରାଉରକେଲା, ୧୦।୯ (ସମିସ): ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ଜନ୍ମଦିନ ସୋରଡ଼ାଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ନୂଆଗାଁ ତଥା ବିରମିତ୍ରପୁର ନିର୍ବାଚନ ମଣ୍ଡଳି ବିଜୁଜନତା ଦଳ ତରଫରୁ ନୂଆଗାଁ ବ୍ଲକ ଅଧୀନ ସୋରଡ଼ା ସରକାରୀ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା ପରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବାରିଲେପଟା ସମିତି ସଭ୍ୟା ଏମ୍ମା ଏକ୍କା, ଖୁଣ୍ଟାଗାଁ ସରପଞ୍ଚ ସୁମିତ୍ରା ଓରାମ, ବରିଷ୍ଠନେତା ତଥା ହାତିବାରୀ ସମିତିସଭ୍ୟ ଦିଗାମ୍ବର ଦାସ, କର୍କଟନାସା ସମିତି ସଭ୍ୟ ଇନ୍ଦ୍ରଜିତ ପ୍ରଧାନ, ଯୁବନେତା ଦିଲୀପ ଲେହେରି, ରାଜ୍ୟ ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା, ମୁବାରକ ଆନସାରୀ, ମହେନ୍ଦ୍ର ଗୋୱାଲା, ରାଜେଶ ବଡ଼ାଇକ, ଖୋଗେଶ୍ୱର ପଣ୍ଡା, ହିମାଂଶୁ ତ୍ରିପାଠୀ, ମହେନ୍ଦ୍ର ବଡ଼ାଇକ, ବିଶୋମ୍ବର ବଡ଼ାଇକ, ରାଜେଶ ସାହୁ, ଇବ୍ରାହିମ ଆନସାରୀ, ବିନୋଦ ଜାତେ, ପ୍ରଭୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବିଜେଡିର ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଛେଣ୍ଡ କଲୋନୀ, ପାନପୋଷ ବସ୍ତି, ଓ ପ୍ରଧାନ ପଲ୍ଲୀର ଆୟୋଜିତ ଜନ୍ମଦିନ ପାଳନ ଅବସରରେ ବରିଷ୍ଠ, ମହିଳା ଓ ଯୁବକ ମାନେ, ଛେଣ୍ଡ କଲୋନୀ ସ୍ଥିତ କଳିଙ୍ଗ ବିହାର ସାଂସ୍କୃତିକ ପରିଷଦରେ ପାଳନ କରିଥିଲେ। ଏହି ଅବସରରେ ମୋଟ ୭୦ ୟୁନିଟ ରକ୍ତଦାନ ସଂଗ୍ରହ କରାଯାଇଥିଲା। ପୂର୍ବତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ଷ୍ଟିଲ ପ୍ଲାଣ୍ଟ ଅବସର ସଙ୍ଘର ସଭାପତି ଅଭୟ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ବିଜୟ କୁମାର ବରାଳ ପ୍ରମୁଖ ବିଧାୟକ ଶ୍ରୀ ନାୟକଙ୍କୁ ସମ୍ମାନିତ କରିଥିଲେ। ଯୁବନେତା ରଞ୍ଜନ ନାୟକ, ବାବୁ ଖାନଙ୍କ ନେତୃତ୍ୱରେ ଜନ୍ମଦିନ ପାଇଁ କେକ କଟାଯାଇ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରାଯାଇଥିଲା। ସଭା କାର୍ଯ୍ୟକୁ ସରୋଜ ଦାସ ପରିଚାଳନା କରିଥିଲା ବେଳେ ରାଉରକେଲା ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିରେନ ସେନାପତି, ଗଦାଧର ରଥ, ଭବାନୀ କବି, ସିଧନାଥ ଜ୍ୟୋତିଷ, ଆଲୋକ ବୋଷ, ତାରିଣୀ ସେଠୀ, ମମତା ପଣ୍ଡା, ଶ୍ରୀଚରଣ ମହାନ୍ତି, କିଶୋରୀ ମୋହନ କର, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହେଶ୍ୱର ସାମନ୍ତ, ରଞ୍ଜନ କୁମାର ସାମଲ, ହରମୋହନ ମହାପାତ୍ର, ବିନୋଦ ସାହୁ, ନିରଜ ସାହୁ, ପୀତବାସ କାଣ୍ଡି, ଦୁଃଶାସନ ସାହୁ, ଅକ୍ଷୟ କୁମାର ଜେନା, ପ୍ରଶାନ୍ତ କୁମାର ନାୟକ, ରାଜୀବ ଜ୍ୟୋତିଷ, ରଙ୍ଗବଲଭ କୁଜୁର, ବୀଣାପାଣି ମହାପାତ୍ର, ରାଜଲକ୍ଷ୍ମୀ ସାହୁ, ସ୍ୱର୍ଣ୍ଣପ୍ରଭା ମିଶ୍ର ସମେତ ବହୁ କର୍ମୀମାନେ ଯୋଗ ଦେଇଥିଲେ।

ସେହିପରି ଅମରଭବନଠାରେ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କର ଜନ୍ମଦିନ ବେଶ୍ ଧୁମଧାମରେ ପାଳନ କରାଯାଇଛି। ରାଜସ୍ଥାନ ପରିଷଦର ସଭାପତି ଜଗଦୀଶ ହରିତ ଏବଂ ତାଙ୍କର ପଦାଧିକାରୀଗଣ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟସ୍ ଆସୋସିଏସନ୍, ହରିୟାଣା ନାଗରିକ ସଂଘ, ମାରୱାଡ଼ି ଯୁବ ମଞ୍ଚର ତିନୋଟି ଶାଖା (ରାଉରକେଲା, ସିଟି ଏବଂ ଜାଗୃତି) ସହିତ ପ୍ରାନ୍ତୀୟ ସଭାପତି ଅଜୟ ଶର୍ମା ଅଭିନନ୍ଦନ ଜ୍ଞାପନ କରିଥିଲେ। ନିମୁ ଜୈନ, ଶ୍ରୀଗୁରୁ ସିଂହସଭା ଶିଖ୍ ସମାଜ, ରୋମାନିଆ କମିଟି, ଅଞ୍ଜୁମନ୍ ଇସଲାହୁଲ୍ ମୁସଲମିନ୍, ଉତ୍ତର ଭାରତ ସମନ୍ୱୟ କମିଟି, ସ୍ୱର୍ଣ୍ଣକାର ସମିତି, ମଦ୍ରାସା ମିସ୍ବାଲ୍ ଉଲୁମ୍ ନାଲା ରୋଡ୍, ବାଣିଜ୍ୟିକ ଆସୋସିଏସନ୍ ଫ୍ରୁଟ୍ ମାର୍କେଟ୍, ଦୁର୍ଗାପୂଜା କମିଟି ବିସ୍ରା ରୋଡ୍, ମଧୁସୂଦନ ମାର୍କେଟ୍ କମିଟି, ଡାଲମିଆ କଲେଜର ପ୍ରାକ୍ତନ ପ୍ରଧାନଚାର୍ଯ୍ୟା, ବିଶ୍ୱକର୍ମା ପୂଜା କମିଟି ବଣ୍ଡାମୁଣ୍ଡା, କଳିଙ୍ଗ ସ୍ପୋର୍ଟସ୍ ଫେଡେରେସନ୍, କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସର ସଭାପତି ବ୍ରଜମୋହନ ଅଗ୍ରୱାଲଙ୍କ ସହିତ ଆଜିର ଆୟୋଜନରେ ସାରଦା ଭାଇଙ୍କ ପ୍ରେମୀ ପ୍ରମୋଦ ଶର୍ମା, ସମସେର ଅଲ୍ଲୀ, ଇଜାଜତ୍ ଅହମଦ (ଗୁଡ୍ଡୁ), ପପୁ ଜୟସ୍ୱାଲ, ବ୍ରଜେଶ ମହତୋ, ନରେଶ ଅଗ୍ରୱାଲ, ବିନୟ ସିଂହ, ନିତିନ ଚାୱଲା, ଉମେଶ ସାଉ, ମହମ୍ମଦ ଅଜଗଦ, ମୁନ୍ନା ବିଲାଲ, ସୁନୀଲ ବେରୁଆ, ଓମପ୍ରକାଶ ସାହି, ସଞ୍ଜୟ ବବୁଟା, ସୁଶାନ୍ତ ରାଉତ (ବୁବ୍ଲି) ପ୍ରମୁଖ ଶାରଦା ଭାଇଙ୍କ ପ୍ରେମୀମାନଙ୍କ ସହ କେକ୍ କାଟିଥିଲେ ଏବଂ ତାଙ୍କର ଦୀର୍ଘାୟୁ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିରରେ ୬୮ ୟୁନିଟ୍ ରକ୍ତଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ, ରକ୍ତଦାନ ସମୟରେ ଅମର ଭବନରେ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରାଉରକେଲା ସରକାରୀ ହସ୍ପିଟାଲକୁ ପ୍ରଦାନ କରାଯାଇଥିଲା। ସହଯୋଗ ପାଇଁ ରାଉରକେଲା ସରକାରୀ ହସ୍ପିଟାଲ, ଜୟପ୍ରକାଶ ହସ୍ପିଟାଲର ପଦାଧିକାରୀଗଣ, ଅମର ଭବନ ଏବଂ ସମସ୍ତ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି।

## ଆରଏସ୍‌ପିରେ ପିସିପି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା, ୧୦।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ପର୍ଚେଜ୍ କଣ୍ଟ୍ରାକ୍ଟ ପ୍ରୋସିଜିଓର (ପି.ସି.ପି-୨୦୨୪) ଉପରେ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାରଖାନାର ଅଧିକାରୀ ଏବଂ କର୍ମଚାରୀଙ୍କୁ ମିଶାଇ ମୋଟ ୩୭ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଂଶଗ୍ରହଣକାରୀଙ୍କୁ ପିସିପି-୨୦୨୪ ବିଷୟରେ ବୁଝାଇବା ଏବଂ କ୍ରୟ ପ୍ରକ୍ରିୟା ସହିତ ଜଡ଼ିତ ବିଭିନ୍ନ ନିୟମ ଓ ପ୍ରଣାଳୀ ବିଷୟରେ ଅବଗତ କରାଇବା। ଅଂଶଗ୍ରହଣକାରୀଙ୍କୁ ବିଡ୍ ସିକ୍ୟୁରିଟି ଡିକ୍ଲେରେସନ୍, ଦସ୍ତାବିଜର ସତ୍ୟତା, ସର୍ବନିମ୍ନ ଲୋକାଲ୍ କଣ୍ଟେଣ୍ଟ/ମେକ୍ଇନ୍ ଇଣ୍ଡିଆ ନିୟମ, କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ, ଫାଇନାନ୍ସିଆଲ୍ କନକରନ୍ସ ଏବଂ ସମ୍ପୃକ୍ତ କେସ୍ ଷ୍ଟଡି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ବିଷୟରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପର୍ଚେଜ୍, ଷ୍ଟୋର୍ସ ଏବଂ ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣକାରୀଙ୍କ ସହ ସିଧାସଳଖ ଆଲୋଚନା କରି କ୍ରୟ ପ୍ରଣାଳୀ ଏବଂ ଏହାର ଅନୁପାଳନ ନିୟମାବଳୀ ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଟି. ବିନୋଦ ଏବଂ ଭାରପ୍ରାପ୍ତ ମହାପ୍ରବନ୍ଧକ ଆର.କେ. ବର୍ମା ମଧ୍ୟ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ସହକାରୀ ମହାପ୍ରବନ୍ଧକ ଜ୍ୟୋତି ଓରେୟା ସଂଯୋଜନା କରିଥିଲେ। ସହକାରୀ ପ୍ରବନ୍ଧକ ଏ.ଆର. ବେହେରା ପରିଚାଳନା କରିଥିଲେ ଏବଂ ଜେଇଏ. (ଏଚ୍ଆର୍ -ଏଲଆଣ୍ଡଡି) ଡି.ସି. ଗୌଡ଼ ସହ-ସଂଯୋଜନା କରିଥିଲେ।

## ବଣାଇଁଗଡ଼ ବ୍ଲକ୍‌ରେ ୨୭୮୭ ଚାଷୀ ପଞ୍ଜିକୃତ




ବଣାଇଁଗଡ଼, ୧୦।୯ (ସମିସ): ଚଳିତଖରିଫ ଋତୁରେ ଧାନବିକ୍ରି ପାଇଁ ବଣାଇଁ ଲ୍ୟାମ୍ପସ୍‌ରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ବଣାଇଁଗଡ଼ ବ୍ଲକରେ ଚଳିତବର୍ଷ ମୋଟ ୨୭୮୭ ଜଣ ଚାଷୀ ଧାନବିକ୍ରି ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି। ସୂଚନା ଅନୁଯାୟୀ, ଗତବର୍ଷ ବଣାଇଁଗଡ଼ ବ୍ଲକରେ ୨୬୫୩ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ୧୩୪ ଜଣ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ସେହିପରି ସମଗ୍ର ରାଜ୍ୟରେ ଚଳିତ ଖରିଫ ଋତୁରେ ମୋଟ ୨୨ ଲକ୍ଷ ୨୮ ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ପଞ୍ଜୀକରଣ ସମୟରେ ବିଭିନ୍ନ ସ୍ଥାନରେ ଟେକ୍ନିକାଲ୍ ସମସ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀମାନେ ପଞ୍ଜିକରଣରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ପଞ୍ଜୀକରଣ ସମୟସୀମା ବୃଦ୍ଧି କରି ଚାଷୀମାନଙ୍କୁ ଅତିରିକ୍ତ ସୁଯୋଗ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବାପରେ ପଞ୍ଜିକୃତ ଚାଷୀମାନେ ନିଜ ଉତ୍ପାଦିତ ଧାନ ସମୟମତେ ବିକ୍ରି କରିପାରିବେ। ଏଥିସହ ସେମାନେ ସରକାରଙ୍କ ଧାର୍ଯ୍ୟ ସହାୟକମୂଲ୍ୟ ସହ ଇନ୍‌ପୁଟ୍ ସହାୟତା ପାଇପାରିବେ ବୋଲି ଆଶା କରାଯାଉଛି।

# ୧୨ରେ ଏନ୍ଆଇଟିର ୨୪ତମ ସମାବର୍ତ୍ତନ ଉତ୍ସବ

ରାଉରକେଲା, ୧୦।୯ (ସମିସ)




ଡିଗ୍ରୀ ପାଇବେ ୨୦୩୩ ଜଣ

ଆସନ୍ତା ୧୨ ତାରିଖ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ୨୪ତମ ସମାବର୍ତ୍ତନ ଉତ୍ସବ ଏନ୍ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ନିତି ଆୟୋଗ ସଦସ୍ୟ ପ୍ରଫେସର ଅଭୟ କରାଣ୍ଡିକର ଯୋଗ ଦେଇ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏନ୍ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଏସ. ଏନ୍ ସୁବ୍ରମଣ୍ୟମ୍ ଯୋଗ ଦେଇ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବେ। ଆଜି ଏନ୍ଆଇଟିର ସିନେଟ୍ ହଲଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସୂଚନା ଦେଇ କହିଲେ ଯେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବ ଅବସରରେ ଏନ୍ଆଇଟିର ବିଭିନ୍ନ ବିଭାଗର ବିଦ୍ୟାର୍ଥୀଙ୍କୁ ଉପାଧି ପ୍ରଦାନ ଓ ପୁରାତନ ଛାତ୍ର (ଆଲମୁନି)ଙ୍କୁ ସମ୍ବର୍ଦ୍ଧନା କରଯିବ। ଶିକ୍ଷାକ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେ କହିଲେ ଏହି ସମାବର୍ତ୍ତନ ଉତ୍ସବରେ ମୋଟ୍ ୨୦୩୩ ଜଣଙ୍କୁ ଡ଼ିଗ୍ରୀ ଉପାଧି ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ୫୦୮ ଜଣ ଝିଅ ରହିଛନ୍ତି ଯାହାକି ମୋଟ୍ ଡିଗ୍ରୀ ଛାତ୍ରଛାତ୍ରୀଙ୍କର ୨୪. ୯୯ ପ୍ରତିଶତ। ଏତଦ୍‌ବ୍ୟତୀତ ସେମାନଙ୍କ ମଧ୍ୟରେ ୧୧ ଜଣ ପ୍ରତିଷ୍ଠାନ ସ୍ୱର୍ଣ୍ଣପଦକ ପାଇବାକୁ ଥିବା ବେଳେ ୬ ଜଣ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ, ୮ ଜଣ ଏଣ୍ଡୋମେଣ୍ଟ ପଦକ ଏବଂ ୬୧ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେ କହିଲେ ଚଳିତ ବର୍ଷ ୪୭ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଉଛି, ଯେଉଁଥିରେ ବଙ୍ଗଳାଦେଶର ୧୩ ଜଣ, ୟେମେନର ଜଣେ, ନେପାଳର ୧୯, ଶ୍ରୀଲଙ୍କାର ୫ ଜଣ, ଯୁକ୍ତରାଷ୍ଟ୍ର ଆମେରିକାର ୬ ଜଣ ଏବଂ ଭୁଟାନର ୩ ଜଣ ରହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ଅସାଧାରଣ ଅବଦାନ ପାଇଁ ଏନଆଇଟି ରାଉରକେଲାର ଦୁଇଜଣ ବିଶିଷ୍ଟ ପୂର୍ବତନ ଛାତ୍ର ୧୯୮୮ ବ୍ୟାଚର ବିଏସ୍‌ସି ମେକାନିକାଲ୍ ଇଂଜିନିୟରିଂ ଛାତ୍ର ତଥା ଓଏନଜିସି ବିଦେଶ ଲିମିଟେଡର ଏମଡି ରାଜର୍ଷି ଗୁପ୍ତା ଓ ୧୯୮୦ ବ୍ୟାଚ୍‌ର ବିଏସ୍‌ସି ମେକାନିକାଲ୍ ଇଞ୍ଜିନିୟରିଂ ଛାତ୍ର ତଥା କୋରସନ୍ ପ୍ରୋଟେକ୍ସନ ଲିମିଟେଡ୍‌ର ଏମ୍‌ଡି ଜ୍ଞାନରଞ୍ଜନ ମହାନ୍ତି ସମ୍ମାନିତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଡିନ୍ ଏକାଡେମିକ୍ ପ୍ରଫେସର ସରୋଜ କୁମାର ପଟେଲ ଅଧିକ ସୂଚନା ଦେଇ କହିଲେ ଏହି ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଣ ୯୧୧ ଜଣଙ୍କୁ ବିଟେକ୍, ୧୮ ଜଣଙ୍କୁ ବି. ଆର୍କିଟେକ୍, ୧୦ ଜଣଙ୍କୁ ବିଏସସି ଇଣ୍ଟିଗ୍ରେଟେଡ ମଲ୍ଟିପୁଲ, ୪୨ ଜଣଙ୍କୁ ବିଟେକ ଓ ଏମଟେକ୍ (ଦ୍ୱୈତ ଡ଼ିଗ୍ରୀ), ୭୭ ଜଣଙ୍କୁ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମଏସସି, ୫୧୪ ଜଣଙ୍କୁ ଏମଟେକ୍, ୧୮୨ ଜଣଙ୍କୁ ଏମଏସସି, ୧୯ ଜଣଙ୍କୁ ଏମଏମ, ୬୭ ଜଣଙ୍କୁ ଏମବିଏ, ଜଣଙ୍କୁ ଏମଟେକ୍ (ଗବେଷଣା), ୧୯୦ ଜଣଙ୍କୁ ପିଏଚ୍‌ଡି ଏବଂ ଏକଜିକ୍ୟୁଟିଭ ପିଏଚଡି ୨ ଜଣଙ୍କୁ ଉପାଧି ପ୍ରଦାନ କରଯିବ। ୧୧ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ ମଧ୍ୟରେ ବି. ଆର୍କ. ଓ ବି. ଟେକ୍ ର ଶ୍ରେଷ୍ଠ ସ୍ନାତକ, ବିଭିନ୍ନ ପାଠ୍ୟକ୍ରମର ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରଛାତ୍ରୀ, ଶ୍ରେଷ୍ଠ ସ୍ନାତକ ଓ ସ୍ନାତକୋତ୍ତର ପ୍ରକଳ୍ପ, ଶ୍ରେଷ୍ଠ ଏମବିଏ ଛାତ୍ରଛାତ୍ରୀ, ଶ୍ରେଷ୍ଠ ସର୍ବାଙ୍ଗୀଣ ସ୍ନାତକଙ୍କ ପାଇଁ ପ୍ରଫେସର ଭୁବନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ସମେତ ଅନ୍ୟାନ୍ୟ ଶିକ୍ଷାଗତ ସଫଳତା ପାଇଁ ପୁରସ୍କାର ରହିଛି। ସେହିପରି ୮ଟି ଏଣ୍ଡୋମେଣ୍ଟ ପୁରସ୍କାର ମଧ୍ୟରେ ଶିକ୍ଷା, ଗବେଷଣା, କ୍ରୀଡ଼ା ଓ ଅନ୍ୟାନ୍ୟକ୍ଷେତ୍ରର ଉତ୍କର୍ଷକୁ ସମ୍ମାନିତ କରାଯିବ। ଏଥିରେ ପ୍ରଫେସର ଅମ୍ରିତ୍ କୁମାର ପାଉଲ ମେମୋରିଆଲ ପୁରସ୍କାର, ସୌରଭ ରଞ୍ଜନ କର ମେମୋରିଆଲ ପୁରସ୍କାର, ବଣ୍ଟି ମେମୋରିଆଲ ପୁରସ୍କାର, ଶାନ୍ତା ଜୈନ ପୁରସ୍କାର, ପ୍ରଫେସର ଭାସ୍ୱତି ପାଉଲ ମେମୋରିଆଲ ପୁରସ୍କାର, ରୋନକ ଦାସ ମେମୋରିଆଲ ପୁରସ୍କାର, ଏନଆଇଟିଆର ସ୍ପୋର୍ଟସ ମ୍ୟାନ୍ ପୁରସ୍କାର ଏବଂ ପ୍ରଫେସର ଲକ୍ଷ୍ମୀନାରାୟଣ ଭୂୟାଁ ଅଣ୍ଡର ଗ୍ରାଜୁଏଟ ରିସର୍ଚ୍ଚ ଆୱାର୍ଡ ଅନ୍ତର୍ଭୁକ୍ତ ରହିଥିବା ସୂଚନା ମିଳିଛି। ୬୧ଟି ପ୍ରତିଷ୍ଠାନ ରୌପ୍ୟ ପଦକ ମଧ୍ୟରୁ ବି. ଟେକ୍. ପାଇଁ ୧୪ଟି, ଇଣ୍ଟିଗ୍ରେଟେଡ ଏମ୍ଏସି ପାଇଁ ୪ଟି, ଡୁଆଲ ଡିଗ୍ରୀ ପାଇଁ ୪ଟି, ଏମ୍‌ଟେକ୍. ପାଇଁ ୩୧ଟି, ଏମଏସସି. ପାଇଁ ୭ଟି ଏବଂ ଏମଏ ପାଇଁ ୧ଟି ପଦକ ପ୍ରଦାନ କରାଯିବ। ଏହି ଅବସରରେ ପ୍ରଫେସର-ଇନ୍‌ଚାର୍ଜ ପ୍ରଫେସର ସିଦ୍ଧାର୍ଥ ଏସ୍.ଜେନା କହିଥିଲେ, ସମାବର୍ତ୍ତନ ଯେକୌଣସି ଶିକ୍ଷାନୁଷ୍ଠାନ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏନଆଇଟି ରାଉରକେଲାର ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ଡିଗ୍ରୀ ପାଇଁ 'ଡିଜିଲକର୍' ସୁବିଧା ଉପଲବ୍ଧ ରହିବ। ଏନ୍ଆଇଟି ରାଉରକେଲାର ପ୍ରେସ୍ ଓ ପବ୍ଲିକ୍ ରିଲେସନ୍ସ କମିଟିର ଅଧ୍ୟକ୍ଷ ପ୍ରଫେସର ବିବେକାନନ୍ଦ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍ଆଇଟିର କୁଳସଚିବ ପ୍ରଫେସର ରୋହନ ଧିମାନ, ପ୍ରଫେସର ୱାନୀ ରାଉତରାୟ, ଲୋକସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାର ପାଖରେ ଜନପ୍ରତିନିଧି

ସମ୍ବଲପୁର, ୧୦।୯ (ସମିସ)

ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ହୋଇ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ ଯୁଯୁମୁରା ଗ୍ରାମର ଭାଗିରଥୀ ମିର୍ଦ୍ଧା (୫୮)। ଦୁଇ ବେଳ ଦୁଇ ମୁଠା ଖାଇବାକୁ ଯୋଗାଡ଼ କରିବା

## ଆର୍ଥିକ ସାହାଯ୍ୟ ଦେଇ ଭତ୍ତା, ଆବାସର ପ୍ରତିଶ୍ରୁତି

## ବନ୍ଧକଧାରୀ ମହିଳା ଫେରାଇଲେ ରାସନ କାର୍ଡ

ପାଇଁ ଅହରହ ସଂଘର୍ଷ କରୁଥିବା ଭାଗିରଥୀଙ୍କ ଏହି ନିଷ୍ପତ୍ତି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏହି ଘଟଣା ପରେ, ଅଭାବୀ ପରିବାର ପାଖରେ ଆଜି ସ୍ଥାନୀୟ ସମିତି ସଭ୍ୟ ତଥା ବିଜେପି ଯୁବ ନେତା ଜୟନ୍ତ କୁମାର ପ୍ରଧାନ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଶୁଦ୍ଧି କାର୍ଯ୍ୟ ପାଇଁ ୫, ୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ଦେବା ସହ ଅବିବାହିତ ଝିଅଙ୍କୁ ସରକାରୀ ଯୋଜନାରେ ସାମିଲ କରି ଶୀଘ୍ର ଭତ୍ତା ପ୍ରଦାନ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି। ଏହାସହ ଆବାସ ଯୋଜନାରେ ଏକ ଘର ମଧ୍ୟ ନିର୍ମାଣ କରାଯିବ ବୋଲି ସମିତି ସଭ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସରକାରଙ୍କ ଅନେକ ଯୋଜନା ରହିଛି ଓ ପରିବାର ପାଖରେ ମଧ୍ୟ ପହଞ୍ଚିଛି, କିନ୍ତୁ ବଡ଼ ପରିବାର ଥିବାରୁ ଚଳିବା କଷ୍ଟକର ହୋଇପଡୁଛି। ପରିବାର ବର୍ଗ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଭାଗିରଥୀଙ୍କ ନାମରେ ଆବାସ ଯୋଜନା ଘର ମିଳିଛି। ଝିଅ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ଭତ୍ତା ମଧ୍ୟ ମିଳୁଛି। ହେଲେ ରୋଜଗାରିଆ ବାପା ଚାଲିଯିବା ପରେ ଏବେ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିଛି।



ସରକାରୀ ଯୋଜନାରେ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବା ସହ କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ମୃତକଙ୍କ ପରିବାର ଆକୁଳ ନିବେଦନ କରିଛନ୍ତି। ଅନ୍ୟପଟେ, ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଖବର ପ୍ରକାଶ ପାଇବା ପରେ ରାସନ କାର୍ଡ ବନ୍ଧକ ରଖିଥିବା ମହିଳା ଜଣକ କାର୍ଡଟିକୁ ଫେରାଇ ଦେଇଛନ୍ତି। ସୁଚନା ଯେ, ତିନି ଝିଅ ଓ ଗୋଟିଏ ପୁଅକୁ ନେଇ ଭାଗିରଥୀଙ୍କର ସଂସାର ଥିଲା। ଏକ କିରାନା ଦୋକାନରେ କାମ କରି ସେ ପରିବାର ପୋଷୁଥିଲେ। କ୍ରମାଗତ ଅଭାବ ଅନାଟନ ଯୋଗୁଁ ଶେଷରେ ରାସନ୍ କାର୍ଡକୁ ମାତ୍ର ୩, ୦୦୦ ଟଙ୍କାରେ ବନ୍ଧକ ରଖିବାକୁ ପଡ଼ିଥିଲା। ଗ୍ରାମର ଜଣେ ମହିଳା ଟଙ୍କା ଧାର ଦେଇ ଏହି କାର୍ଡ ରଖିଥିବା ଚର୍ଚ୍ଚା ହେଉଛି। କେବଳ ଭାଗିରଥୀ ନୁହନ୍ତି, ଏହି ମହିଳାଙ୍କ ପାଖରୁ ଅନେକ ଗରିବ ପରିବାର ରାସନ୍ କାର୍ଡ ବନ୍ଧକ ରଖି ଟଙ୍କା ଆଣୁଥିବା ଅଭିଯୋଗ ହୋଇଆସୁଛି। ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ, ଏହା ସ୍ଥାନୀୟ ପ୍ରଶାସନ ଓ ସରକାରୀ ଯୋଜନାର ବାସ୍ତବ ରୂପରେଖ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗତ ରବିବାର ଠାରୁ ଭାଗିରଥୀ ଘରୁ କୁଆଡ଼େ ଚାଲିଯାଇଥିଲେ। ଗତ ୩ ତାରିଖ ଦିନ ଯୁଯୁମୁରା ସ୍ଥିତ ଦଣ୍ଡ ଯାତ୍ରା ପଡ଼ିଆ ପାଖ ବରଗଛରେ ଏକ ଝୁଲନ୍ତା ଶବ ଦେଖି ସ୍ଥାନୀୟ ବାସିନ୍ଦା ଯୁଯୁମୁରା ପୁଲିସକୁ ଖବର ଦେଇଥିଲେ।

# ହୋମିଓପାଥି କଲେଜରେ ଲାଗିଲା ଥ୍ରୀଡି ଡିସେକ୍ସନ ଟେବୁଲ

**ସମ୍ବଲପୁର, ୧୦।୯ (ସମିସ):** ମାଝିପାଲି ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚରର ଆନାଟୋମି ବିଭାଗରେ ପ୍ରାୟ ୨ କୋଟି ଟଙ୍କା ବିନିମୟରେ



ଅତ୍ୟାଧୁନିକ ଡିଜିଟାଲ ଥ୍ରି ଡି ଡିସେକ୍ସନ ଟେବୁଲର ଉଦଘାଟନ ହୋଇଯାଇଛି। କଲେଜର ଅଧକ୍ଷ ଡ଼ଃ ଦିପ୍ତିକାନ୍ତ ସିଂ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ କଲେଜର ପୂର୍ବତନ ଅଧକ୍ଷା ଡଃ ରାଧାରାଣୀ ମିଶ୍ର ଯୋଗ ଦେଇଥିଲେ। ଛାତ୍ରସଂଘ ଉପଦେଷ୍ଟା ଡଃ ଅରୂପ ଆନନ୍ଦ ଦାସ, ଆନାଟୋମି ବିଭାଗୀୟ ମୁଖ୍ୟ ଡଃ ସୁକେଶିନି ମହାରଣା ଏବଂ ଡଃ ଜ୍ୟୋତିର୍ମୟ ବେହେରା ସହିତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ଡାକ୍ତରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ଉପକରଣ ମାଧ୍ୟମରେ କଲେଜର ଡାକ୍ତରୀ ଛାତ୍ରଛାତ୍ରୀମାନେ ହ୍ୟୁମାନ ଆନାଟୋମିକୁ ଅଧିକ ସହଜ ଭାବରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ଏହା ଛାତ୍ରଛାତ୍ରୀଙ୍କ କ୍ଲିନିକାଲ ଓ ଅଭ୍ୟାସ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହା ଆଣିବା ପାଇଁ ଦୀର୍ଘ ଦିନ ଧରି ବିଭିନ୍ନ ସ୍ତରରେ ଚିଠି, ଦାବି ଓ ପ୍ରୟାସ କରାଯାଉଥିଲା। ଦୀର୍ଘ ଦିନ ଅପେକ୍ଷା ଓ ନିରନ୍ତର ପ୍ରୟାସ ପରେ ଏହା କଲେଜରେ ପହଞ୍ଚିବା ଏକ ବଡ଼ ସଫଳତା ବୋଲି ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲ କହିଛନ୍ତି।

# ବର୍ଷା କାଦୁଅଠୁ ଅଧିକ ଯନ୍ତ୍ରଣା ଅଇଁଠାପାଲି ଫ୍ଲାଏ ଓଭର ନିର୍ମାଣ

**ସମ୍ବଲପୁର, ୧୦।୯ (ସମିସ):** ଆଜି ଲଘୁଚାପ ପ୍ରଭାବରେ ସମ୍ବଲପୁରରେ ଭଲ ବର୍ଷା ହୋଇଛି। କିଛି ଦିନ ଲୋକେ ଗୁଳୁଗୁଳିରୁ ଛଟପଟ ହେଉଥିଲେ। ହେଲେ ଆଜି ସହରରେ ବର୍ଷା ହେବା ପରେ ସହରବାସୀ ନାହି ନଥିବା ଯନ୍ତ୍ରଣା ସହିଛନ୍ତି। ଦୁଇ ଘଣ୍ଟାର ବର୍ଷାରୁ ଆଶ୍ୱସ୍ତି ଠାରୁ ଅଇଁଠାପାଲି ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଲୋକଙ୍କୁ ନାହି ନଥିବା କଷ୍ଟ ଦେଉଛି। ସହରରେ ଅଇଁଠାପାଲି ଫ୍ଲାଏ ଓଭର କାର୍ଯ୍ୟ ଜାରି ରହିଛି। ଯାହା ଫଳରେ ନାହି ନଥିବା ଟ୍ରାଫିକ ସମସ୍ୟାର ଶିକାର ହେଉଛନ୍ତି। ଆଜି ବର୍ଷା ହେବା ପରେ ସବୁ ଖାଲରେ ପାଣି ଜମି ରହିଛି। ଫଳରେ ରାସ୍ତାରେ ଲୋକମାନେ ଯିବା ବେଳେ ରାସ୍ତା ଓ ଖାଲକୁ ଅଲଗା କରିପାରୁନାହନ୍ତି। ଯାହା ଫଳରେ ଖାଲରେ ପଡ଼ି ଦୁର୍ଘଟଣାର

## ମନଇଛା ରାସ୍ତ ବନ୍ଦ ଖୋଲା, ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି

## ଟ୍ରାଫିକ ସମସ୍ୟା ଦୂର ପାଇଁ ଏନଏଚଏଆଇ ପକ୍ଷରୁ କେହି ନାହି

ଶିକାର ହେଉଛି। ଏନଏଚଏଆଇ କର୍ତ୍ତୃପକ୍ଷ ମଧ୍ୟ ମନ ଇଛା କାର୍ଯ୍ୟ କରୁଥିବା ପରି ପରିଲିକ୍ଷିତ ହେଉଛି। ବିଭିନ୍ନ ସ୍ଥାନରେ ରାସ୍ତା ଖୋଲି ବନ୍ଦ କରିଦେଉଛି। ଅଇଁଠାପାଲି ଛକ ଦେଇ ସକାଳେ ଯାଉଥିବା ରାସ୍ତା ସନ୍ଧ୍ୟାରେ ବନ୍ଦ ହୋଇଯାଉଛି।

# ବେଆଇନ ମଦଚାଲାଣ ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

**ସମ୍ବଲପୁର, ୧୦।୯ (ସମିସ) :** ବିଦେଶୀ ମଦ ଓ ବିୟର ଚାଲାଣ ମାମଲାର ବିଚାର କରି ସମ୍ବଲପୁରର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଅଭିଯୁକ୍ତ ଜୟପ୍ରକାଶ ପ୍ରସାଦଙ୍କୁ ୩ ବର୍ଷ ସାଧାରଣ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଆଉ ୨ ମାସ ଅଧିକ କାରାଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ଅଗଷ୍ଟ ୧୬ରେ ଅବକାରୀ ମୋବାଇଲ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଧୀନ ପାବପାଲି ନିକଟରେ ଚଢ଼ାଉ କରି ପାବପାଲି ଗ୍ରାମର ଜୟପ୍ରକାଶ ପ୍ରସାଦ (୫୨)ଙ୍କୁ ଏକ ଧଳା ରଙ୍ଗର ବସ୍ତାରେ ୯ ବୋତଲ ବିୟର ଏବଂ ୧୨ ବୋତଲ ହୁଇସ୍କି ନେଇ ଯାଉଥିବା ସମୟରେ କାବୁ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଏହି ମାମଲାର ଶୁଣାଣି କରି ସାକ୍ଷ୍ୟ ଓ ତଥ୍ୟ ପ୍ରମାଣ ଆଧାରରେ ଜୟପ୍ରକାଶ ପ୍ରସାଦଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଦଫା ୫୨(ଏ) ଆଧାରରେ ଅଭିଯୁକ୍ତ ଜୟପ୍ରକାଶ ପ୍ରସାଦଙ୍କୁ ୩ ବର୍ଷ ପାଇଁ ସରଳ କାରାଦଣ୍ଡ ଏବଂ ଜରିମାନା ୧୦ ହଜାର ଟଙ୍କା କରାଯାଇଛି, ଜରିମାନା ଅନାଦେୟ ହେଲେ ଆଉ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଏପିପି ଶୁଭମ ଅଗ୍ରୱାଲ ଏବଂ ଏପିପି ମହେଶ ମୁନ୍‌ସି ମାମଲା ପରିଚାଳନା କରୁଥିଲେ।

# ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏଡସ୍ ସଚେତନତା କର୍ମଶାଳା

**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠାନର ଯୁବ ରେଡକ୍ରସ୍ ଓ ରେଡ଼ରିବନ କ୍ଲବ୍ ତରଫରୁ ଏଚ୍ଆଇଭ ଏଡସ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷା ମମତା ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କର୍ମଶାଳାରେ ରେଢ଼ାଖୋଲ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅଂଶୁମାନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଛାତ୍ରୀ ମାନଙ୍କ ଭୂମିକା, ଏଚ୍ଆଇଭ ଏଡ଼ସର କାରଣ ଓ ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଖେଳ ଶିକ୍ଷୟିତ୍ରୀ ବାସନ୍ତୀ ଭୋଇ ଏହି ସଭାକୁ ସଂଯୋଜନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ସୁନିତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଷ୍ଣାବିକାଶ ହସ୍ପିଟାଲରେ ଲାପାରୋସ୍କୋପିକ୍ ପଦ୍ଧତିରେ ଜଟିଳ ଟ୍ୟୁମର୍ ଅସ୍ତ୍ରୋପଚାର

**ସମ୍ବଲପୁର, ୧୦।୯ (ସମିସ) :** ସମ୍ବଲପୁର ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ହସ୍ପିଟାଲରେ ଏକ ଜଟିଳ ଟୋଟାଲ୍ ଲାପାରୋସ୍କୋପିକ୍ ହିଷ୍ଟେରେକ୍ଟୋମି (ଟିଏଲ୍ଏଚ୍) ସଫଳତାର ସହ କରାଯାଇଛି। ଗତ ୭ ସେପ୍ଟେମ୍ବରରେ ହୋଇଥିବା ଏହି ଅସ୍ତ୍ରୋପଚାରରେ ପ୍ରାୟ ୧.୧ କିଲୋଗ୍ରାମ ଓଜନର ଏକ ବିଶାଳ ଗର୍ଭାଶୟ ବାହାରି ଥିଲା। ରୋଗୀଙ୍କର ପୂର୍ବରୁ ୪ଟି ପେଟ ଅସ୍ତ୍ରୋପଚାର ହୋଇଥିବାରୁ ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ଜଟିଳ ଥିଲା। ତଥାପି ଆଧୁନିକ ପଦ୍ଧତିରେ କମ୍ କ୍ଷତ କରି ଲାପାରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାରଟି ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କର ସୁସ୍ଥତା ଅତ୍ୟନ୍ତ ଭଲ ରହିଥିଲା। ରୋଗୀ ଶୀଘ୍ର ଚଳପ୍ରଚଳ କରିବା ଆରମ୍ଭ କରିଥିଲେ ଏବଂ ମାତ୍ର ୪୮ ଘଣ୍ଟା ମଧ୍ୟରେ, ୯ ସେପ୍ଟେମ୍ବରରେ ହସ୍ପିଟାଲରୁ ସଫଳତାର ସହିତ ଡିସଚାର୍ଜ ହୋଇଥିଲେ। ଏହି ଅସ୍ତ୍ରୋପଚାରଟି ଗାଇନିକୋଲୋଜିଷ୍ଟ ଡା. ବିସ୍ମୟ ଷଡ଼ଙ୍ଗୀ ଏବଂ ଡା. ପୁଷ୍ପଲତା ଜେନାଙ୍କ ଦ୍ୱାରା ସଫଳତାର ସହିତ କରାଯାଇଥିଲା। ଆନେସ୍ଥେସିଆ ଦାୟିତ୍ୱରେ ଥିଲେ ଡା. ପ୍ରିୟବ୍ରତ ମହାନ୍ତି। ଏହି ସଫଳତା ପଛରେ ସମଗ୍ର ଓଟି ଷ୍ଟାଫ୍ ଓ ଅପରେଟିଂ ଟିମ୍‌ର ମୂଲ୍ୟବାନ ସହଯୋଗ ପାଇଁ ଚିକିତ୍ସକମାନେ କୃତଜ୍ଞତା ଜଣାଇଛନ୍ତି। ଡା. ବିସ୍ମୟ ଷଡ଼ଙ୍ଗୀ, ଗାଇନିକୋଲୋଜିଷ୍ଟ ତଥା ଅତ୍ୟାଧୁନିକ ଲାପାରୋସ୍କୋପିକ୍ ସର୍ଜନ୍ କହିଛନ୍ତି, "ପାରମ୍ପରିକ ଓପନ୍ ସର୍ଜରୀ ତୁଳନାରେ ଲାପାରୋସ୍କୋପିକ୍ ସର୍ଜରୀରେ କ୍ଷତ ଛୋଟ ହୁଏ, ଅପରେସନ୍ ପରେ ଯନ୍ତ୍ରଣା କମ୍ ହୁଏ, ଶରୀର ଉପରେ ଅପରେସନ୍‌ର ଚାପ କମ୍ ରହେ ଏବଂ ରୋଗୀ ଶୀଘ୍ର ସୁସ୍ଥ ହୋଇପାରନ୍ତି। ରୋଗୀ ଶୀଘ୍ର ଚଳପ୍ରଚଳ କରିପାରନ୍ତି ଏବଂ ନିଜର ଦୈନନ୍ଦିନ କାର୍ଯ୍ୟକଳାପକୁ ମଧ୍ୟ ଶୀଘ୍ର ଫେରିପାରନ୍ତି। ଜଟିଳ ମାମଲାରେ ମଧ୍ୟ ନିରାପଦ ଚିକିତ୍ସା ସହିତ ରୋଗୀଙ୍କ ଆରାମ ଓ ଶୀଘ୍ର ସୁସ୍ଥତା ଆମର ମୁଖ୍ୟ ଲକ୍ଷ୍ୟ।" କ୍ରିଷ୍ଣା ବିକାଶ ହସ୍ପିଟାଲରେ ଏହି ଜଟିଳ ଅସ୍ତ୍ରୋପଚାରର ସଫଳତା ସମ୍ବଲପୁରରେ ଉନ୍ନତ ଲାପାରୋସ୍କୋପିକ୍ ଏବଂ ମିନିମାଲି ଇନଭେସିଭ୍ ଗାଇନିକୋଲୋଜିକାଲ୍ ସର୍ଜରୀର ବଢ଼ୁଥିବା ସମ୍ଭାବନାକୁ ପ୍ରତିଫଳିତ କରୁଛି।



# ଭେଣ୍ଡିଂ ଜୋନ୍‌ରୁ ଅବ୍ୟବହୃତ ଠେଲା, ଗାଡ଼ି ଓ କ୍ୟାବିନ୍ ହଟାଇଲା ମହାନଗର ନିଗମ

**ସମ୍ବଲପୁର, ୧୦।୯ (ସମିସ) :** ସମ୍ବଲପୁର ମହାନଗର ଅଞ୍ଚଳରେ ସରକାରୀ ଜମି, ରାସ୍ତା, ଫୁଟପାଥ ଓ ସାଧାରଣ ଜନସାଧାରଣଙ୍କ ଚଳାଚଳ ପଥକୁ ଅବରୋଧମୁକ୍ତ ରଖିବା ସହ ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମହାନଗର ନିଗମ ପକ୍ଷରୁ ଅଭିଯାନ ଜାରିରହିଛି। ଏହି କ୍ରମରେ ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଆଜି ସମ୍ବଲପୁର ସହରାଞ୍ଚଳ ସମେତ ବିଭିନ୍ନ ଭେଣ୍ଡିଂ ଜୋନ୍ ଓ ସାର୍ବଜନୀନ ସ୍ଥାନରେ ଦୀର୍ଘ ସମୟ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବା ଠେଲା, କାର୍ଟ, କ୍ୟାବିନ୍ ଓ ଅନ୍ୟାନ୍ୟ ଅସ୍ଥାୟୀ ନିର୍ମାଣ ଚିହ୍ନଟ କରି ହଟାଯାଇଛି। ଅଭିଯୋଗ ଅନୁଯାୟୀ, କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ସରକାରୀ ଜମି କିମ୍ବା ସାର୍ବଜନୀନ ସ୍ଥାନକୁ ନିଜ ଦଖଲରେ ରଖିବା ଉଦ୍ଦେଶ୍ୟରେ ଠେଲା, କାର୍ଟ, କ୍ୟାବିନ୍ ଆଦି ରଖି ଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେହି ସ୍ଥାନକୁ ସମ୍ଭାବ୍ୟ ବ୍ୟବସାୟୀଙ୍କୁ ଭଡ଼ାରେ ଦେବାପାଇଁ ଗ୍ରାହକ ଖୋଜୁଛନ୍ତି। ଏପରି ପ୍ରବୃତ୍ତି ଦ୍ୱାରା ସରକାରୀ ଜମିର ଅନଧିକୃତ ବ୍ୟବହାର, ରାସ୍ତା ଓ ଫୁଟପାଥ ଅବରୋଧ, ଯାନବାହନ ଚଳାଚଳରେ ବାଧା ହେଉଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭେଣ୍ଡିଂ ଜୋନ୍ କିମ୍ବା ସାର୍ବଜନୀନ ସ୍ଥାନରେ ଅନୁମତି ବିନା ସ୍ଥାନ ଦଖଲ କରିବା, ଅବ୍ୟବହୃତ ଠେଲା/କ୍ୟାବିନ୍ ରଖି ସରକାରୀ ଜମିକୁ ବ୍ୟକ୍ତିଗତ ଭାବେ ସଂରକ୍ଷଣ କରିବା କିମ୍ବା ଅନ୍ୟକୁ ଭଡ଼ାରେ ଦେବା ପାଇଁ ସ୍ଥାନ ଦଖଲ କରାଗଲେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




## ଏସ୍‌ଡିୟୁଜେର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

# ସାମ୍ବାଦିକ ସୁରକ୍ଷା ଆଇନ ଓ ପେନ୍‌ସନ୍ ଦାବି

**ଜମନକିରା, ୧୦।୯ (ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ଜିଲ୍ଲା ଶାଖା ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ(ଏସଡିୟୁଜେ)ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ପ୍ରେସ୍ କ୍ଲବ ସମ୍ବଲପୁରରେ ଅନୁଷ୍ଠିତ ହୋଇଛି। ଓୟୁଜେର ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଅତିଥି ଭାବେ ରାଜ୍ୟ କୋଷାଧକ୍ଷ ଅମୁଲ୍ୟ ସ୍ୱାଇଁ ଯୋଗ ଦେଇଥିବାବେଳେ ଜିଲ୍ଲା ଉପସଭାପତି ସତୀଶ ମିଶ୍ର, ଦିନେଶ ମାହାନା, ସାଧାରଣ ସମ୍ପାଦକ ଶରତ ପ୍ରଧାନ, ସମ୍ପାଦକ ମନୋଜ ରାଜ, କୋଷାଧକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚିକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ବୈଠକରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ମଞ୍ଚାସିନ କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଥିଲେ। ଏଥିସହ କାର୍ଯ୍ୟରତ ସାମ୍ବାଦିକ ମାନେ କିପରି ପେନ୍‌ସନ ପାଇବେ ଏବଂ ସ୍ୱାସ୍ଥ୍ୟ ବୀମା କୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୃଦ୍ଧ ପିତାମାତାଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି। ଆଜିର ବୈଠକରେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ ଏବଂ ଏହାକୁ ଦୃଢତାର ସହ ବିରୋଧ କରିଥିବାରୁ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସାଧାରଣ ସମ୍ପାଦକ ଶରତ ପ୍ରଧାନ ବିବରଣୀ ପଠନ କରିଥିବାବେଳେ ସଞ୍ଜୟ ମିଶ୍ର ସ୍ୱାଗତଭାଷଣ ଓ ସଚିକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଗାମୀ ଅକ୍ଟୋବର ମାସ ଶେଷ ସୁଧା ସଦସ୍ୟତା ନବୀକରଣ ସହ ବ୍ଲକ ଓ ଜିଲ୍ଲା ଶାଖାର ସାଙ୍ଗଠନିକ ନିର୍ବାଚନ କରିବା ପାଇଁ ପ୍ରସ୍ତାବ ହୋଇଛି। ଜମନକିରା ବ୍ଲକ ସଭାପତି କ୍ଷିତିରଞ୍ଜନ ପଧାନ, ସମ୍ପାଦକ ସନ୍ତୋଷ ପଟେଲ, କୁଚିଣ୍ଡା ସମ୍ପାଦକ ତପନ ଦାଶ, ବାମରା ସଭାପତି ସନ୍ତୋଷ ଶୁକ୍ଲା, ରେଢ଼ାଖୋଲ ସଭାପତି ସୁଶାନ୍ତ ନାଗ, ନାକଟିଦେଉଳ ସମ୍ପାଦକ ରୋହିତ ଭୋଇ, ଯୁଜୁମୁରା ସଭାପତି ରାଧାମୋହନ ଷଡ଼ଙ୍ଗୀ, ମାନେଶ୍ୱର ସଭାପତି ରୂପଞ୍ଜୟ ଚୌଧୁରୀ, ରେଙ୍ଗାଲି ସଭାପତି ମନୋଜ ମୁଦୁଲି ପ୍ରମୁଖ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ବରିଷ୍ଠ ସଦସ୍ୟ ହରିହର ନାଥ, ସୁଜିତ ପାଣିଗ୍ରାହୀ, ଜୟନ୍ତ ଖଡ଼ିରତ୍ନ, ଦୁର୍ଗାଶଙ୍କର ବାଘ, ଅମୁଲ୍ୟ ମିଶ୍ର, ଭଗବାନ ପୁରୋହିତ ଓ ରଶ୍ମିରଞ୍ଜନ ଖଡ଼ିରତ୍ନ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବଲପୁର ମହାନଗରର ବରିଷ୍ଠ ସାମ୍ବାଦିକ ଆମଲେନ୍ଦୁ ନାଏକ, ମଳୟ ଭୋଇ, ମାନସ ସାହୁ, ସମୀର ଷଡ଼ଙ୍ଗୀ ଓ ସତ୍ୟଜିତ ମହାପାତ୍ର ସଙ୍ଘରେ ସାମିଲ ହୋଇଥିବାରୁ ସ୍ୱାଗତ କରାଯାଇଛି। ଗତ କାର୍ଯ୍ୟକାରିଣୀ ବୈଠକ ସୁନ୍ଦର ଭାବେ ଆୟୋଜନ କରିଥିବାରୁ ନାକଟିଦେଉଳ ୟୁନିଟକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୋବାଇଲ୍ ଦୋକାନରୁ ଚୋରି, ୩ ଗିରଫ

**ସମ୍ବଲପୁର, ୧୦।୯ (ସମିସ):** ଶାସନ ଥାନା ଅନ୍ତର୍ଗତ ଭାଲୁବାହାଲ ସ୍ଥିତ ଏକ ମୋବାଇଲ ସାମଗ୍ରୀ ଦୋକାନରୁ ଚୋରି ଘଟଣାରେ ଶାସନ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶାସନ ଥାନା କମଲ ଛକ ପିପଲ ପଡ଼ାର ବିକାଶ ମୁଣ୍ଡା (୨୧), ନିଖିଳ ମୁଣ୍ଡା(୨୧) ଓ ପଣ୍ଡୁଆଟିକ୍ରା ସୋମନାଥ ସିଂ(୧୯)। ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି।ସୂଚନା ଅନୁସାରେ ଗତ ୭ ତାରିଖ ରାତିରେ ଭାଲୁବାହାଲ ସ୍ଥିତ ଏକ ମୋବାଇଲ୍ ପାର୍ଟସ୍ ଦୋକାନରୁ କିଛି ଦୁର୍ବୃତ୍ତ ୩୫, ୦୦୦ ଟଙ୍କା ମୂଲ୍ୟର ମୋବାଇଲ୍ ସାମଗ୍ରୀ ଚୋରି କରି ନେଇଥିଲେ।

# ୧୧୦୦ ବୋତଲ କଫ୍‌ସିରପ ଜବତ, ୧ ଗିରଫ

**ସମ୍ବଲପୁର, ୧୦।୯ (ସମିସ):** ବୁର୍ଲା ଥାନା ପୁଲିସ ବେଆଇନ କଫସିରପ କାରବାରରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଧିପାପଡ଼ା ଗୌଡପାଲି କୁଦାର୍ଥ ମହାନନ୍ଦ(୪୨)। ପୁଲିସ ଅଭିଯୁକ୍ତ ନିକଟରୁ ୧୧୦୦ ବୋତଲ କଫସିରପ ଜବତ କରିଛି। ଆଜି ସୁଟ ପଛ ପଟରେ ବେଆଇନ ଭାବେ କଫସିରପ କାରବାର ହେଉଥିବା ପୁଲିସ ଖବର ପାଇଥିଲା। ସେଠାରେ ପୁଲିସ ଚଢାଉ ବେଳେ ଅଭିଯୁକ୍ତ ନିକଟରୁ ଉପରୋକ୍ତ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ନାମରେ ବୁର୍ଲା ଥାନାରେ ୬ଟି ମାମଲା ରୁଜୁ ହୋଇଛି।

# ୯୯ ତମ କୁଚିଣ୍ଡା ଦୁର୍ଗାପୂଜା ପ୍ରସ୍ତୁତି ସଭା

**କୁଚିଣ୍ଡ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡାଠାରେ ହୋଇଆସୁଥିବା ପ୍ରସିଦ୍ଧ କୁଚିଣ୍ଡା ଦୁର୍ଗାପୂଜା ୯୯ ତମ ବର୍ଷ ପାଳନ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଏନଏସି ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ଗଗନ ଶର୍ମାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସଭାରେ ଗତ ୨୦୨୫ ପୂଜା ଆୟବ୍ୟୟସହିତ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲ୍ୟା ଅକ୍ଟୋବର ୨୧ ତାରିଖ କୁଚିଣ୍ଡା ଦଶହରା ପାଳନ ହେବ। ଷଷ୍ଠୀ ଠାରୁ ଦଶହରା ପର ଦିନ ପର୍ଯ୍ୟନ୍ତ ସଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ପ୍ରତିଯୋଗିତା, ରାବଣପୋଡ଼ି, ବିସର୍ଜନକୁ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସଭାରେ ସରୋଜ ରାଓ, ଗଣେଶ ଅଗ୍ରୱାଲ, ଗଣେଶରାମ ଅଗ୍ରୱାଲ, ସଞ୍ଜିତ ଶର୍ମା, ଆନନ୍ଦ ଅଗ୍ରୱାଲ, ଅରୁଣ ପଟ୍ଟନାୟକ, ଫକିର ବରିହା, ବନମାଳୀ ଶତପଥୀ, ସତୁଲ୍ୟ ମହାନ୍ତି, ଗଜେନ୍ଦ୍ର ଭୋଇ, ଯୁଧିଷ୍ଠିର ଦାନୀ, ଶୈଳେଶ ଶର୍ମା, ଗଗନ ପଣ୍ଡା, ପ୍ରଫୁଲ ବେହେରା, ଜିତୁ ପଟ୍ଟନାୟକ, ଗୋବିନ୍ଦ ସାହୁ, ରାକେଶ ରାୟ, ରାଜିନ ସୋନି, ପ୍ରତାପ ଶର୍ମା, ବସନ୍ତ ନାୟକ, ସଞ୍ଜୟ ମହାନନ୍ଦ, ନବୀନ ସାହୁ, ଗୁଡ୍ଡୁ ଅଗ୍ରୱାଲ, ଜଗନ୍ନାଥ ବେହେରା, ବିନୟ ଅଗ୍ରୱାଲ, ଟିନୁ ମହାନ୍ତି, ବୁଲା ନେହେରା ଶହ ବହୁ କର୍ମକର୍ତା ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ।

## ସମ୍ବଲପୁର ମହାନଗର ନିଗମ

# ୫ଟି ପ୍ରଶାସନିକ ଜୋନ୍‌ରେ ବିଭକ୍ତ ହେଲା ୪୧ ୱାର୍ଡ

**ସମ୍ବଲପୁର, ୧୦।୯ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲିଟି କାର୍ଯ୍ୟକଳାପ ଏବଂ ନାଗରିକ ସେବା ପ୍ରଦାନର ପ୍ରଭାବଶାଳୀ ତଦାରଖ, ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ, ସମ୍ବଲପୁର ନଗର ନିଗମ ଅଧୀନରେ ୫ଟି ପ୍ରଶାସନିକ ଜୋନ୍ ଗଠନ କରାଯାଇଛି। ସେଥିରେ ଅଧିକାରୀମାନଙ୍କୁ ୱାର୍ଡ-ୱାରି କ୍ଷେତ୍ରାଧିକାର ସହିତ ସମ୍ପୃକ୍ତ ଜୋନ୍ ପାଇଁ ଜୋନ୍ ଇନ୍‌ଚାର୍ଜ ଭାବରେ ନିଯୁକ୍ତ କରାଯାଇଛି। ଜୋନ୍-୧ (ୱାର୍ଡ ୧ରୁ ୭)ରେ ଓଏସ୍‌ଡି ଦେବେନ୍ଦ୍ର କୁମାର ରାଉତ, ଜୋନ୍-୨ (ୱାର୍ଡ ୮ରୁ ୧୪ ଏବଂ ୨୦)ରେ ଡେପୁଟି କମିସନର ଶୁଭଦୀପ୍ତା ମହାନ୍ତି, ଜୋନ୍-୩ (ୱାର୍ଡ ୧୫ରୁ ୧୯ ଏବଂ ୨୧ରୁ ୨୪)ରେ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଜୋନ୍-୪ (ୱାର୍ଡ ୨୫ରୁ ୩୩)ରେ ଡେପୁଟି କମିଶନର ଭିକ୍ଟର ସୋରେଙ୍ଗ ଏବଂ ଜୋନ୍-୫ (ୱାର୍ଡ ୩୪ରୁ ୪୧)ରେ ଡେପୁଟି କମିଶନର ହରିଓମ୍ ଭୋଇ ନିଯୁକ୍ତ ହୋଇଛନ୍ତି। ଏହି ଅଧିକାରୀମାନେ ନିଜ ଜୋନ୍‌ର ପରିମଳ ଏବଂ ଅନ୍ୟ ବ୍ୟବସ୍ଥା ଯାଞ୍ଚ ଓ ମନିଟରିଂ କରିବାସହ ମ୍ୟୁନିସିପାଲ କାର୍ଯ୍ୟକ୍ରମ, ସ୍କିମ୍ ଏବଂ ସେବାର ସଠିକ୍ କାର୍ଯ୍ୟାନ୍ୱୟନ କରିବେ। ଏହାଦ୍ୱାରା ମହାନଗର ନିଗମ ପକ୍ଷରୁ ମୌଳିକ ସେବା ବ୍ୟବସ୍ଥାରେ ଉନ୍ନତି ହେବ ବୋଲି ସାଧାରଣରେ ଆଶାପ୍ରକାଶ କରାଯାଇଛି।

# ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ, ୨୮, ୬୦୦ ଟଙ୍କା ଜରିମାନା ଆଦାୟ

**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ହୋଟେଲ ଓ ଢାବାରେ ଗୁରୁବାର ଦିନ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏଥିରେ ଏନ୍ଏସି ଏବଂ ପୁଲିସ ବିଭାଗର ମିଳିତ ସହଯୋଗରେ ସହରରେ ଥିବା ୧୧ ଟି ହୋଟେଲରେ ଚଢ଼ଉ କରି ୨୭ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଛି। ଏଥିସହ ୫୫ କେଜି ପଚା ପରିବା ଓ ବାସି ଖାଦ୍ୟକୁ ନଷ୍ଟ କରାଯାଇଛି। ଅନ୍ୟ ପକ୍ଷରେ ସହରରେ ବଢ଼ି ଚାଲିଥିବା ନିଷିଦ୍ଧ ପଲିଥିନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ କେଜିରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରିଥିବାବେଳେ ୧୬୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଛି। ମୋଟ ୨୮, ୬୦୦ ଟଙ୍କା ଫାଇନ୍ ଆଦାୟ ହୋଇଛି।



# ବଳପ୍ରୟୋଗ କରି ବିସ୍ଥାପନ ନ କରିବା ପାଇଁ ଉପଜିଲ୍ଲାପାଳଙ୍କ ସହ ଆଲୋଚନା

ସମ୍ବଲପୁର, ୧୦।୯ (ସମିସ)

ସମଲେଇ ପ୍ରକଳ୍ପ-୨ ନିମନ୍ତେ ବିସ୍ଥାପନକୁ ନେଇ ଦୁଇଦିନ ପୂର୍ବରୁ ହୋଇଥିବା ପ୍ରତିବାଦ ପରେ ପ୍ରଶାସନର ଆମନ୍ତ୍ରଣକ୍ରମେ ଆଜି ବିସ୍ଥାପିତ ପରିବାରଙ୍କ ସମସ୍ୟା ଓ ଦାବି ନେଇ ଏକ ପ୍ରତିନିଧିମଣ୍ଡଳୀ ସଦର ଉପଜିଲ୍ଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ପ୍ରୋଗ୍ରେସିଭ୍ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଉପଜିଲ୍ଲାପାଳଙ୍କୁ ଭେଟି ବିସ୍ଥାପିତ ପରିବାରଙ୍କ ଥଇଥାନ, ଜମି ଓ ଜୀବିକା ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତିନିଧିମଣ୍ଡଳୀ ପକ୍ଷରୁ ଦାବି କରାଯାଇଥିଲା ଯେ, ପ୍ରଥମେ ଥଇଥାନ, ପରେ ବିସ୍ଥାପନ ନୀତିରେ ଯଥାସମ୍ଭବ ଶୀଘ୍ର ବିକଳ୍ପ ଆବାସିକ ଜମି ଯୋଗାଇ ଦିଆଯାଉ। ବିସ୍ଥାପିତ ପରିବାରଙ୍କ ପାଇଁ 'ଜାଗା ବଦଳରେ ଜାଗା' ବ୍ୟବସ୍ଥା କରାଯିବା ସହ ଜମିର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଘର ଭାଙ୍ଗିବା ଓ ବିସ୍ଥାପନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଦାବି ହୋଇଥିଲା। ପ୍ରକଳ୍ପରେ ଚିହ୍ନଟ ହୋଇଥିବା ସ୍ଲମ୍‌ର ୬୩ ପରିବାର ଓ ନନ୍-ସ୍ଲମ୍‌ର ୨୦୦ ପରିବାର ଚିହ୍ନଟ ହୋଇଥିବାବେଳେ ସଠିକ୍ ନିରୀକ୍ଷଣ ହେଲା ଏହାର ସଂଖ୍ୟା ବୃଦ୍ଧି ହେବ ବୋଲି ଦାବି କରାଯାଇଛି। ଏଥିସହ ସ୍ଲମ୍‌ର ଓ ନନ୍-ସ୍ଲମ୍ ଅଞ୍ଚଳର ସମସ୍ତ ଯୋଗ୍ୟ ପରିବାରଙ୍କୁ ଜମି ଥଇଥାନ, ଉଚିତ କ୍ଷତିପୂରଣ ଏବଂ ନୂତନ ଜମି ଯୋଗାଇ ଦିଆଯିବା ପର୍ଯ୍ୟନ୍ତ ଘରଭଡ଼ା ପ୍ରଦାନ କରିବା, ଏକ ଘରେ ଏକାଧିକ ପୁତ୍ର କିମ୍ବା ଦ୍ୱିତୀୟ ପିଢ଼ିର ପୃଥକ ପରିବାର ଥିଲେ ସେମାନଙ୍କୁ ମଧ୍ୟ ଯୋଗ୍ୟତା ଅନୁଯାୟୀ ପୃଥକ ଘର/ଆବାସିକ ଜମି ବିଚାର କରିବା ଏବଂ ନୂତନ ଥଇଥାନ ସ୍ଥାନରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ଅଙ୍ଗନୱାଡି, ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ମୌଳିକ ସୁବିଧା ନିଶ୍ଚିତ କରିବାକୁ ମଧ୍ୟ ଦାବି କରାଯାଇଥିଲା। ସେହିପରି ଥଇଥାନ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ରହୁଥିବା ବସ୍ତିରେ ପାନୀୟ ଜଳ, ବିଦ୍ୟୁତ୍ ଭଳି ମୌଳିକ ସେବା ବନ୍ଦ ନ କରିବା ପାଇଁ ମଧ୍ୟ ପ୍ରତିନିଧିମାନେ ଦାବି ରଖିଥିଲେ। ବିଶେଷ ଭାବେ ଦଶହରା ପର୍ଯ୍ୟନ୍ତ ବିସ୍ଥାପନ ପ୍ରକ୍ରିୟାକୁ ସ୍ଥଗିତ ରଖିବାସହ ସମସ୍ତ ପରିବାରଙ୍କ ଜମି ଓ ଥଇଥାନ ସମ୍ପର୍କିତ ବିଷୟରେ ସ୍ପଷ୍ଟ ନିଷ୍ପତ୍ତି ନେବାକୁ ଦାବି କରାଯାଇଥିଲା। ଆଗାମୀ ୧୮ ତାରିଖରେ ବିଭିନ୍ନ ଦାବିର ସବିଶେଷ ନିଷ୍ପତି ନିମନ୍ତେ ଜିଲ୍ଲାପାଳ, କମିଶନର ସହ ଆଲୋଚନା ପାଇଁ ନିଷ୍ପତି ହୋଇଛି। ଆଲୋଚନା ନିଷ୍ପତି କୌଣସି ବଳ ପ୍ରୟୋଗ କରି ବିସ୍ଥାପନ ନ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ପ୍ରଭାବିତ ପରିବାରର ସଦସ୍ୟମାନେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ବାହାରେ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ। ଶ୍ରମିକ ନେତା ଗୋକୁଳ ମେହେର, ଗଦାଧର କୁଅଁର, ନଟୁ ଗୋପାଳ, ମହେଶ୍ୱର ଷଣ୍ଢ, ମିଲନ ହୋତା, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଜିତେଶ୍ୱରୀ ବେହେରା, ନିନି ନାୟକ, ଶମ୍ଭୁ ପ୍ରସାଦ ସେଠି, ବାବୁଲା ମେହେର, ପ୍ରତିମା ଖିଚଡି, ରୀନା ସାହୁ, ଆଶିଷ ଜଗଦଲା, ବିପିନ ବାଗ, ବାସନ୍ତୀ ବଗର୍ତିଙ୍କ ସମେତ ଶତାଧିକ ପ୍ରଭାବିତ ପରିବାରର ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।

-ଡ. ଏ ପି ଜେ ଅବଦୁଲ୍ କାଲାମ୍

## ବ୍ରିକ୍ସ-କୂଟନୀତି

ବ୍ରାଜିଲ, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ 'ବ୍ରିକ୍ସ' ମେଣ୍ଟର ଆଗାମୀ ଶିଖର ସମ୍ମିଳନୀକୁ ନେଇ ଏବେ ଭାରତ ଉତ୍ସବମୁଖର ଏବଂ ଚଳଚଞ୍ଚଳ। ଆନ୍ତର୍ଜାତିକ ସ୍ତରରେ ଏକ ଛୋଟ ମେଣ୍ଟ ହେଲେ ମଧ୍ୟ ଏହି ପାଞ୍ଚ ଦେଶଙ୍କର ମୋଟ ଅର୍ଥନୀତି ବିଶ୍ୱ ଅର୍ଥନୀତିର ଏକ-ଚତୁର୍ଥାଂଶ। ଏଥିରେ ପୁଣି ବିଶ୍ୱର ତିନି ପ୍ରମୁଖ ଅର୍ଥନୀତି ଚୀନ୍, ରୁଷିଆ ଓ ଭାରତ ଅନ୍ତର୍ଭୁକ୍ତ। ବିଶ୍ୱର ଅର୍ଥନୈତିକ ବ୍ୟାପାରରେ ଆମେରିକା ଓ ପାଶ୍ଚାତ୍ୟ ଧନୀ ରାଷ୍ଟ୍ରଙ୍କ ପ୍ରଭୁତ୍ୱର ମୁକାବିଲା କରିବା ପାଇଁ ଏହି ମେଣ୍ଟ ୨୦୦୯ରେ ଗଠିତ ହୋଇଥିଲା। ବିଶେଷକରି ଜି-୭ ଓ ବିଶ୍ୱବ୍ୟାଙ୍କ ଭଳି ପାଶ୍ଚାତ୍ୟ ଶକ୍ତି ପରିଚାଳିତ ଅର୍ଥନୈତିକ ମଞ୍ଚର ମନମୁଖି କାର୍ଯ୍ୟକଳାପକୁ ରୋକିବା ପାଇଁ କାମ କରିବାକୁ 'ବ୍ରିକ୍ସ' ମେଣ୍ଟ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହାର ଆଭ୍ୟନ୍ତରୀଣ ରାଜନୀତି ସେ ଲକ୍ଷ୍ୟ ପୂରଣର ପ୍ରତିବନ୍ଧକ ସାଜିଛି। ଚୀନ୍ ଓ ରୁଷିଆ ନିଜ ଅର୍ଥନୀତିର ସୁରକ୍ଷା ପାଇଁ ଭାରତ ସମେତ ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ବିରୋଧରେ କାମ କରୁଛନ୍ତି।

ବିଗତ ୧୪ ବର୍ଷ ମଧ୍ୟରେ ଏହି ବ୍ରିକ୍ସ ମେଣ୍ଟ ବିଶେଷକିଛି ସଫଳତା ବିଶ୍ୱସ୍ତରରେ ପାଇ ପାରିନାହିଁ ଏବଂ କେବଳ ଏକ ତର୍କ ଓ ଆଲୋଚନା ଭିତ୍ତିକ ଗୋଷ୍ଠୀରେ ପରିଣତ ହୋଇଛି କହିଲେ ଭୁଲ୍ ହେବ ନାହିଁ। ଏହି ଗୋଷ୍ଠୀକୁ ସେହିଭଳି ଏକ ବାଘ ଭାବରେ ବର୍ଣ୍ଣନା କରାଯାଇପାରେ, ଯାହାର ଦାନ୍ତ ନାହିଁ କିମ୍ବା କାମୁଡ଼ିବାର ଭୟ ଦେଖାଇବା ସାମର୍ଥ୍ୟ ମଧ୍ୟ ନାହିଁ। ବ୍ରିକ୍ସ ରାଷ୍ଟ୍ରମାନେ ମିଳିତ ଭାବେ ଏକ ମୁଦ୍ରା ବା କରେନ୍ସି ପ୍ରଚଳନ କରି ନିଜ ନିଜ ମଧ୍ୟରେ ସେଥିରେ ବାଣିଜ୍ୟ କାରବାର କରିବାକୁ ଯେଉଁ ଲକ୍ଷ୍ୟ ଥିଲା ତାହା ମଧ୍ୟ ସାକାର ହୋଇପାରୁ ନାହିଁ। ବିଶ୍ୱ ବଜାରରେ ଆମେରିକୀୟ ଡଲାରର ଚାହିଦା ଓ ପ୍ରଭାବ ବୃଦ୍ଧି ଫଳରେ ଟଙ୍କା, ରୁବଲ ଓ ୟୁଆନର ଚାହିଦା ହ୍ରାସ ପାଉଛି ଏବଂ ଏହା ଆନ୍ତର୍ଜାତିକ ଗ୍ରହଣୀୟ ମୁଦ୍ରା ହୋଇପାରୁ ନାହାନ୍ତି।

ଉଭୟ ଚୀନ୍ ଓ ରୁଷିଆ ନିଜ ନିଜର ସମର୍ଥକ ଦେଶମାନଙ୍କୁ ବ୍ରିକ୍ସରେ ସଦସ୍ୟ ଭାବେ ନେଇ ଏହାର ସଭ୍ୟସଂଖ୍ୟା ବଢ଼ାଇବାକୁ ଚେଷ୍ଟିତ। ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ଇତିମଧ୍ୟରେ ନୂଆ ଛ'ଟି ଦେଶ ଯଥା ଆର୍ଜେଣ୍ଟିନା, ଇରାନ୍, ସାଉଦୀ ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଇଥିଓପିଆ ଏହି ସଂଗଠନର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ଭାରତ ଇଜିପ୍ଟ ଓ ଇରାନ୍‌କୁ ସଭ୍ୟ ପଦ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଚୀନ୍ ସାଉଦୀ ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ, ଦକ୍ଷିଣ ଆଫ୍ରିକା ଇଥିଓପିଆକୁ ଏବଂ ବ୍ରାଜିଲ ଆର୍ଜେଣ୍ଟିନାକୁ ସଭ୍ୟ ଭାବେ ଆଣିବାରେ ସହାୟକ ହୋଇଛି। ଚୀନ୍‌ର କାମ ପଛରେ ରୁଷିଆର ମଧ୍ୟ ନିରବ ସମର୍ଥନ ରହିଛି। ତେବେ ଚୀନ୍‌ର ଚାଲ ଜଣାପଡ଼ିଯିବା ପରେ ଭାରତ ଏହି ସଂଗଠନରେ ଆଉ ଅଧିକ ସଭ୍ୟ ନେବା ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ଆପଣାଇବାକୁ ଜୋର ଦେଉଛି। ଭାରତ ବ୍ରିକ୍ସରେ ଆଫ୍ରିକା ମହାଦେଶ ସମେତ ବିଶ୍ୱର ସ୍ୱଳ୍ପ ଉନ୍ନତ (ସାଉଥ) ରାଷ୍ଟ୍ରମାନଙ୍କୁ ଅଧିକରୁ ଅଧିକ ସଦସ୍ୟ କରିବାକୁ ଦାବି କରୁଛି।

ଚୀନ୍, ବ୍ରିକ୍ସ ମଞ୍ଚରେ ରୁଷିଆ, ସାଉଦୀ ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଆଉ କେତେକ ନିଜର ଅନୁଗତ ରାଷ୍ଟ୍ରଙ୍କୁ ସଭ୍ୟ କରାଇ ବ୍ରିକ୍ସ କରେନ୍ସି ୟୁନିୟନ ଗଠନ କରିବାକୁ ଚାହୁଁଛି। ଏହାଦ୍ୱାରା ବ୍ରିକ୍ସରେ ଯେଉଁ ନୂଆ ମୁଦ୍ରା ବାଣିଜ୍ୟ କାରବାର ପାଇଁ ପ୍ରବର୍ତ୍ତିତ ହେବ, ତାହା ଉପରେ ଚୀନ୍ ନିଜର ନିୟନ୍ତ୍ରଣ ରଖିବାକୁ ଆଗ୍ରହୀ। ସେ ଦୃଷ୍ଟିରୁ ଭାରତ ଚୀନ୍‌କୁ ବିରୋଧ କରୁଛି। ବିଶ୍ୱ ଓ ଏସିଆରେ ଉଭୟ ଚୀନ୍ ଓ ଭାରତ ବାଣିଜ୍ୟ କାରବାରରେ ପ୍ରତିଦ୍ୱନ୍ଦ୍ୱୀ। ଏହି ପରିପ୍ରେକ୍ଷୀରେ ଦେଖି ଚାହିଁ ସର୍ବସମ୍ମତି କ୍ରମେ ବ୍ରିକ୍ସର ସଂପ୍ରସାରଣ ହେବା ଉଚିତ ଏବଂ ଏଥିରେ କୌଣସି ସଭ୍ୟ ରାଷ୍ଟ୍ରଙ୍କ ବଡ଼ଭାଇ ପଣିଆ ଗ୍ରହଣୀୟ ନୁହେଁ।

ଏମିତି ଦେଖିଲେ ବ୍ରିକ୍ସ ଏବେ ମଧ୍ୟ ବିଶ୍ୱ ବାଣିଜ୍ୟ ବ୍ୟାପାରରେ ସେତେ ପ୍ରଭାବଶାଳୀ ହୋଇପାରିନାହିଁ। ଏହାର କରେନ୍ସି ୟୁନିୟନ ଏ ଯାଏଁ ହୋଇନାହିଁ; ତେଣୁ ଡଲାର ସହିତ ପ୍ରତିଯୋଗିତା କରିବା ଅବସ୍ଥାରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ପହଞ୍ଚି ନାହାନ୍ତି। ସାଂଗଠନିକ ସ୍ତରରେ ମଧ୍ୟ ଏହା ଦୁର୍ବଳ ସ୍ଥିତିରେ ରହିଛି। ଏହାସତ୍ତ୍ୱେ ବ୍ରିକ୍ସ ଭାରତର ସ୍ୱାର୍ଥ ରକ୍ଷା ପାଇଁ ବିଶେଷ ସହାୟକ ହୋଇଛି। କାରଣ ବ୍ରିକ୍ସ ଭିତରେ ଏକ କଠୋର, ପାଶ୍ଚାତ୍ୟ ବିରୋଧୀ, ଚୀନ୍ ପ୍ରଭୁତ୍ୱବାଦୀ ଅର୍ଥନୈତିକ ବୈଶ୍ୱିକ ମେଣ୍ଟକୁ ଭାରତ ନାପସନ୍ଦ କରି ଏହାକୁ କରାଇ ନ ଦେବାକୁ ସବୁମତେ ଉଦ୍ୟମ ଚଳାଇଛି। ଏହି କୂଟନୀତିରେ ଭାରତ ପାଶ୍ଚାତ୍ୟ ଜଗତ ସମେତ ସ୍ୱଳ୍ପ ଉନ୍ନତ ରାଷ୍ଟ୍ରମାନଙ୍କ ସହ ଥିବା ଉତ୍ତମ ସମୀକରଣକୁ ବିଗାଡ଼ିବାକୁ ଚାହୁଁନାହିଁ। ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବ୍ରାଜିଲ ଓ ଇରାନ ଭଳି ଦ୍ରୁତ ବିକାଶଶୀଳ ଦେଶ କେହି ବ୍ରିକ୍ସରେ ଚୀନ୍‌ର ପ୍ରଭୁତ୍ୱ ବିସ୍ତାରକୁ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ। ରୁଷିଆ କେବଳ ଆଦର୍ଶଗତ ଓ ଅର୍ଥନୈତିକ ବାଧ୍ୟବାଧକତା ଯୋଗୁଁ ଚୀନ୍ ସହିତ ରହିଛି।

ସଂକ୍ଷପରେ କହିଲେ ବ୍ରିକ୍ସ ଦୁର୍ବଳ ହେଲେ ମଧ୍ୟ ଭାରତର ସ୍ୱାର୍ଥ ପାଇଁ ଅନୁକୂଳ ଅଛି। ଏହାର ସଭ୍ୟ ସଂଖ୍ୟା ବଢ଼ିଲେ ମଧ୍ୟ ସମୀକରଣ ବିଶେଷ ବଦଳିବ ନାହିଁ ଏବଂ ଏହି ମଞ୍ଚକୁ ଚୀନ୍ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରିବା ସମ୍ଭାବନା କ୍ଷୀଣ। ତେଣୁ ଚୀନ୍‌କୁ ଚେକ୍ ଦେବା ପାଇଁ ଏବଂ ଭାରତ ନିଜର ସ୍ୱାର୍ଥ ରକ୍ଷା ପାଇଁ ବ୍ରିକ୍ସ କୂଟନୀତି ଜାରି ରଖିବା ଉଚିତ। ସର୍ବୋପରି ପାକିସ୍ତାନ-ତୁର୍କୀ-ସାଉଦି ଆରବ ମେଣ୍ଟ ଦୃଷ୍ଟିରୁ ଭାରତ ପାଇଁ ବ୍ରିକ୍ସର ପ୍ରାସଙ୍ଗିକତା ଆହୁରି ଅଧିକ। ଏହିସବୁ ଦୃଷ୍ଟିକୋଣରୁ ବ୍ରିକ୍ସର ଏହି ବୈଠକ ଯେପରି କେବଳ ଔପଚାରିକତାରେ ଶେଷ ନ ହେବ ତାହା ଦେଖିବା ଦାୟିତ୍ୱ ଭାରତର। ●

## ଛାତ୍ରସଂସଦ ନିର୍ବାଚନ: ଗଣତନ୍ତ୍ରର ପ୍ରୟୋଗଶାଳା

ଡ. କମଳା ପ୍ରସାଦ ମହାପାତ୍ର

ଗତ ମାସରେ ଯନ୍ତରମନ୍ତର ଛାତ୍ର ଆନ୍ଦୋଳନରେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପରେ ସରକାର ଜେନ-ଜେଡ୍‌ମାନଙ୍କ ଭବିଷ୍ୟତ ସହ ଜଡ଼ିତ କେତେକ ପ୍ରସଙ୍ଗ ଉପରେ ଗଭୀର ଆନ୍ତରିକତା ସହ ବିଚାର କରୁଛନ୍ତି। ଏବେ ପୁଣି ବିଧିବଦ୍ଧ ଭାବେ ନେତାମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ଜେନ-ଜେଡ୍ ଓ ଜେନ-ଆଲଫା ଯୁବ ପିଢ଼ି ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ପଦକ୍ଷେପ ନେବା ପାଇଁ।

ଏହିଭଳି ଅସୁରକ୍ଷିତ, ନୈରାଶ୍ୟପୂର୍ଣ୍ଣ ପରିସ୍ଥିତି ଅତୀତରେ ଭୟାନକ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶର ଯୁବକମାନଙ୍କ ମଧ୍ୟରେ ନକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମ-ପରିଚିତି ବା ଅସ୍ମିତା ସଙ୍କଟ ସୃଷ୍ଟି ହୋଇଥିଲା। ଫଳସ୍ୱରୂପ ଆମେରିକାରେ 'ହିପ୍ପି ସଂସ୍କୃତି' ରୂପକ ଏକ ପ୍ରତି-ସଂସ୍କୃତି(କାଉଣ୍ଟର କଲ୍‌ଚର) ଗଢ଼ି ଉଠିଥିଲା। ସେମାନେ ଅନୁଭବ କଲେ ଯେ ପାରମ୍ପରିକ ଜୀବନଶୈଳୀ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ ନାହିଁ। ମୁଖ୍ୟସ୍ରୋତରେ ସାମିଲ ହେଲେ ସେମାନଙ୍କ ପାଇଁ ଅସ୍ତିତ୍ୱ ଓ ଅସ୍ମିତା ସଂକଟ ସୃଷ୍ଟି ହେବ। ବିଶ୍ୱଯୁଦ୍ଧର ଭୟାବହତା ପ୍ରଭାବରେ ସାମାଜିକ ସ୍ଥିତି, ଶିକ୍ଷା ବ୍ୟବସ୍ଥା, ଅର୍ଥନୈତିକ ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ବିପର୍ଯ୍ୟସ୍ତ ହେବା ପରେ ସେମାନେ ହତାଶ ହୋଇ ଆତ୍ମ-ପରିଚିତି ସନ୍ଧାନରେ ମୁଖ୍ୟସ୍ରୋତରୁ ଅଲଗା ହେବାକୁ ନିଷ୍ପତ୍ତି ନେଲେ। କେତେକାଂଶରେ ସମାନ ପରିସ୍ଥିତି ଦୃଷ୍ଟିଗୋଚର ହୁଏ, ଯେତେବେଳେ ବେକାରୀ ସମସ୍ୟା ଭଳି ହତାଶା ଓ ନୈରାଶ୍ୟରୁ ସୃଷ୍ଟି ହୋଇଥିବା 'କକ୍ରୋଚ ଜନତା ପାର୍ଟି', 'ଦିମାଗି ନକସଲ ପାର୍ଟି' ଭଳି ଗୋଷ୍ଠୀ ଗଣମାଧ୍ୟମରେ ସମାଲୋଚନାମୂଳକ, ବ୍ୟଙ୍ଗାତ୍ମକ କଟୁ ମନ୍ତବ୍ୟ ମାଧ୍ୟମରେ ଲକ୍ଷ ଲକ୍ଷ ଅନୁଗାମୀ ଯୋଗାଡ଼ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଆଗାମୀ ଦିନରେ ଯେ ବିସ୍ଫୋରକ ରୂପ ନ ନେବ ସେକଥା କିଏ କହିବ!

ଜେନ-ଜେଡ୍, ଜେନ୍-ଆଲଫା ସମସ୍ୟା ଉପରେ ଯଦି କେନ୍ଦ୍ର ସରକାର ଏତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ତେବେ ଆମ ରାଜ୍ୟ ସରକାର ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଟାଳଟୁଳ ନୀତି କାହିଁକି ଅବଲମ୍ବନ କରୁଛନ୍ତି? ଛାତ୍ରସଂସଦ ନିର୍ବାଚନ ଲାଗି ଆମ ସମ୍ବିଧାନରେ ଆଇନଗତ ବ୍ୟବସ୍ଥା ନଥିଲେ ମଧ୍ୟ ଛାତ୍ରମାନଙ୍କୁ ସେମାନଙ୍କ ମୌଳିକ ଅଧିକାର ପ୍ରଦାନ, ନେତୃତ୍ୱ ନେବା ଦକ୍ଷତା ସୃଷ୍ଟି କରିବା, ସମସ୍ୟା ସମାଧାନ ଶୈଳୀ ଶିଖିବା, ନିଷ୍ପତ୍ତି ନେବା ଦକ୍ଷତା ଆହରଣ କରିବା, ଗଣତାନ୍ତ୍ରିକ ପଦ୍ଧତି ସହ ପରିଚିତ କରାଇବା ଏବଂ ଭବିଷ୍ୟତର ନେତା ପ୍ରସ୍ତୁତ କରିବା ନିମିତ୍ତ କେବଳ ଆମ ଦେଶ ନୁହେଁ, ଆମେରିକା, ବ୍ରିଟେନ, ଫ୍ରାନ୍ସ ଆଦି ଦେଶର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନର ପ୍ରାବଧାନ ଅଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଆଭ୍ୟନ୍ତରୀଣ ଷ୍ଟାଚ୍ୟୁଟ ଆଧାରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥାଏ।

ଓଡ଼ିଶାରେ ରେଭେନ୍ସା ମହାବିଦ୍ୟାଳୟରେ ଡଃ ପ୍ରାଣକୃଷ୍ଣ ପରିଜା ଅଧ୍ୟକ୍ଷ ଥିବା ସମୟରେ ୧୯୩୮ ମସିହାରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରେଭେନ୍ସା କଲେଜରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ କରାଇ ସେ ସମୟରେ ଛାତ୍ରସମାଜକୁ ସାମ୍ବିଧାନିକ ମୌଳିକ ଅଧିକାର ପ୍ରଦାନ, ଗଣତନ୍ତ୍ରର ମୁଖ୍ୟସ୍ରୋତରେ ସାମିଲ କରାଇବାରେ ଉତ୍ତର ପ୍ରଦେଶ ପରେ ଓଡ଼ିଶା ଦ୍ୱିତୀୟ ରାଜ୍ୟ ଥିଲା। ଉତ୍ତରପ୍ରଦେଶର ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ପ୍ରଥମେ ୧୯୨୩ ମସିହାରେ ଛାତ୍ରସଂସଦ ନିର୍ବାଚନ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ବିଶ୍ୱବିଦ୍ୟାଳୟର ନିର୍ବାଚିତ ପ୍ରତିନିଧିମାନେ ୯ ଅଗଷ୍ଟ ୧୯୪୨ ମସିହାରେ 'ଭାରତ ଛାଡ଼' ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଘଟଣାରୁ ଛାତ୍ର ସଂସଦ ନିର୍ବାଚନର ଗୁରୁତ୍ୱ ଉପଲବ୍ଧି କରିହେବ। ଛାତ୍ର ସଂସଦ ନିର୍ବାଚନ ସଙ୍ଗଠିତ ହେବା ଦ୍ୱାରା ଛାତ୍ରମାନେ ଗଣତନ୍ତ୍ର ପଦ୍ଧତି ସହ ଜଡ଼ିତ ହେବା ସହିତ ଆଗାମୀ ଦିନରେ ସେମାନେ ଗଭୀର ଆତ୍ମବିଶ୍ୱାସ ସହ ନେତୃତ୍ୱ ନେବାର ଦକ୍ଷତା ହାସଲ କରି ଦେଶ ବା ରାଜ୍ୟ ଶାସନରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବାର ଯୋଗ୍ୟତା ହାସଲ କରିଥା'ନ୍ତି। ସୁତରାଂ ଛାତ୍ରସଂସଦ ନିର୍ବାଚନ ଭବିଷ୍ୟତ ନେତା ସୃଷ୍ଟି କରିବାର ଅନୁଡ଼ିଶାଳ ଭାବେ ବିବେଚନା କରାଯାଏ। ଏହିସବୁ କାରଣରୁ ଛାତ୍ରମାନଙ୍କ ମଧ୍ୟରେ ସ୍ୱଚ୍ଛ ବ୍ୟକ୍ତିତ୍ୱ, ଦକ୍ଷ ନେତୃତ୍ୱ ଗଠନ ଉଦ୍ଦେଶ୍ୟରେ ଆମ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପ୍ରତିବର୍ଷ ନିୟମିତ ଭାବେ କାଁ ଭାଁ ବିଶୃଙ୍ଖଳା ସତ୍ତ୍ୱେ ସୁରୁଖୁରୁରେ ଦଶହରା ଛୁଟି ପୂର୍ବରୁ ସମାହିତ ହେଉଥିଲା।

ନିର୍ବାଚନ ସମୟରେ ହିଂସା, ରାଜନୈତିକ ହସ୍ତକ୍ଷେପ, ପ୍ରଚୁର ଅର୍ଥ ବ୍ୟୟକୁ ରୋକିବା ଉଦ୍ଦେଶ୍ୟରେ ଏବଂ ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ, ହିଂସାମୁକ୍ତ କରିବା ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୦୬ ମସିହାରେ ସରକାର ଲିଙ୍ଗଡ଼ୋ କମିଶନ ଗଠନ କରିଥିଲେ ଏବଂ କମିଶନଙ୍କ ମାର୍ଗଦର୍ଶିକାକୁ ସମଗ୍ର ଦେଶର ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟାରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ମାର୍ଗଦର୍ଶିକାରେ ପୋଷ୍ଟର ବ୍ୟାନର ମାରିବା ନିଷେଧ କରିବା ସହ ସୀମିତ ଅର୍ଥ ବ୍ୟୟ ପାଇଁ ନିର୍ଦ୍ଦେଶ ଥିଲା। ଓଡ଼ିଶାରେ ମଧ୍ୟ ସେହି ଆଧାରରେ ନିର୍ବାଚନ ସମାହିତ ହେଉଥିଲା। ମାତ୍ର ୨୦୧୮ ମସିହାରେ କ୍ୟାମ୍ପସ ହିଂସା ଯୋଗୁଁ ନିର୍ବାଚନକୁ ବାତିଲ କରିଦିଆଯାଇଥିଲା। ଏବେ ପ୍ରଶ୍ନ ଉଠୁଛି ସାଧାରଣ ନିର୍ବାଚନରେ କ'ଣ ହିଂସା ହୁଏ ନାହିଁ? ଅନେକ ହିଂସାକାଣ୍ଡ ଘଟି ପ୍ରଭୂତ ଧନ ଜୀବନ ହାନି ହୋଇଥାଏ। ସେତେବେଳେ କ'ଣ ସାଧାରଣ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଏ କି? କେବଳ ସାମୟିକ ଭାବେ ହିଂସା ଘଟିଥିବା କେତୋଟି ବୁଥରେ ନିର୍ବାଚନ ବାତିଲ କରାଯାଇ ପରବର୍ତ୍ତୀ ଅବସ୍ଥାରେ ନିର୍ବାଚନ କରାଯାଇଥାଏ। ସୁତରାଂ କ୍ୟାମ୍ପସ ହିଂସା ଦୁହାଇ ଦେଇ ନିର୍ବାଚନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବାତିଲ କରିବା ପର୍ଯ୍ୟାପ୍ତ କାରଣ ନୁହେଁ ବା ନ୍ୟାୟ ସଙ୍ଗତ ନୁହେଁ।

କ୍ୟାମ୍ପସ ହିଂସାର ପ୍ରମୁଖ କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସମୀଚୀନ ମନେହୁଏ। ଗ୍ରୀଷ୍ମ ଅବକାଶ ପରେ ଶିକ୍ଷା ବର୍ଷ ଜୁନ ମାସ ମଧ୍ୟ ଭାଗରେ ଆରମ୍ଭ ହେଉ ହେଉ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରିସର ନିର୍ବାଚନରେ ବିଭିନ୍ନ ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର ବ୍ୟାନରରେ ଭର୍ତ୍ତି ହୋଇଯାଏ। ଏହାପରେ କ୍ୟାମ୍ପସରେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନଙ୍କର ଭିଡ଼ ଜମେ। ଜିତିବାର ସମ୍ଭାବନା ଥିବା ସଠିକ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ନିର୍ବାଚନ ଖର୍ଚ୍ଚ ବାବଦ ପର୍ଯ୍ୟାପ୍ତ ପରିମାଣର ଅର୍ଥ ମଧ୍ୟ ବିତରଣ କରାଯାଏ। ସେହିସମୟରେ ଶିକ୍ଷାନୁଷ୍ଠାନମାନଙ୍କରେ ଏକ ଉତ୍ସବର ବାତାବରଣ ଦେଖିବାକୁ ମିଳେ। ପ୍ରତିଦିନ ଷ୍ଟାର ହୋଟେଲରେ ଡିନର, ଦାମୀ ଉପହାର ବଣ୍ଟନ, ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଯଦିଓ ଲିଙ୍ଗଡ଼ୋ କମିଶନ ନିର୍ବାଚନ ଖର୍ଚ୍ଚକୁ ସୀମିତ ରଖିଛନ୍ତି ଏବଂ ପୋଷ୍ଟର ବ୍ୟାନର ମାରିବାକୁ ନିଷେଧ କରିଛନ୍ତି ତଥାପି ଛାତ୍ରଛାତ୍ରୀମାନେ ଏହି ନିୟମର ଉଲ୍ଲଙ୍ଘନ କଲେ ମଧ୍ୟ କୌଣସି ଛାତ୍ରଗୋଷ୍ଠୀ ଅଭିଯୋଗ କରୁ ନ ଥିବାରୁ କର୍ତ୍ତୃପକ୍ଷ ନୀରବ ଦ୍ରଷ୍ଟା ସାଜିଥା'ନ୍ତି।

ଏହି ନିର୍ବାଚନ ରଣାଙ୍ଗନରେ ପ୍ରାୟତଃ ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କ ପଲା ଭାରି ଥାଏ। ବାହାରୁ କେହି ଦେଖିଲେ ଅନୁଭବ କରିବେ ଯେ ଛାତ୍ର ସଂସଦ ନିର୍ବାଚନ, ଦେଶର ସାଧାରଣ ନିର୍ବାଚନଠାରୁ କୌଣସି ଗୁଣରେ କମ ନୁହେଁ। ରାଜନୈତିକ ହସ୍ତକ୍ଷେପ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅପାରଗତା, ଉଦାସୀନତା ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ବାଚନ ସମୟରେ ଯେ ହିଂସା ସୃଷ୍ଟି ହେଉଛି, ଏଥିରେ ସନ୍ଦେହ ନାହିଁ। ସାଧାରଣ ନିର୍ବାଚନ ଯଦି ହିଂସାମୁକ୍ତ ହୋଇପାରୁଛି, ଛାତ୍ରସଂସଦ ନିର୍ବାଚନ ମଧ୍ୟ ସ୍ୱଚ୍ଛ, ଅବାଧ ଓ ହିଂସାମୁକ୍ତ ହୋଇପାରିବ। ଏଥିପାଇଁ ଆନ୍ତରିକତା, ଅଙ୍ଗୀକାରବଦ୍ଧତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଜେନ-ଜେଡ୍, ଜେନ-ଆଲଫା ଯୁବ ପିଢ଼ିକୁ ଗଣତାନ୍ତ୍ରିକ ପଦ୍ଧତି ସହ ସାମିଲ କରିବା ପାଇଁ ଛାତ୍ର ସଂସଦ ନିର୍ବାଚନର ପୁନଃ ପ୍ରଚଳନ ଜରୁରୀ ବୋଲି ମନେହୁଏ। ●

ଭୁବନେଶ୍ୱର, ମୋ: ୭୩୮ ୧୦୭୩୧୩୬

## ଅଧ ପାହୁଲାର ମୋହ!

ଛନ୍ଦା ମିଶ୍ର

ଅନେକ ସମୟରେ ଲୋକେ କହିବାର ଶୁଣିଛି ଯେ, ମୋ ବାପାଙ୍କର ସମ୍ବଳ ନ ଥିଲା, ନ ଥିଲା ମୋ ପାଇଁ ଅନୁକୂଳ ପରିବେଶ, ନ ହେଲେ ମୁଁ ଆଜି ଅମୁକ ହୋଇ ପାରିଥା'ନ୍ତି। ଏପରିକି ଲୋକେ, ସିଧାସଳଖ ବାପାମା'ଙ୍କୁ ଦୋଷ ଦେଇ କୁହନ୍ତି, 'ତୁମେ ଆମ ପାଇଁ କ'ଣ କରିଛ କି! ସେ ସମୁକକୁ ଦେଖ। ତା' ପାଇଁ ତା' ବାପା କେମିତି କେତେ କ'ଣ କରି ଦେଇଛନ୍ତି।' ହେଲେ ସେମାନେ ଭୁଲି ଯାଆନ୍ତି ଯେ ଅନେକ ସଫଳ ବ୍ୟକ୍ତିବିଶେଷ ଖୁବ୍ କମ୍ ବୟସରେ ନିଜ ପିତାମାତାଙ୍କୁ ହରାଇ, ଦୁର୍ଦ୍ଦିନକୁ ଖୁବ୍ ପାଖରେ ଦେଖି, ତା' ସହିତ ଲଢ଼ି, ଆଜି ଏପରି ଏକ ସ୍ଥାନରେ ପହଁଚି ଯାଇଛନ୍ତି ଯେ ଆମ ପାଇଁ ପାଲଟି ଯାଇଛନ୍ତି ଏକ ଆଦର୍ଶ।

ପ୍ରକୃତରେ ସୁଯୋଗ ସମସ୍ତଙ୍କୁ ମିଳେ। ହେଲେ ଉଚିତ୍ ସମୟରେ ପ୍ରସ୍ତୁତ ରହି ସୁଯୋଗଟିର ସଦୁପଯୋଗ କରିବା ପାଇଁ କ୍ୱଚିତ୍ ଭାଗ୍ୟଶାଳୀ ହୁଅନ୍ତି ସକ୍ଷମ। ଆଉ ଅଭାଗାମାନେ ଭାଗ୍ୟ, ସମୟ ଓ ବିଧାତାଙ୍କ ମୁଣ୍ଡକୁ ଦୋଷ ଠେଲି ଦିଅନ୍ତି। ସମସ୍ତଙ୍କୁ ମିଳେ ଦିନକୁ ସେଇ ଚବିଶ ଘଣ୍ଟା, ସପ୍ତାହକୁ ସେଇ ସାତୋଟି ବାର, ଆଉ ବର୍ଷକୁ ସେଇ ତିନି ଶହ ପଞ୍ଚଷଠି ଦିନ। ସେଇ ସମାନ ଶିକ୍ଷକ ଆସି ଶ୍ରେଣୀଗୃହରେ ପଚାଶଟି ପିଲାଙ୍କୁ ସମାନ ଭାବେ ନିଜ ଜ୍ଞାନ ବିତରଣ କରନ୍ତି। ହେଲେ ପିଲାଏ ନିଜ ନିଜ ଆଗ୍ରହ ଓ କ୍ଷମତା ହିସାବରେ ଜ୍ଞାନ ଆହରଣ କରିଥା'ନ୍ତି। ସମସ୍ତଙ୍କୁ ସମାନ ପ୍ରଶ୍ନପତ୍ର ମିଳେ। ପ୍ରତିଟି ପାଠକୁ ଧ୍ୟାନ ଦେଇ ଶୁଣିଥିବା, ଘରେ ତାହାକୁ ଅଭ୍ୟାସ କରିଥିବା ଛାତ୍ରଟି ଉତ୍ତର ଖାତାରେ ଭଲ ପ୍ରଦର୍ଶନ କରୁଥିବା ବେଳେ ପାଠ ପ୍ରତି ଅନାଗ୍ରହୀ ତଥା ହେୟ ମନୋଭାବ ପୋଷଣ କରିଥିବା ଛାତ୍ରଟିର ପ୍ରଦର୍ଶନ ତା' ନିଜ ସହିତ ଅନ୍ୟମାନଙ୍କୁ ବି ଅସନ୍ତୁଷ୍ଟ କରିପକାଏ। ଚାଲି ନଜାଣି ବାଟର ଦୋଷ ପରି ସେମାନେ କେବେ ଶିକ୍ଷକଙ୍କୁ, କେବେ ପ୍ରଶ୍ନ ପତ୍ର ବା କେବେ ସମୟ ମୁଣ୍ଡରେ ବୋଳି ଦିଅନ୍ତି ଅଠା।

ଜୀବନ ବି ଠିକ୍ ସେହିପରି। ଏଠି ଆପଣଙ୍କୁ ମିଳିଥିବା ସମୟ ମଧ୍ୟରେ ହିଁ ପରୀକ୍ଷା ଦେଇ ନିଜ ମୂଲ୍ୟାୟନ କରାଇବାର ଅଛି। ଜୀବନ ପ୍ରତି ସଚେତନ ମନୋଭାବ ପୋଷଣ କରିଥିବା ଲୋକେ ଜୀବନକୁ ଜିଇଁଥା'ନ୍ତି। ବାକିମାନେ ତମାମ ଜୀବନ ଅଚେତନ ହୋଇ ଜୀବନ କାଟନ୍ତି। ସେମାନେ ସଚେତନ ହେଲା ବେଳକୁ ଜୀବନ ଆସି ପହଁଚି ଯାଇଥାଏ ମୃତ୍ୟୁର ସମୀପରେ। କେବଳ ନିଜ କପାଳକୁ ନିନ୍ଦିବା ବ୍ୟତୀତ ଆଉ କିଛି ନଥାଏ ତାଙ୍କ ଅଧୀନରେ। କଷ୍ଟ କାମଗୁଡ଼ିକୁ ଏଡ଼ାଇ ଦେଇଚୁ ଭାବି ଆମେ ନିଜକୁ ଚାଲାକ ମନେ କରି ଖୁସି ହେଉ। ଭୁଲିଯାଉ ଯେ କଷ୍ଟ କଲେ ହିଁ କୃଷ୍ଣ ମିଳନ୍ତି। କିନ୍ତୁ ସେହି କଷ୍ଟ କାମଟିକୁ କରି ଅନ୍ୟ ଜଣେ ଚଢ଼ିଯାଏ ସଫଳତାର ପାହାଚ। ପୁଣି ଅଧିକାଂଶ କ୍ଷେତ୍ରରେ କରୁଥିବା କାମଟିକୁ ହେୟ ମନୋଭାବ ନେଇ କରୁଥିବାରୁ ଆମେ ଆମ କାମରୁ ସନ୍ତୁଷ୍ଟି ପାଉନା ଏବଂ କାମର ଫଳାଫଳ ମଧ୍ୟ ହୁଏ ପ୍ରଭାବିତ। ପରିସ୍ଥିତି ଯେତେ ଛୋଟ ହେଉ ବା ବଡ଼, କଠିନ ହେଉ ବା ସରଳ, ଯଦି ଆମେ ତାହାକୁ ସକାରାତ୍ମକ ଚିନ୍ତାଧାରା ନେଇ ସାମନା କରିବା ତେବେ ତାହା ଆମ ପାଇଁ ପାଲଟିଯିବ ଏକ ସଫଳତା।

ବାରଣାସୀରେ ରହୁଥିଲେ ଜଣେ କୃପଣ ମହାଜନ। ପଇସା ଖର୍ଚ୍ଚ ଭୟରେ ପତ୍ନୀଙ୍କର ତୀର୍ଥଭ୍ରମଣ ପ୍ରସ୍ତାବକୁ କୌଣସି ନା କୌଣସି ଆଳ ଦେଖାଇ ସେ ଏଡ଼ାଇ ଯାଆନ୍ତି। ସେଥର ପଡ଼ିଥାଏ କୌଣସି ପବିତ୍ର ଲଗ୍ନ। ପତ୍ନୀ କହିଲେ, ଆମେ ଟିକେ ଗଙ୍ଗାରେ ବୁଡ଼ ପକାନ୍ତେ। ମହାଜନ କହିଲେ, ଯେମିତି ବୁଡ଼ ପକାଇ ଉଠିବା କୋଉଠି ଥିବେ ବ୍ରାହ୍ମଣ, ଆସି ମନ୍ତ୍ର ପଢ଼ି ଦକ୍ଷିଣା ମାଗିବେ। ପତ୍ନୀ ପୁଣି କହିଲେ, ଆମେ ତୁଠରେ ନ ଗାଧୋଇ ଅଲଗା ଜାଗାକୁ ଯିବା ଯେଉଁଠି କେହି ଆମକୁ ଦେଖିପାରିବେ ନାହିଁ। ଅନେକ ଯୁକ୍ତିତର୍କ ପରେ ମହାଜନ ରାଜି ହୋଇ ବାହାରିଲେ। ନିଛାଟିଆ ସ୍ଥାନ ଦେଖି ଦୁହେଁ ଗଙ୍ଗାରେ ବୁଡ଼ ପକାଇଛନ୍ତି, ସେଇବାଟେ ଅଦୃଶ୍ୟ ଭାବେ ଯାଉଥିଲେ ଶିବପାର୍ବତୀ। ମା' କହିଲେ, ଦେଖୁଛନ୍ତି ପ୍ରଭୁ! ଏମାନେ ହେଉଛନ୍ତି ପ୍ରକୃତ ଭକ୍ତ। ଲୋକଦେଖାଣିଆ ନୁହେଁ, ନିରୋଳାରେ ଧର୍ମ ଅର୍ଜନ କରୁଛନ୍ତି। ମହାଦେବ କହିଲେ, ମହାଜନ ତ ଧାର୍ମିକ ନୁହନ୍ତି। ତଥାପି ପରୀକ୍ଷା କରା ଯାଇପାରେ।

ବ୍ରାହ୍ମଣ ବେଶ ଧରି ମହାଦେବ ଉଭା ହୋଇ ଆଶୀର୍ବାଦ କାମନା କରି ହାତ ପତେଇ ଛିଡ଼ା ହେଲେ। ମହାଜନ ଖୁବ୍ ବିରକ୍ତ ହୋଇ କହିଲେ, ମୁଁ ତ ତୁମକୁ କହି ନଥିଲି, କାହିଁକି ମନ୍ତ୍ର ପଢ଼ିଲ? ମହାଦେବ କହିଲେ, ତୁମେ ଯାହା ଦେବ ଚଳିବ। ଖୁବ୍ କଷ୍ଟରେ ମହାଜନ ଅଧ ପାହୁଲା ଦେବା ପାଇଁ ରାଜି ହେଲେ; କିନ୍ତୁ କହିଲେ, ମୁଁ କ'ଣ ପଇସା ଥଳି ଧରି ବୁଲୁଚି? ତେଣୁ ମହାଦେବ ଦକ୍ଷିଣା ପାଇଁ ମହାଜନଙ୍କ ଘର ପର୍ଯ୍ୟନ୍ତ ଯିବାକୁ ରାଜି ହେଲେ। ଘର ହେଉ ହେଉ ମହାଜନ କହିଲେ, ମୁଁ ଭୁଲି ଯାଇଥିଲି, ଘରେ ଆଜି ରେଜା ନାହିଁ। ମହାଦେବ ତା' ପରଦିନ ଆସିଲେ। କିନ୍ତୁ ଗୁରୁବାରେ ଦକ୍ଷିଣା ଦେଇପାରିବେନି କହି ମହାଜନ ମନା କଲେ। ଏମିତି ପ୍ରତିଦିନ କୌଣସି ନା କୌଣସି ଆଳ ଦେଖାଇ ମହାଜନ ମହାଦେବଙ୍କୁ ଫେରାଇ ଦେଉଥିଲେ। ଦିନେ ମହାଜନ ତାଙ୍କ ପତ୍ନୀଙ୍କୁ କହିଲେ, ବ୍ରାହ୍ମଣ ପଚାରିଲେ କହିବୁ ମୁଁ ମରିଗଲି। ସେୟା ହେଲା। ମହାଦେବଙ୍କୁ ବା କ'ଣ ଅଛପା! ସେ କହିଲେ, ମାଆ ତୁମ ସ୍ୱାମୀଙ୍କ ସ୍ୱଭାବ ଯେପରି ତାଙ୍କୁ ସତ୍କାର କରିବା ପାଇଁ ତ କେହି ଆସିବେ ନାହିଁ, ତେଣୁ ମୁଁ ନେଇ ଯାଉଛି ଗଙ୍ଗାରେ ତାଙ୍କୁ ବିସର୍ଜନ କରିଦେବି। ଏହା କହି ମହାଜନଙ୍କୁ କାନ୍ଧରେ ଉଠାଇ ଚାଲିଲେ ମହାଦେବ। ଠିକ୍ ଗଙ୍ଗା ପାଖରେ ପହଞ୍ଚିଲା ବେଳକୁ ମହାଜନ ଡେଇଁ ପଡ଼ି କହିଲେ, ଆରେ ବ୍ରାହ୍ମଣ ଗୋସାଇଁ ତୁମେ ତ ପୁରା ମହାଦେବଙ୍କ ପରି। ଦେଖ ତୁମେ ଛୁଇଁ ଦେବାରୁ ମୁଁ ଜୀବନ ଫେରି ପାଇଲି। ମହାଜନର କଥାରେ ହସି ଦେଇ ଶିବ କହିଲେ, ମୁଁ ମହାଦେବଙ୍କ ପରି ନୁହେଁ ସ୍ୱୟଂ ମହାଦେବ। କ'ଣ ବର ମାଗୁଛ ମାଗ। ମହାଜନ କହିଲେ, ତା'ହେଲେ ମତେ ସେ ଅଧ ପାହୁଲାଟି ଛାଡ଼ି ଦିଅ। ଦୀର୍ଘଶ୍ୱାସଟିଏ ଛାଡ଼ି, ମହାଦେବ ତଥାସ୍ତୁ କହି ଅଦୃଶ୍ୟ ହୋଇଗଲେ।

ଅନେକ ସମୟରେ ଆମେ ଅଧ ପାହୁଲାର ମୋହରେ ଜୀବନ ଆମ ପାଇଁ ରଖିଥିବା ଈଶ୍ୱରୀୟ ଆଶୀର୍ବାଦକୁ ଭୁଲିଯାଉ। ●

ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

## ମତ୍ସ୍ୟପୂଜନ ପରମ୍ପରା

### ତିମି-ଅସ୍ଥି ସ୍ୱରୂପରେ ପୂଜା ପାଉଛନ୍ତି 'ମତ୍ସ୍ୟ ମାତା'

ଓଜସ୍ୱିନୀ

ସୃଷ୍ଟିକୁ ମହାପ୍ରଳୟରୁ ରକ୍ଷା କରିବା ପାଇଁ ଶ୍ରୀବିଷ୍ଣୁ ଯେଉଁସବୁ ଅବତାର ଗ୍ରହଣ କରିଥିଲେ, ସେ ମଧ୍ୟରୁ ମତ୍ସ୍ୟ ଅବତାର ଅନ୍ୟତମ। ଭାରତର ଅନନ୍ୟ ଧର୍ମୀୟ ଧାରଣା, ବିଶ୍ୱାସ ଓ ନିଆରା ପରମ୍ପରାରେ ଶ୍ରୀବିଷ୍ଣୁଙ୍କ ଏହି ପ୍ରତୀକାତ୍ମକ ସ୍ୱରୂପ ମାଛକୁ ଭାରତର ଅନେକ ସ୍ଥାନରେ ପୂଜା କରାଯାଏ। ଗୁଜରାଟ, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶ ଭଳି ଅନେକ ରାଜ୍ୟରେ ମତ୍ସ୍ୟ ପୂଜନ ସହିତ ଜଡ଼ିତ ଅନେକ ମନ୍ଦିର ରହିଛି, ଯାହା ମଧ୍ୟରୁ କିଛି ଚିତ୍ତାକର୍ଷକ ତ' ଆଉ କିଛି ରହସ୍ୟମୟ। ଆଉ କେତେକ ମନ୍ଦିରରେ ମୁଖ୍ୟ ଭୋଗ ରୂପରେ ମାଛ ପୂଜା ହେଉଛି। ରାଶିଚକ୍ରର ଦ୍ୱାଦଶତମ ରାଶି ଭାବେ ମଧ୍ୟ ମୀନ ବା ମାଛକୁ ସ୍ଥାନ ଦିଆଯାଇଛି। ଚୀନ୍‌ର ପ୍ରାଚୀନ ବାସ୍ତୁଶାସ୍ତ୍ର ଫେଙ୍ଗ୍‌ସୁଇରେ ମଧ୍ୟ ମାଛର ପ୍ରାଧାନ୍ୟ ରହିଛି। ନକାରାତ୍ମକ ଶକ୍ତି ଦୂର କରିବାଠାରୁ ଆରମ୍ଭ କରି ସୁଖସମୃଦ୍ଧି ବୃଦ୍ଧି କରିବା ଦିଗରେ ମାଛର ଆକୃତି ଓ ରଙ୍ଗକୁ ନେଇ ଫେଙ୍ଗସୁଇରେ ଅନେକ ତଥ୍ୟ ଉଲ୍ଲେଖ ଅଛି। ପ୍ରକୃତି ଓ ଜୀବସତ୍ତାର ଉପାସକ ଭାବେ ସର୍ବବିଦିତ ବିଭିନ୍ନ ଜନଜାତି ମଧ୍ୟ ମାଛକୁ ଦେବାଦେବୀ ଭାବେ ଉପାସନା କରିଥା'ନ୍ତି। ବିଦେଶୀୟ ସଂସ୍କୃତି ଏବଂ ଧର୍ମଧାରଣାରେ କେତେକ ସ୍ଥଳରେ ମତ୍ସ୍ୟପୂଜନର ପରମ୍ପରା ଦେଖିବାକୁ ମିଳେ। ପରମ୍ପରାଗତ ଦୃଷ୍ଟିରୁ ହେଉ କିମ୍ବା ସାମାଜିକ ଦୃଷ୍ଟିରୁ, ଲୋକମାନେ କାହିଁ କେଉଁକାଳରୁ ମାଛକୁ ପୂଜା କରି ଆସୁଛନ୍ତି। କେବଳ ଆଧ୍ୟାତ୍ମିକ ଭାବଧାରାରେ ନୁହେଁ, ବରଂ କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, ଲୋକକଥା, ଢଗଢମାଳି, ରୂଢ଼ି ଆଦିରେ ମାଛକୁ ବିଶେଷ ମହତ୍ତ୍ୱ ପ୍ରଦାନ କରାଯାଇଛି।

### ବିଚିତ୍ର ବିଶ୍ୱାସ

ଗୁଜୁରାଟର ଭଲସାଡ୍ ତହସିଲ୍ ଅନ୍ତର୍ଗତ ମାଗୋଦ୍ ଡୁଙ୍ଗ୍ରି ଗ୍ରାମରେ ମତ୍ସ୍ୟମନ୍ଦିର ଅବସ୍ଥିତ। ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ଏକ ହ୍ୱେଲ୍ ବା ବଡ଼ ସାମୁଦ୍ରିକ ମାଛ ବା ତିମିର ହାଡ଼କୁ ପୂଜା କରାଯାଏ ଏବଂ ଏହି ପୀଠଟି 'ମତ୍ସ୍ୟ ମାତାଜୀ' ଭାବରେ ପରିଚିତ। ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯିବା ପୂର୍ବରୁ ଏଠାରେ ପୂଜା କରନ୍ତି। ବିଶ୍ୱାସ ରହିଛି ଯେ, ମତ୍ସ୍ୟ ମାତାଜୀଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ମତ୍ସ୍ୟଜୀବୀମାନେ ସୁରକ୍ଷିତ ଭାବେ ଫେରିଆସିଥାନ୍ତି ଏବଂ ଅଧିକ ମାଛ ମିଳିଥାଏ। ଏହାବ୍ୟତୀତ ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି ଯେ, ଦେବୀଙ୍କ ଆଶୀର୍ବାଦ ଦ୍ୱାରା ସମଗ୍ର ଅଞ୍ଚଳ ସୁରକ୍ଷିତ ରହିଛି।

କିମ୍ବଦନ୍ତୀ ଅନୁସାରେ, ପ୍ରାୟ ୩୦୦ ବର୍ଷ ପୂର୍ବେ ଡୁଙ୍ଗ୍ରି ଗ୍ରାମର ବାସିନ୍ଦା ଟଣ୍ଡେଲ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନରେ ସନ୍ଦେଶ ଆସିଥିଲା ଯେ, ଦେବୀଙ୍କ ରୂପରେ ଏକ ବିଶାଳ ମାଛ ବେଳାଭୂମିରେ ପହଞ୍ଚିଛି। ତା' ପରଦିନ ସେ ସମୁଦ୍ର କୂଳରେ ପହଞ୍ଚିଥିଲେ ଏବଂ ପ୍ରକୃତରେ ଗୋଟିଏ ମୃତ ତିମିର ଶରୀର କୂଳରେ ମିଳିଥିଲା। ଏହାକୁ ସ୍ୱୟଂ ଦେବୀଙ୍କ ଆବିର୍ଭାବ ବୋଲି ବିଶ୍ୱାସ କରି ସେଠାରେ କବର ଦିଆଯାଇଥିଲା। ମନ୍ଦିର ନିର୍ମାଣ ହେବା ପରେ ତିମିର ହାଡ଼କୁ କବର ଭିତରୁ ବାହାର କରି ମନ୍ଦିର ଭିତରେ ସ୍ଥାପନ କରାଯାଇଥିଲା। ସେବେଠାରୁ ଏଠାରେ ତିମି ହାଡ଼କୁ 'ମତ୍ସ୍ୟ ଦେବୀ' ବା 'ମତ୍ସ୍ୟ ମାତା' ଭାବେ ପୂଜା କରାଯାଉଛି। ଅନ୍ୟ ଏକ ଜନଶ୍ରୁତି ଅନୁସାରେ, କେତେଜଣ ଗ୍ରାମବାସୀ ଟଣ୍ଡେଲ୍‌ଙ୍କ ସ୍ୱପ୍ନ ଏବଂ ମୃତତିମିକୁ ମତ୍ସ୍ୟମାତାଙ୍କ ସ୍ୱରୂପ ବୋଲି ବିଶ୍ୱାସ କରି ନ ଥିଲେ। ସେହି ସମୟରେ, ଗାଁରେ ଏକ ଭୟଙ୍କର ରୋଗ ବ୍ୟାପିଥିଲା। ରୋଗମୁକ୍ତ ହେବା ପାଇଁ ଗାଁର ଲୋକମାନେ ମତ୍ସ୍ୟ ମାତାଜୀ ମନ୍ଦିରରେ ପ୍ରାର୍ଥନା କରିଥିଲେ। ମାତାଙ୍କ କୃପାରୁ ଚମତ୍କାର ଭାବେ ଗ୍ରାମବାସୀ ସୁସ୍ଥ ହୋଇଥିଲେ। ସେବେଠାରୁ ମନ୍ଦିର ନିର୍ମାଣକୁ ବିରୋଧ କରୁଥିବା ଲୋକମାନେ ମଧ୍ୟ ମତ୍ସ୍ୟଦେବୀଙ୍କ ଅଲୌକିକ ଶକ୍ତିଙ୍କୁ ବିଶ୍ୱାସ କଲେ ଏବଂ ଗ୍ରାମ ବାହାରେ ଏହି ମନ୍ଦିରର ପ୍ରସିଦ୍ଧି ବୃଦ୍ଧି ପାଇବାରେ ଲାଗିଲା। ବର୍ତ୍ତମାନ ସମୟରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ବିଭିନ୍ନ ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରୁଛନ୍ତି। ଏଠାରେ ଭକ୍ତଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବା ସହିତ ରୋଗବ୍ୟାଧି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାତାଙ୍କୁ ପୂଜା ନ କରି ସମୁଦ୍ରକୁ ଗଲେ କୌଣସି ଅଘଟଣ ଘଟିବ ବୋଲି ଆଶଙ୍କା କରାଯାଏ।(କ୍ରମଶଃ ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୩୦ ତାରିଖ ସୁଦ୍ଧା ସମସ୍ତ ଶିଶୁ ଆଶ୍ରୟସ୍ଥଳର ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୯ (ସମିସ): ରାଜ୍ୟର ସମସ୍ତ ଜିଲ୍ଲାର ଶିଶୁ ଆଶ୍ରୟସ୍ଥଳର ତୁରନ୍ତ ନିରୀକ୍ଷଣ ପାଇଁ ରାଜ୍ୟସରକାର ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅନୁଷ୍ଠାନରେ ଶିଶୁ ବିରୁଦ୍ଧରେ ଅପରାଧ ଘଟିଥିବା ଜଣାପଡ଼େ, ତେବେ କେବଳ ଅଭିଯୁକ୍ତ ବ୍ୟକ୍ତି ନୁହେଁ, ପରିଚାଳନା ପକ୍ଷ ବିରୁଦ୍ଧରେ ମଧ୍ୟ ପୋକ୍‌ସୋ ଆଇନର ଧାରା-୨୧ ଓ ଜୁଭେନାଇଲ ଜଷ୍ଟିସ ଆଇନର ଧାରା-୭୫ ଓ ୭୬ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ବିଭାଗକୁ ଜିଲ୍ଲାଭିତ୍ତିକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏଥିରେ ନିରୀକ୍ଷଣ ହୋଇଥିବା ଅନୁଷ୍ଠାନ ସଂଖ୍ୟା, ପଞ୍ଜୀକୃତ ଓ ଅପଞ୍ଜୀକୃତ ସୁବିଧା, ଉଦ୍ଧାର ହୋଇଥିବା ଶିଶୁ ଓ ସେମାନଙ୍କ ବର୍ତ୍ତମାନ ସ୍ଥାନ, ସ୍ୱାସ୍ଥ୍ୟ ପରୀକ୍ଷା, କର୍ମଚାରୀ ଭେରିଫିକେସନ ସ୍ଥିତି, ମାମଲା ଦାୟର ଓ ସିଲ ହୋଇଥିବା ପରିସର ବିଷୟରେ ବିବରଣୀ ରହିବ। ଏହି ନିର୍ଦ୍ଦେଶକୁ ନିୟମିତ ଡେଲିଗେସନ ନୁହେଁ, ବ୍ୟକ୍ତିଗତ ତଦାରଖ ଭାବେ ଗ୍ରହଣ କରିବାକୁ କୁହାଯାଇଛି। କେନ୍ଦ୍ରାପଡ଼ା ଶିଶୁ ଯତ୍ନ ଅନୁଷ୍ଠାନ ଘଟଣା ପରେ ରାଜ୍ୟସରକାର ଶିଶୁ ରହୁଥିବା ଅନୁଷ୍ଠାନଗୁଡ଼ିକରେ କଠୋର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରୀ ହୋଇଥିବା ଏହି ନିର୍ଦ୍ଦେଶନାରେ ଶିଶୁ ରହୁଥିବା ଅନୁଷ୍ଠାନ ଗୁଡ଼ିକ ସୁରକ୍ଷା, କର୍ମଚାରୀ ଓ ପଞ୍ଜୀକରଣ ନିୟମ କଠୋର ଭାବେ ଲାଗୁ କରିବାକୁ କୁହାଯାଇଛି। ଜୁଭେନାଇଲ ଜଷ୍ଟିସ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ର ଧାରା ୪୧ ଓ ୪୨ ଅନୁସାରେ ଶିଶୁ ରହୁଥିବା ପ୍ରତ୍ୟେକ ଅନୁଷ୍ଠାନକୁ ପଞ୍ଜୀକୃତ

- ଶିଶୁ ପ୍ରଯତ୍ନ କେନ୍ଦ୍ରରୁ ପରିବାରକୁ ହସ୍ତାନ୍ତର ପରେ ୪ମାସର ଗର୍ଭବତୀ ଥିବା ସୂଚନା
- ଘଟଣା ପରେ ତତ୍ପରତା ଦେଖାଇଲେ ସରକାର

ସହ ଶିଶୁ ଆଶ୍ରୟସ୍ଥଳରେ ୨୪ ଘଣ୍ଟା ସୁରକ୍ଷା ଓ ମହିଳା କର୍ମଚାରୀ ବାଧ୍ୟତାମୂଳକ ଅଟେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ଓ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ଏହି କାର୍ଯ୍ୟ ପାଇଁ ପୂର୍ଣ୍ଣଭାବେ ନିୟୋଜିତ କରାଯିବ। ଆବଶ୍ୟକ ପଡ଼ିଲେ 'ମିଶନ ବାତ୍ସଲ୍ୟ' ପ୍ରଶାସନିକ ବଜେଟରୁ ଆବଶ୍ୟକ ଖର୍ଚ୍ଚ ମଞ୍ଜୁର କରାଯିବ। ଅର୍ଥାଭାବ ଯୋଗୁଁ କୌଣସି ଅନୁଷ୍ଠାନ ଯାଞ୍ଚ ନହେବାର ଯୁକ୍ତି ଗ୍ରହଣଯୋଗ୍ୟ ହେବ ନାହିଁ। ଅଣପଞ୍ଜୀକୃତ ଅନୁଷ୍ଠାନ ପାଇଁ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କୁ ନେଇ ଯୌଥ ନିରୀକ୍ଷଣ ଦଳ ଗଠନ କରାଯିବ ଏବଂ ପ୍ରତ୍ୟେକ ଶିଶୁର ୨୪ ଘଣ୍ଟା ସୁରକ୍ଷା ସୁନିଶ୍ଚିତ କରାଯିବ। ପ୍ରବେଶ-ପ୍ରସ୍ଥାନ ନିୟନ୍ତ୍ରଣ, ରାତ୍ରିକାଳୀନ ତଦାରଖ, ଆଲୋକ ବ୍ୟବସ୍ଥା ଓ ହେଲ୍ପଲାଇନ ସୁବିଧା ଯାଞ୍ଚ ସହ ରାତ୍ରି ସମୟରେ ବିଶେଷ ଧ୍ୟାନ ଦିଆଯିବ। କର୍ମଚାରୀ ନିଯୁକ୍ତିରେ ଯଥାସମ୍ଭବ ମହିଳା କର୍ମଚାରୀଙ୍କୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଝିଅମାନେ ରହୁଥିବା ଅନୁଷ୍ଠାନରେ ସୁରକ୍ଷା, ପ୍ରହରୀ ଓ ଠିକା କର୍ମଚାରୀ ସମେତ ସମସ୍ତ ପଦବୀରେ ମହିଳା କର୍ମଚାରୀ ବାଧ୍ୟତାମୂଳକ ଏବଂ ସମସ୍ତ ସେମାନଙ୍କର ପୋଲିସ ଭେରିଫିକେସନ୍ ମଧ୍ୟ ବାଧ୍ୟତାମୂଳକ କରାଯିବା ସହ ସମସ୍ତ ରେକର୍ଡ ଜିଲ୍ଲା ପ୍ରଶାସନ ପାଖରେ ରଖାଯାଇ ନିୟମିତ ଅପଡେଟ କରାଯିବ। ପୁରୁଷ ଓ ମହିଳା ବାସିନ୍ଦାଙ୍କୁ ପୃଥକ ରଖାଯିବା ସହ ଆଇନ ସହିତ ସଂଘର୍ଷରେ ଥିବା ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା ଆ ୍ୟକ ଶିଶୁ ରହୁଥିବା ଅନୁଷ୍ଠାନରେ ରଖାଯିବ ନାହିଁ। ପ୍ରତ୍ୟେକ ଶିଶୁଙ୍କ ତୁରନ୍ତ ଚିକିତ୍ସା ପରୀକ୍ଷା କରାଯିବ। ଝିଅମାନଙ୍କ କ୍ଷେତ୍ରରେ ମହିଳା ଚିକିତ୍ସକ ଦ୍ୱାରା ପରୀକ୍ଷା କରାଯାଇ ଫଳାଫଳ 'ଏଡବ୍ଲ୍ୟୁଇଏସଓଏମଇ'(ଅସମ୍)' ଆପ୍ଲିକେସନରେ ରେକର୍ଡ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରେ ମହିଳା ପରାମର୍ଶଦାତା କିମ୍ବା ଡିସିପିୟୁ ସାମାଜିକ କର୍ମୀଙ୍କ ଗୋପନୀୟ ସମ୍ପର୍କ ସୁବିଧା ରହିବ, ଯାହା ଅନୁଷ୍ଠାନ କର୍ମଚାରୀଙ୍କ ଉପସ୍ଥିତି ବାହାରେ ହେବ। ଶିଶୁମାନେ ସିଧାସଳଖ ଅଭିଯୋଗ ଜଣାଇବାର ବ୍ୟବସ୍ଥା ରହିବ।

ସୂଚନା ଅନୁସାରେ ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ (ଉଦ୍ଧାର କରାଯାଇଥିବା) ଝାଡ଼ଖଣ୍ଡର ନାବାଳିକାକୁ ଠିକଣାରେ ପରିବାରକୁ ହସ୍ତନ୍ତର କରାଯାଇଛି। କିନ୍ତୁ ହସ୍ତାନ୍ତର କରାଯିବା ପରେ ନାବାଳିକା ୪ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ତତ୍ପରତା ଦେଖାଇଛନ୍ତି ରାଜ୍ୟ ସରକାର। ବିଭାଗର ବରିଷ୍ଠ ଅଧିକାରୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଉକ୍ତ ଶିଶୁ ଯତ୍ନ କେନ୍ଦ୍ର ପରିଦର୍ଶନ କରିବା ସହ ତୁରନ୍ତ ସମସ୍ତ ତଥ୍ୟ ପ୍ରଦାନ କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରିବାରକୁ ଫେରାଇ ଦିଆଯାଇଥିବା କିମ୍ବା ଅନ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତରିତ ହୋଇଥିବା ପ୍ରତ୍ୟେକ ଶିଶୁଙ୍କ ସହିତ ଗତ ୨୪ ମାସ ମଧ୍ୟରେ ଡିସିପିୟୁ ଫଲୋ-ଅପ୍ ଯୋଗାଯୋଗ କରି ରେକର୍ଡ ରଖିବାକୁ ନିର୍ଦ୍ଦେଶ ରହିଛି। ଯଦି ଏହି ଫଲୋ-ଅପ୍ ନିୟମିତ ହୋଇଥାନ୍ତା, ତେବେ ଏହି ଘଟଣାରେ ଶିଶୁଟି ମା'ଙ୍କ ଦୃଷ୍ଟିଗୋଚର ଉପରେ ନିର୍ଭର କରିବାକୁ ପଡ଼ିନଥାନ୍ତା ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ମୂଳ ସର୍ଭିସ ବୁକ୍ ନ ମିଳିଲେ ବି ପ୍ରମାଣୀକୃତ କପିକୁ ଅଗ୍ରାହ୍ୟ କରାଯାଇପାରିବନି: ହାଇକୋର୍ଟ

କଟକ,୧୦।୯ (ସମିସ): ପୂର୍ବତନ ନିଯୁକ୍ତିଦାତାଙ୍କଠାରୁ ମୂଳ ସର୍ଭିସ ବୁକ୍ ନ ମିଳିବା ଦର୍ଶାଇ ଜଣେ ଅଧ୍ୟାପକଙ୍କ ବେତନ ସୁରକ୍ଷା ପ୍ରତ୍ୟାହାର କରିବା ଏବଂ ବକେୟା ଟଙ୍କା ଆଦାୟ କରିବା ଘଟଣାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ସର୍ଭିସ ବୁକ ସର୍ଟିଫାଇଡ୍ କପିର ଆଇନଗତ ମୂଲ୍ୟ ରହିଛି। ମୂଳ ସର୍ଭିସ ବୁକ ନ ମିଳିଲେ ବି ଏହାର ସାର୍ଟିଫାଏଡ(ପ୍ରମାଣୀକୃତ) କପିକୁ ଅଗ୍ରାହ୍ୟ କରାଯାଇପାରିବନି ବୋଲି ହାଇକୋର୍ଟ କହିଛନ୍ତି। ଡ. ରାଜେଶ ସେଠଙ୍କ ତରଫରୁ ଦାୟର ରିଟ୍ ପିଟିସନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ସମସ୍ତ ଦରମା ଏବଂ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଗତ ୨୦୧୧ରୁ ଆସାମ ବିଶ୍ୱବିଦ୍ୟାଳୟରେ ସହକାରୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ନିଜ ନିଯୁକ୍ତିଦାତାଙ୍କ ଅନୁମତି ନେଇ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ପଦବୀ ପାଇଁ ଆବେଦନ କରିଥିଲେ ଏବଂ ମନୋନୀତ ହୋଇ ୨୦୧୬ରେ ଯୋଗ ଦେଇଥିଲେ। ଆସାମ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ଲାଷ୍ଟ ପେ ସାର୍ଟିଫିକେଟ୍ (ଏଲପିସି) ଆଧାରରେ ୨୦୧୭ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କର ଦରମା ମଞ୍ଜୁର କରିଥିଲେ। ତେବେ ଆସାମ ବିଶ୍ୱବିଦ୍ୟାଳୟରୁ ମୂଳ ସର୍ଭିସ ବୁକ୍ ଆସିନଥିବା କାରଣ ଦର୍ଶାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୦୧୯ ଡିସେମ୍ବରରୁ ବିନା କୌଣସି କାରଣ ଦର୍ଶାଅ ନୋଟିସରେ ତାଙ୍କ ଦରମା କମାଇ ଦେବା ସହ ପୂର୍ବରୁ ଦିଆଯାଇଥିବା ଅର୍ଥ ବାବଦକୁ ଆଦାୟ କରିବା ଆରମ୍ଭ କରିଥିଲେ। ଆସାମ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆବେଦନକାରୀଙ୍କ ସର୍ଭିସ ବୁକର ସାର୍ଟିଫାଏଡ କପି ମିଳିଥିବା ସତ୍ତ୍ୱେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଅନ୍ୟାୟପୂର୍ଣ୍ଣ ଓ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

# ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ସ୍ତ୍ରୀଙ୍କୁ ଆଜୀବନ ଜେଲ୍

ଯାଜପୁର,୧୦।୯ (ସମିସ): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ଅଦାଲତ। ବହୁ ଚର୍ଚ୍ଚିତ ମଙ୍ଗଳପୁର ଥାନା ପ୍ରଗତିବିହାରରେ ଘଟିଥିବା ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଭଡ଼ା ଘରେ ହୋଇଥିବା ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମୃତ ଅଟଳ କୁଅଁରଙ୍କ ଅଭିଯୁକ୍ତ ପତ୍ନୀ ମମତା କୁଅଁରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ। ୨୦୨୧ ମସିହା ମଙ୍ଗଳପୁର ଥାନା ଇସମାଇଲପୁର ଅଞ୍ଚଳର ଅଟଳ କୁଅଁର ଓରଫ ସୁବାସ ସପରିବାର ମଙ୍ଗଳପୁର ବଜାର ପ୍ରଗତିବିହାର ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। କୌଣସି ଏକ ପାରିବାରିକ କାରଣରୁ ତାଙ୍କ ପତ୍ନୀ ମମତା ସୁବାସ ଶୋଇଥିବା ସମୟରେ ତକିଆ ଓ ଚାର୍ଜର କର୍ଡରେ ଗଳାଚାପି ହତ୍ୟା କରିଥିଲା। ଏ ନେଇ ମୃତକଙ୍କ ଭାଇ ରଞ୍ଜନ କୁମାର କୁଅଁର ମଙ୍ଗଳପୁର ଥାନାରେ



ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତ ପତ୍ନୀ ମମତାଙ୍କ ସହ ଅଜୟ ସାମଲ, କୃଷ୍ଣ ସେଠୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ। ୧୫ ଜଣ ସାକ୍ଷ୍ୟ, ପ୍ରମାଣ ଓ ୩୬ ଟି ଦସ୍ତାବିଜକୁ ଆଧାର କରି ପତ୍ନୀ ମମତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୧୨ ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ବିଶେଶ୍ୱର ବିଶ୍ୱପ୍ରକାଶ ରାୟ। ଏଥିସହ ପ୍ରମାଣ ଅଭାବରୁ ଏହି ଘଟଣାରେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଅଜୟ ସାମଲ, କୃଷ୍ଣ ସେଠୀଙ୍କୁ ଖଲାସ କରିଛନ୍ତି ଅଦାଲତ। ଏହି ମାମଲାକୁ ସରକାରୀ ଓକିଲ କୁଳମଣି ନାୟକ, ଅତିରିକ୍ତ ସରକାରୀ ଓକିଲ ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ଭିଜିଲାନ୍ସ ମାମଲାରେ ଆଠଗଡ଼ର ପୂର୍ବତନ ଫରେଷ୍ଟର ଗିରଫ

କଟକ/ତିଗିରିଆ,୧୦।୯ (ସମିସ): ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଠଗଡ଼ ବନଖଣ୍ଡର ପୂର୍ବତନ ଫରେଷ୍ଟର ଆଶିଷ ନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ। ବର୍ତ୍ତମାନ କଟକ ଡିଏଫଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରୀ ନାୟକ ନକଲି ଓ ଜାଲ୍ ବିଲ୍ ପ୍ରସ୍ତୁତ କରି ୭ଲକ୍ଷ ୪୧ହଜାର ୨୯୭

**୭ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ ଟଙ୍କା ତୋଷରପାତ**



ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୫–୨୬ ଆର୍ଥିକ ବର୍ଷରେ ଆଠଗଡ଼ ସଦର ସେକ୍ସନ ଅନ୍ତର୍ଗତ ଓରିଙ୍ଗା ସଂରକ୍ଷିତ ଜଙ୍ଗଲ (କୁଲେଇଲୋ ବିଟ୍ ଓ ସଦର ବିଟ୍)ରେ କାମ୍ପା ଯୋଜନା ଅଧୀନରେ ଆସିଷ୍ଟେଡ୍ ନାଚୁରାଲ୍ ରିଜେନେରେସନ୍ (ଏଏନଆର) ବୃକ୍ଷରୋପଣ ପ୍ରକଳ୍ପ ହାତକୁ ନିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଫରେଷ୍ଟର ମୋଟ ୧୧,୩୭୬ଟି ଚାରାରୋପଣ ନ କରି ମିଛ ବିଲ୍ ପ୍ରସ୍ତୁତ କରି ପାଣ୍ଠି ଉଠାଇ ନେଇଥିଲେ। ଏ ସମ୍ପର୍କରେ କଟକ ଭିଜିଲାନ୍ସରେ ଦୁର୍ନୀତି ନିବାରଣ ଆଇନ୍, ୨୦୧୮ର ୧୩(୨) ୧୩(୧) ଏବଂ ଭାରତୀୟ ନ୍ୟାୟ ସଂହିତାର ୩୧୮(୪), ୩୧୬(୫) ଓ ୬୧(୨)) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ ଆଜି କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଛି।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.**

**୧୧୦ ତମ ବାର୍ଷିକ ସାଧାରଣ ସଭା**

**ନୋଟିସ**

ନୋଟିସ ନଂ :୨୨୨୯ ତାରିଖ : ୧୦.୦୯.୨୦୨୬

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୧୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା. ୩୦.୦୯.୨୦୨୬ ରିଖ ବୁଧବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଜଗ୍ଗୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ତା୦୮.୦୮.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ୧୦୯ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୫-୨୦୨୬ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ୨୦୨୫-୨୦୨୬ ଆର୍ଥିକ ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ ବ୍ୟୟ ପ୍ରାପ୍ୟ ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୫-୨୦୨୬ ଆର୍ଥିକ ବର୍ଷର ନିଟ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ୨୦୨୬-୨୦୨୭ ଆର୍ଥିକ ବର୍ଷର ଅନୁମୋଦିତ ଆୟବ୍ୟୟ ଅଟକଳର ପଠନ ଓ ଦୃଢ଼ୀକରଣ।
୬. ବ୍ୟାଙ୍କର ଉପବିଧିକୁ ସଂଶୋଧନ କରାଯାଇ ଅଧିକୃତ ଅଂଶଧନ ପୁଞ୍ଜି କୁ ବୃଦ୍ଧି ନିମନ୍ତେ ପ୍ରସ୍ତାବ ଗ୍ରହଣ ଓ ଅନୁମୋଦନ।
୭. ଆଗାମୀ ୨୦୨୭-୨୦୨୮ ଆର୍ଥିକ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା (ଡ଼ି ଏପି) ପଠନ ଓ ଅନୁମୋଦନ।
୮. ଆଗାମୀ ୨୦୨୭-୨୦୨୮ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ।
୯. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତିକ୍ରମେ)।

**ସଭାପତି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଙ୍କ ନିର୍ଦ୍ଦେଶ କ୍ରମେ**
**ସାରଥୀ ଶତପଥୀ**
**ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ**

Phone No. (06854) 241159 / 232714
PBX No. 232713 / 232716, Fax: 232718 / 241640
E-mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

**Notice No. 2489 / Estt.I / 2026-27** **Dated. 08.09.2026**

**CORRIGENDUM**

This office Notice No.2369 Dated.01.09.2026 Agenda No.12 may be read as here under.

12) To approve the decision to shift the members from B Class to C Class as per the new amendment and provision No.6(g) of the Bye-Law of the Bank.

**By order of the President**
Secretary
Koraput Central Co-operative Bank Ltd.,
Jeypore

**Government of Odisha** 25001/1124/2627
**Office of the Superintending Engineer**
**Rural Works Division-II, Nabarangpur, Umarkot.**
e-mail: eerwukt@gmail.com & eerwukt@ymall.com

**Letter No. 3537** **Date: 07-09-2026**

**GePNIC e-Procurement Notice**

1 Name of the work : Building Works
2 Total No of works : 09 (Nine) Nos.
3 Approx. Estimated Cost : Varies from 4.24 Lakhs to 8.47 Lakhs.
4 Class of Contractor : "C" & "D" Class of Contractor
5 Period of Completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Nabarangpur, Umarkot. | Online Tender/07/ RWD-UKT/2026-27 | 11.09.2026 at 11.00 AM | 23.09.2026 up to 5.00 PM | 22.09.2026 at 01.00 PM | 24.09.2026 at 11:00 AM |

Further details can be seen from the Government website **www.tendersodisha.gov.in**

Superintending Engineer
Rural Works Division-II
Nabarangpur, Umarkot

OIPR-25001/25103/1/26-27/0007

25001/1132/2627
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
Ph. No. – 0674-2301787
Fax No.-0674-2300965
E.Mail I.D. – eerw_bbsr@yahoo.co.in

**No:-Tender – Online – BBSR Divn. - 16** **Date : 05.09.2026**

**e-Procurement NOTICE**

1. Name of the project : Building work
2. Total No. of work : 1 No.
3. Class of Contractor (As per Works Deptt. Office memorandum no. 12586 dt. 09.09.2022)
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 74.73 lakh
5. Time for completion : 6 (Six) calendar months
6. Other details : -

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar. | Tender Online - BBSR Divn. - 16 | 17.09.2026 at 11.00 A.M. | 28.09.2026 up to 5.00 P.M. | 29.09.2026 at 11.00 A.M. | To be intimated later on |

7. Further details can be seen from the website **www.tendersorissa.gov.in**
8. Corrigendum if any / shall only be published in the above website.

Superintending Engineer,
Rural Works Division BBSR

OIPR-25001/25066/1/26-27/0017

**GOVT. OF ODISHA** 25001/1123/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION No-II, KEONJHAR**
E-mail: eerw_kjr2@yahoo.com

**"e" Procurement Notice for Road Works**
**Identification No Online NCB - 09/2026-27.**

1. Name of the Work : Road Works
2. Total Number of Work : 03 Nos.
3. Estimated Cost : Rs. 34.74 Lakhs to 45.68 Lakhs
4. Class of Contractor : 'C' & 'B' Class
5. Period of Completion : As per annexure of e-Procurement Notice No. 09/2026-27.
6. Other Details : -

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | Single Cover |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.09 | Dt.17.09.2026 at 11.00 A.M. | Dt.29.09.2026 up to 5.00 P.M. | Dt.28.09.2026 up to 5.00 P.M. | Dt.30.09.2026 at 11.00 A.M. |

Further details can be seen from the Website **www.tenderorissa.gov.in**

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/26-27/0010

**GOVERNMENT OF ODISHA** 32001/859/2627
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER AND BASIN MANAGER,**
**SUBARNAREKHA AND BUDHABALANGA BASIN, LAXMIPOSI.**
e-Mail: cebmsbb2019@gmail.com

**Bid Identification No. 12/26-27 of CEBM, SBB, Laxmiposi**
**NOTICE INVITING TENDER**

Online tenders are invited from the eligible bidders Construction of Kansapal instream and In-stream storage structure across river katra near village kansapal, District:- Mayurbhanj , Odisha including hydro-mechanical works, Afflux bonds , Instrumentation , Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project on EPC Contract .

| Name of Work | Class/ EMD / Tender Fee / Period of completion |
|---|---|
| **Construction of Kansapal instream storage structure across river katra near village kansapal, District:- Mayurbhanj , Odisha including hydro-mechanical works, Afflux bonds , Instrumentation , Power connectivity , road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project.** | (1) Class – Super class or equivalent Bidders. (2) EMD – 1% of Bid Cost Amounting to **Rs.54,56,400.00/-** (3) Tender Fee - Rs. 10,000/- to be transferred online (Non Refundable) (4) Period of Completion – 24 calendar months including rainy season |

| | | |
|---|---|---|
| A. | PERIOD OF AVAILABILITY OF BIDDING DOCUMENT. | Dt.08.09.2026 from 10.00 AM to Dt.26.10.2026 up to 5.00 PM |
| B. | TIME AND DATE FOR PRE-BID CONFERENCE | Dt. 25.09.2026 at 11.30 AM to 12:00 Noon (Office of the CE & BM, S & B Basin, Laxmiposi in physical/ virtual mode through Google Meet. The interested bidder should ask to link giving their email id to cebmsbb2019@gmail.com (Joining time in Google Meet 11:30 AM to 12: 00 Noon) |
| C. | LAST DATE AND TIME FOR RECEIPT OF BIDS | Dt. 26.10.2026 up to 5.00 PM |
| D. | PLACE OF SALE, RECEIPT OF BIDS | Online through e-procurement. |
| E. | TIME AND DATE OF OPENING OF TECHNICAL BID | Dt. 27.10.2026 at11.00 AM |
| F. | PLACE OF OPENING OF BIDS | Office of the CE & BM, S & B Basin, Laxmiposi. |
| G. | Further details can be seen from e-procurement portal | https://tendersodisha.gov.in |

Chief Engineer & Basin Manager,
Subarnarekha & Budhabalanga Basin,
Laxmiposi

OIPR-32001/32429/1/26-27/0009

**AFFIDAVIT**
By virtue of an affidavit sworn before the Notary Public, Kendrapara, on dated 05/09/2026, I **NIRMAL KUMAR TARAI**, S/o Sukadeb Tarai resident of Village At-Manikpatana, Po- Manikpatana, P.S: Aul, Dist: Kendrapara, Odisha declare that I have changed my minor daughter name from **NIKITA PRIYADARSHINI TARAI (Old Name)** to **NIKITA TARAI (New Name)**. Henceforth, she shall be known as **NIKITA TARAI** for all future purposes.
Sd- **NIRMAL KUMAR TARAI**

**AFFIDAVIT**
By virtue of an Affidavit resident before Notary Public, Malkangiri, I **Puja Mandal,** aged about 20 Years, W/o.: Bhairab Mandal, D/o: Mitun Das, Resident of village: M.V.-107, PO.: Telarai, P.S.: M.V.-79, Dist.: Malkangiri, Odisha declare by this Affidavit No.: 1026/2026, Dated: 17/07/2026, That I have changed my name from Puja Das to **Puja Mandal.** Henceforth I shall be known as Puja Mandal for all future purposes.

**AFFIDAVIT**
I, Voona Venkata Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VENKATA RAMANA** for all Future purposes.

**AFFIDAVIT**
By virtue of an affidavit sworn before Executive Magistrate, Panposh, Sundargarh, Odisha I, Anil Kumar Mangal, S/o. Radha Kishan Mangal, Residence of 0/20 Civil Township, P.S. R.N. Pali. Rourkela-4, Dist. Sundargarh, Odisha, declare that my correct name is Anil Kumar Mangal whereas in ICSE Board 10th Certificate of my daughter Bhumika Mangal, where my name is maintained Anil Mangal. That, both the name Anil Kumar Mangal and Anil Mangal stand for one and same person.

**AFFIDAVIT**
By virtue of an affidavit sworn before the Executive magistrate Balasore dated 02.09.2026, I, **Mrutunjay Jena**, S/o Prasanna Kumar Jena, At./Po. Chhanua, P.S. Basta, Dist. Balasore-756027, declare that I have changed my name from **Mrutyunjaya Jena to Mrutunjay Jena**. Henceforth I shall be known as **MRUTUNJAY JENA** for all purposes.

**AFFIDAVIT**
By Virtue of an affidavit sworn before Executive Magistrate Bhograi , no- 5560, dated 09.09.2026, I, Babar Saha ,s/o Fajlu Saha, At-Chandipur, Po-Kakhada PS- Bhograi District-Balsore, Odisha, pin-756039 declare that, I have changed my name from Abdul Babar Khan to Babar Saha .Henceforth, I shall be known as **Babar Saha** for all purposes.

**NOTICE**
By virtue of an affidavit sworn before Executive Magistrate , Salipur, dated 10.09.2026 I, Zahar Khan, S/o Zabar Khan Address, At-Badabhimrajpur, Post-Bhimrajpur, via:-Rameswar, Ps-Jagatpur,Dist-Cuttack, Pin-754201, Odisha declare that I have changed my name from Zaher Khan to Zahar Khan. Henceforth, I shall be known as **Zahar Khan** for all purposes.
**Zahar Khan**

**AFFIDAVIT**
By virtue of an affidavit sworn before the Notary Public, Bhubaneswar, dated 10.09.2026, I, BINATI NAYAK, W/o Bishnu Nayak, At: Burubura, PO: Khamar, PS: Khamar, Dist. Angul-759118, do hereby declare that I have changed my minor son's name from ARIYAN NAYAK to ADITYA NAYAK. Henceforth, my minor son shall be known as **ADITYA NAYAK** for all purposes.
**Sd/- BINATI NAYAK**

**NOTICE**
By virtue of an affidavit sworn before Executive Magistrate , Cuttack, dated 29.07.2026 I, Kamaruddin Ansari Address at-Gunjarpur, Post-Bhairpur,Ps-Jagatpur, Dist-Cuttack,Pin-754200, Odisha declare that I have changed my name from Sk Raju to Kamaruddin Ansari. Henceforth, I shall be known as **Kamaruddin Ansari** for all purposes.
**Kamaruddin Ansari**

**AFFIDAVIT**
By virtue of an affidavit (SI No. 355, dtd- 31/08/2026) sworn before the Executive Magistrate, Khariar, Nuapada. I, Kumadei Duria (new name), D/o Parakshit Duria , resident of Village: At/Po: Chindaguda, PS: Khariar, Dist: Nuapada, Odisha declare that I have changed my name from Kumudini Netam(old name) to Kumadei Duria (new name). Henceforth, I shall be known as **Kumadei Duria** (new name) for all purpose.

**NOTICE**
By virtue of an affidavit sworn before Executive Magistrate ,Salipur, dated 05.06.2026 I, Ramesh Chandra sahoo, S/O- Fagu Sahoo Address at-Totapada,Post-Totapada,Ps-Kishorenagar,Dist-Cuttack,Pin-754131, Odisha declare that I have changed the Name of my Daughter from Sumitra sahoo to Suchitra sahoo .Henceforth, she shall be known as **Suchitra Sahoo** for all purposes.
**Ramesh Chandra Sahoo**

**AFFIDAVIT**
By Virtue of an affidavit sworn before Executive Magistrate Bhograi, No- 5545, dtd. 08.09.2026, I, Krishna Chakrabartti, W/o- Shibu Chakrabartti, At/po-Alalbindha, PS- Bhograi District- Balsore, Odisha, pin-756035 declare that, I have changed my name from Krishna Panda to Krishna Chakrabartti. Henceforth, I shall be known as **Krishna Chakrabartti** for all purposes.

**NOTICE**
By virtue of an affidavit sworn before Executive Magistrate, Salipur, dated 08.09.2026, I, Sk Akhtarul Islam, S/o- Sk Noorul Islam, Address, At-Patana, Post-Mahasinghpur, Ps-Salipur, Dist-Cuttack, Pin-754200, Odisha declare that I have changed my minor son name from S.K Aqybul Islam to Sk Aaquibul Islam. Henceforth, he shall be known as **Sk Aaquibul Islam** for all purposes.
**Sk Akhtarul Islam**

**AFFIDAVIT**
By Virtue of an affidavit sworn before Executive Magistrate Bhograi , no- 5417, dated 02.09.2026, I am Rabindra Giri , S/o Narayan Giri, At-Deula, Po -Deulahat, PS- Bhograi District-Balsore, Odisha, pin-756035 declare that, I have changed my minor daughter name from Pryankay Giri to Priyanka Giri.Henceforth, she shall be known as **Priyanka Giri** for all purpose.

**NOTICE**
By virtue of an affidavit sworn before Executive Magistrate , Salipur, dated 09.09.2026, I, Kanhu Charan Behera, S/o Raghunath Behera Address, At-Daodarpur, Post-Ganjam,Ps-Ganjam, Dist-Ganjam, Pin 761026, Odisha declare that I have changed my name from Shiv Shankar Sada to Kanhu Charan Behera. Henceforth, I shall be known as **Kanhu Charan Behera** for all purposes.
**Kanhu Charan Behera**

**AFFIDAVIT**
I, Sekh Mojahidul Hayat, S/o-Late Sk Jahiruddin, resident At-Sayedpur (Akhund Mohalla), Po/Ps-Binjharpur, Dist-Jajpur, Pin-755004, Odisha declare by this affidavit No-3700 Dated-01.08.2026 that now onwards I Shall be Known as **Sk Mojahidul Hayat** for all future Purposes.

ସକାଳ
THE SAKALA



# ଶଙ୍ଖ ଭବନରେ ସୁଜାତାଙ୍କୁ ଭେଟିଲେ ପ୍ରଦ୍ୟୁମ୍ନ



**ବରଗଡ଼, ୧୦।୯ (ସମିସ):** ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡି ନେତ୍ରୀ ସୁଜାତା ରାଉତଙ୍କୁ ବରଗଡ଼ ଜିଲ୍ଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ସାକ୍ଷାତ କରିଛନ୍ତି। ଦଳର ସଂଗଠନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଜନମୁଖୀ କରିବା ନେଇ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି। ବିଶେଷକରି ବରଗଡ଼ ଜିଲ୍ଲାରେ ଯୁବକ ଓ ଛାତ୍ରମାନଙ୍କୁ ସଂଗଠନ ସହ ଅଧିକ ସକ୍ରିୟ ଭାବେ ଯୋଡ଼ିବା, ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ଏବଂ ଯୁବ ନେତୃତ୍ୱକୁ ଆଗକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦଳର ସାଙ୍ଗଠନିକ କାର୍ଯ୍ୟକଳାପରେ ଅଧିକ ଯୁବକଙ୍କୁ ଦାୟିତ୍ୱ ପ୍ରଦାନ କରି ସେମାନଙ୍କ ନେତୃତ୍ୱ ଓ ସାମାଜିକ ଭୂମିକାକୁ ସୁଦୃଢ଼ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଛି। ଏହା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ, ନୀତି ଓ ଆଦର୍ଶକୁ ଆଧାର କରି ଦଳକୁ ଆହୁରି ଶକ୍ତିଶାଳୀ କରିବା ଏବଂ ଆଗାମୀ ଦିନରେ ତାଙ୍କୁ ପୁନର୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାର ଲକ୍ଷ୍ୟ ନେଇ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଯୁବ ଶକ୍ତିକୁ ସଂଗଠିତ କରି ଜନସାଧାରଣଙ୍କ ସମସ୍ୟା ଓ ଅଧିକାରର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଜନସଂଗଠନ ଗଢ଼ି ତୋଳିବା ନେଇ ଆଲୋଚନା ହୋଇଥିଲା।

# ରାମପୁରପଡ଼ାର ସ୍ଥିତି ପରଖିଲେ ବିଡିଓ

**ଝାରବନ୍ଧ, ୧୦।୯ (ସମିସ)**

ଝାରବନ୍ଧ ବ୍ଲକ ବିଳାସପୁର ପଞ୍ଚାୟତ ରାମପୁର ପଡ଼ାରେ ଏବେ ବି ମୌଳିକ ସୁବିଧା ପାଇଁ ଲୋକଙ୍କୁ ସମସ୍ୟା ସହ ସଂଘର୍ଷ କରିବାକୁ ପଡୁଛି। ରାସ୍ତାର ଦୟନୀୟ ଅବସ୍ଥାଠାରୁ ଆରମ୍ଭ କରି ପାନୀୟ ଜଳ ସମସ୍ୟା, ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ଓ ଆବାସ ଯୋଜନାରୁ ବଞ୍ଚିତ ହେବା ଭଳି ଅଭିଯୋଗ ନେଇ ପଡ଼ାବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଗୁରୁତ୍ୱକୁ ନେଇ ଆଜି ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ରାମପୁର ପଡ଼ାରେ ପହଞ୍ଚି ସ୍ଥିତି ପରଖିଛନ୍ତି। ପଡ଼ାବାସୀଙ୍କ ଯାତାୟାତର ପ୍ରମୁଖ ମାଧ୍ୟମ ଥିବା ରାସ୍ତାଟି ଅନେକ ସ୍ଥାନରେ ଖାଲଖମାରେ ଭରି ରହିଛି। ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇ ଯାତାୟାତ କଷ୍ଟକର ହେଉଥିବା ପଡ଼ାବାସୀ ବିଡିଓଙ୍କୁ ଜଣାଇଥିଲେ। ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ପଡ଼ାରେ ପାନୀୟ ଜଳ ସମସ୍ୟା ମଧ୍ୟ ଗମ୍ଭୀର ରୂପ ନେଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ପରିମାଣରେ ପାନୀୟ ଜଳ ନ ମିଳିବାରୁ ଲୋକଙ୍କୁ ଦୂରସ୍ଥ ସ୍ଥାନରୁ ପାଣି ଆଣିବାକୁ ପଡୁଥିବା ପଡ଼ାବାସୀ କହିଥିଲେ। ଏହାର ତୁରନ୍ତ ସମାଧାନ ସହ ନିୟମିତ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ସେମାନେ ବିଡିଓଙ୍କ ନିକଟରେ ଦାବି ରଖିଥିଲେ। କେବଳ ରାସ୍ତା ଓ ପାଣି ନୁହେଁ;



ସରକାରୀ ସାମାଜିକ ସୁରକ୍ଷା ଓ ଆବାସ ଯୋଜନାକୁ ନେଇ ମଧ୍ୟ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଯୋଗ୍ୟ ହୋଇଥିଲେ ମଧ୍ୟ କେତେକ ବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବା ବେଳେ ଅନେକ ଯୋଗ୍ୟ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ଉଠିଥିଲା। ଏ ସମ୍ପର୍କରେ ପଡ଼ାବାସୀ ବିଡିଓଙ୍କୁ ପୁନର୍ବାର ଅବଗତ କରାଇଥିଲେ। ପରିଦର୍ଶନ ସମୟରେ ବିଡିଓ ପର୍ଶୁରାମ ପଣ୍ଡା ପଡ଼ାବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସମସ୍ୟାଗୁଡ଼ିକ ଶୁଣିଥିଲେ। ସେ ରାସ୍ତା, ପାନୀୟ ଜଳ ଓ ହିତାଧିକାରୀଙ୍କ ସମ୍ପର୍କିତ ଅଭିଯୋଗଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପଡ଼ାବାସୀଙ୍କୁ ଆଶ୍ୱାସନ ଦେଇଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉଠିଥିବା ସମସ୍ୟାକୁ ନେଇ ବିଡିଓଙ୍କ ସିଧାସଳଖ କ୍ଷେତ୍ର ପରିଦର୍ଶନ ପଡ଼ାବାସୀଙ୍କ ମଧ୍ୟରେ ଆଶା ସୃଷ୍ଟି କରିଛି। ଏବେ ଅଭିଯୋଗର ଶୁଣାଣି ପରେ ଏହି ସମସ୍ୟାଗୁଡ଼ିକର ବାସ୍ତବ ସମାଧାନ କେବେ ହେଉଛି ତାହା ଉପରେ ରାମପୁର ପଡ଼ାବାସୀଙ୍କ ନଜର ରହିଛି।

# ରାୟପୁର ରେଳଷ୍ଟେସନରୁ ଦୁଇ ନାବାଳକ ଉଦ୍ଧାର

**ପାଇକମାଲ, ୧୦।୯ (ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ଥାନା ଅଧୀନ ବରତୁଣ୍ଡା ପଞ୍ଚାୟତ ପୁରେନା ଗ୍ରାମରୁ ନିଖୋଜ ହୋଇଥିବା ଦୁଇ ନାବାଳକଙ୍କୁ ରାୟପୁର ରେଳଷ୍ଟେସନରୁ ପୁଲିସ ଉଦ୍ଧାର କରିଛି। ପୁରେନା ଗ୍ରାମର ପ୍ରକାଶ ରାଉତ ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ପାଇକମାଲ ଥାନାରେ ପହଞ୍ଚି ଦୁଇ ନାବାଳକ ସନ୍ଧ୍ୟା ପ୍ରାୟ ୪ଟାରୁ ଗ୍ରାମରୁ ନିଖୋଜ ଥିବା ନେଇ ମୌଖିକ ଭାବେ ଜଣାଇଥିଲେ। ଖବର ପାଇ ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲା। ପାଇକମାଲ ଥାନା ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ ଏବଂ ଏଏସ୍ଆଇ ମାନଭଞ୍ଜନ ପ୍ରଧାନଙ୍କ ସହ ପୁଲିସ ଟିମ୍ ପୁରେନା ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ବିଶ୍ୱସନୀୟ ସୂଚନା ଆଧାରରେ ପୁଲିସ ରାୟପୁର ରେଳଷ୍ଟେସନରେ ପହଞ୍ଚି ଦୁଇ ନାବାଳକଙ୍କୁ ଠାବ କରି ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।



# ଜନ ସଚେତନତା ଦ୍ୱାରା ନିଶାମୁକ୍ତ ସମାଜ ଗଠନ ସମ୍ଭବ

**ବରଗଡ଼, ୧୦।୯ (ସମିସ):** ଜନସଚେତନତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ। ନିଶା ନିବାରଣ ଓ ଲିଙ୍ଗଭିତ୍ତିକ ନ୍ୟାୟ ସମ୍ପର୍କିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ଏହା କହିଛନ୍ତି। ପଞ୍ଚାୟତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟକାନ୍ତି ସିକନ୍ଦରଙ୍କ ପୌରୋହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ବିମଳ ଦାଶ ଯୋଗ ଦେଇଥିଲେ।ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସୁବଳ ମେହେର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୈକ୍ଷିକ ଅଧିକାରୀ ପ୍ରଫେସର ବିଦ୍ୟୁତ୍ ପ୍ରଭା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଫେସର ବନୁଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଟ୍ରାନ୍ସଫର୍ମର ଉଦ୍ଧାର, ୨ ଗିରଫ

**ଦେବଗଡ଼, ୧୦।୯ (ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅଧୀନ ରୋଟାନାଳୀ ଗ୍ରାମରୁ ଗତ ଫେବୃଆରୀ ମାସରେ ଚୋରି ହୋଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଉଦ୍ଧାର ହୋଇଛି। ଚୋରିରେ ବ୍ୟବହୃତ ଏକ ଟ୍ରାକ୍ଟର ଜବତ ହୋଇଛି। ଚୋରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ପରା ଗ୍ରାମର ବିପିନ ବିହାରୀ ବେହେରା (୪୬)ଓ ପଳସମା ଗ୍ରାମର ବିକାଶ କୁମାର ପ୍ରଧାନ (୨୬)କୁ ଗିରଫ କରାଯାଇଛି।

# ଚୋରି ଅଭିଯୋଗରେ ୩ ଗିରଫ

**ଦେବଗଡ଼, ୧୦।୯ (ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ବରଡ଼ାତଇଲାରେ ଅଚଳ ହୋଇ ପଡ଼ିଥିବା ପଥର କ୍ରସରରୁ ଚୋରି ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କରିଛି। ଏମାନେ ହେଲେ ରିଆମାଳ ଥାନା ଟିଙ୍କବୀର ଗ୍ରାମସ୍ଥିତ ନୂଆଁମୁଣ୍ଡାର ଜୟନ୍ତ ମୁଣ୍ଡା (୨୮), ଟିଙ୍କବୀର ଗ୍ରାମର ଚୁମନ ସାହୁ (୨୪) ଓ ତେଲିମୁଣ୍ଡା ଫୁଲସରନାଳୀ ଗ୍ରାମର ଶ୍ରୀପତି ସାହୁ (୫୦)।

# ସୋହେଲାରେ ଭୀମ ଭୋଇ ସାମର୍ଥ୍ୟ ଶିବିର

**ସୋହେଲା, ୧୦।୯ (ସମିସ):** ସୋହେଲା ବ୍ଲକ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୨୨୩ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ। ବିଡ଼ିଓ କରିସ୍ମା ବେଶ୍ରା, ଏବିଡ଼ିଓ ଜନ ଭିର୍ଜିଲ ଲାକ୍ରା ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ଶିବିରକୁ ପରିଚାଳନା କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ମାଡ଼ ଘଟଣାରେ ଶିକ୍ଷକ ସଂଘର ତୀବ୍ର ନିନ୍ଦା

**ଅମ୍ବାଭୋନା, ୧୦।୯ (ସମିସ):** ମୁଛମଳଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାକୁ ନେଇ ଅମ୍ବାଭୋନା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ପ୍ରକାଶପୁର ମହିମା ଆଶ୍ରମଠାରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଏନ୍‌ଟିଏସ୍ ସଂଘର ସଭାପତି ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ଏବଂ ମିଳିତ ଶିକ୍ଷକ ସଂଘର ଉପସଭାପତି ସୁନିଲ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ନୂଆଁଖାଇ ଭେଟ ପାଇଁ ପ୍ରସ୍ତୁତି

**ବରଗଡ଼, ୧୦।୯ (ସମିସ):** ଆଗାମୀ ୧୫ ତାରିଖ ହେବାକୁ ଥିବା ନୂଆଖାଇ ଭେଟ କାର୍ଯ୍ୟକ୍ରମ ନେଇ ପ୍ରିୟଦର୍ଶୀ ଯୁବକ ସଂଘ, ପଡ଼ା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପୂର୍ବତନ ସଭାପତି ତାରାଚନ୍ଦ ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପୁରାତନ ଓ ନୂତନ ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ତାରାଚନ୍ଦ ପଧାନ, କମଳାକାନ୍ତ ମେହେର, ମକରଧ୍ୱଜ ଭୋଇ, ପ୍ରସନ୍ନ ଦାଶ, ଉମେଶ ଚନ୍ଦ୍ର ମେହେର, ଆନନ୍ଦ ମେହେର, ଶୌକିଲାଲ ପଧାନ, ପ୍ରମୋଦ ବଢେଇ, ଟିକେଲାଲ ପଧାନ, ବିଶିକେଶନ ମେହେର, ସୁରେଶ ଚନ୍ଦ୍ର ଭୋଇ, ସଦାନନ୍ଦ ପଧାନ, ପ୍ରମୋଦ ପଧାନଙ୍କ ସମେତ ନୂତନ ସଦସ୍ୟ ବାଳକୃଷ୍ଣ ପଧାନ, ଦେବାଶିଷ ଦାଶ, ସୁମନ୍ତ ପଧାନ, ସୁବ୍ରତ ମିଶ୍ର, ଉମେଶ ମେହେର, ପ୍ରଦୀପ ମେହେର, ଟୁନା ମେହେର, ବିଜୟ ପଧାନ, ତପନ ତ୍ରିପାଠୀ, ସାଗର ବେହେରା, ତେଜରାଜ ମେହେର, ଭଜମନ ମେହେର ଓ ସୁଦାମ ବେହେରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସୁମନ୍ତ ପଧାନ ଧନ୍ୟବାଦ ଅର୍ପଣ କରିବା ପରେ ବୈଠକ ସମାପ୍ତ ହୋଇଥିଲା।

# ପାନୀୟ ଜଳ ଯୋଗାଣ ନିମନ୍ତେ ସମନ୍ୱୟ ବୈଠକ

**ପଦ୍ମପୁର, ୧୦।୯ (ସମିସ):** ପଦ୍ମପୁରରେ ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ ଏବଂ ସୁନିଶ୍ଚିତ କରିବା ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ଅଧ୍ୟକ୍ଷତା କରିଥିଲେ। ଉପଜିଲ୍ଲାପାଳ ହେମସାଗର ଭୋଇ ୨ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅଙ୍ଗବନ୍ଧ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ବାଗ, ପଦ୍ମପୁର କ୍ଷୁଦ୍ରଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ହେମନ୍ତ ମାରାଣ୍ଡି, ବରଗଡ଼ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ଅଟ୍ଟୀ, ଉକ୍ତ ବିଭାଗର ଯନ୍ତ୍ରୀ ବବିତା ବିଶ୍ୱାସରାୟ, ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁରର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ବରିଷ୍ଠ ନାଗରିକ ସଙ୍ଘର ସଭାପତି ଜୟନାରାୟଣ ତ୍ରିପାଠୀ, ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ବରିଷ୍ଠ ନାଗରିକ ସଙ୍ଘର ସଦସ୍ୟ ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବାସୁଦେବ ଦୋରା, ନବକିଶୋର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଅମଠି ଜୋନ କ୍ରୀଡ଼ା ପ୍ରତିଯୋଗିତା

**ଝାରବନ୍ଧ, ୧୦।୯ (ସମିସ):** ଅମଠି ଜୋନର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକାମାନଙ୍କ ମଧ୍ୟରୁ ଖୋ ଖୋ ଏବଂ କବାଡି ପାଇଁ ଖେଳାଳି ଚୟନ କରାଯାଇଥିଲା। ସରପଞ୍ଚ ଲକ୍ଷେ ସିଂ ଥପା, ସରେଇକେଲା ସରପଞ୍ଚ ତଥା ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ଉପେନ୍ଦ୍ର ପଟେଲ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାଳ ହରିଜନ, ବିଷ୍ଣୁ ପ୍ରସାଦ ସାହୁ, ସିଆରସିସି ଦିବସ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନନ୍ଦଲାଲ ନାୟକ, ଭୁବନେଶ୍ୱର ପ୍ରଧାନ, ଅମଠି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ସୁମନ୍ତ ସାହୁ ଏବଂ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଜ୍ଜ୍ୱଳ ନାୟକ, ଆଭାସ ପଟେଲ, ଆକାଶ ମାହାର, ଦଶରଥ ପ୍ରଧାନ ଓ ଅମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଦୀପ ଭୋଇ ସହଯୋଗ କରିଥିଲେ। ବିଷ୍ଣୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେସିଡେନ୍ସିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

**ପଦ୍ମପୁର, ୧୦।୯ (ସମିସ):** ସ୍ଥାନୀୟ ସତୀଭଟା ଛକସ୍ଥିତ ରେସିଡେନ୍ସିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଗଙ୍ଗାଧର ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର ରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ରାଜଶ୍ରୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଅଧ୍ୟାପକ କୃପାସିନ୍ଧୁ ପ୍ରଧାନ ଅତିଥି ପରିଚୟ କରିଥିଲେ। ଅଧ୍ୟାପିକା ମୌସୁମୀ ଶତପଥୀ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଗୀତିସୁଧା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଧାଂଶୁ ଶ୍ରୀକାନ୍ତ, ଶାଶ୍ୱତିକା ରମେଶ ସହଯୋଗ କରିଥିଲେ।

# ସମଲେଇପଦର ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହଯୋଗ

**ବରଗଡ଼, ୧୦।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସମଲାଇପଦର ଗ୍ରାମର ପାର୍ବତୀ ଗିରି ବୃଦ୍ଧାଶ୍ରମକୁ ସମାଜସେବୀ ଗୀତା ମିଶ୍ର ସହଯୋଗ କରିଛନ୍ତି। ଅନ୍ତେବାସୀମାନଙ୍କ ପାଇଁ ସମ୍ବଲପୁରୀ ଶାଢ଼ୀ, ଧୋତି, ଗାମୁଛା ଦେଇଛନ୍ତି। ପୂଜା ପାଇଁ ଅରୁଆ ଚାଉଳ, ଡାଲି, ତେଲ, ଅଟା, ଘିଅ, ମୁଗ, କୁଲା, ହାଣ୍ଡି, ଝାଡୁ ସହିତ ବିଭିନ୍ନ ପ୍ରକାରର ପରିବା ପ୍ରଦାନ କରିଛନ୍ତି। ସୀମା ଆଚାର୍ଯ୍ୟ, କନକ ପ୍ରଧାନ ଏବଂ ଗୌରୀ ମେହେର ସହଯୋଗ କରିଥିଲେ।

# ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ବୈଠକ

**ବରଗଡ଼, ୧୦। ୯ (ସମିସ):** ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତିକମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଏ.ଇ. ମିସନ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଅଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସଭାପତି ଦଧିବାବନ ଶତପଥୀ ଗୁରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ ଆୟ ଏବଂ ବ୍ୟୟ ଉପସ୍ଥାପନା କରିଥିଲେ। ପରାମର୍ଶଦାତା ଯୁଗଳ ପ୍ରସାଦ ସିଂ ଏବଂ ସନ୍ତୋଷ ପଣ୍ଡା ଗଠନ ମୂଳକ ପ୍ରସ୍ତାବ ଦେଇଥିଲେ। ବୈଠକରେ ଡ. ଯଶବୀର ସିଂ ସୈନୀ, ଶିବାନନ୍ଦ ମଟାରୀ, ବିମଳକୃଷ୍ଣ ମିଶ୍ର, ନୁରାବତି ସାହୁ, ଜୟଶ୍ରୀ ପଣ୍ଡା, ପ୍ରଦୀପ ମିଶ୍ର, ମାନସ ରଞ୍ଜନ ଦାଶ, ଜଟାଧାରୀ ପ୍ରଧାନ, ସୁଶାନ୍ତ ପାଢ଼ୀ, ଧନପତି ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ପଦ୍ମପୁର ଥାନା ସମ୍ମୁଖରୁ ଡା. ବି.ଆର୍. ଆମ୍ବେଦକର ଛକ ପର୍ଯ୍ୟନ୍ତ ରାସ୍ତା ସମସ୍ୟା ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଥୁଆପାଲି, ୧୦। ୯ (ସମିସ):** ଭେଡେନ ବ୍ଲକ ଲାୟନ୍ସ କ୍ଲବ୍ ଝରାପାଲି ମାର୍କେଟ ଥୁଆପାଲି ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ରକ୍ତଭଣ୍ଡାର ଅଧିକାରୀ ଡା. ଆକାଂକ୍ଷା ନନ୍ଦ, ଟେକନିସିଆନ ଦେବାଶିଷ ମିଶ୍ର, ପାଏନୁ ଭୋଇ, ଜନକ ବେହେରା ଓ ସଞ୍ଜୀବ ବେରା ପ୍ରମୁଖ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଲାୟନ୍ସ କ୍ଲବର ସଭାପତି ଲାୟନ୍ସ ସନ୍ତୋଷ ପ୍ରଧାନ, ପୂର୍ବତନ ସଭାପତି ଲାୟନ୍ସ ଅମୀୟ ମେହେର, ଲାୟନ୍ସ ଶିଶିର ଭୋଇ, ଲାୟନ୍ସ ସନ୍ତୋଷ ପାଢ଼ୀ, ଲାୟନ୍ସ ଧନପତି ଷଣ୍ଢ, ଲାୟନ୍ସ ସୁଶୀଲ ଗୁପ୍ତା, ଲାୟନ୍ସ ଦୀପକ ଅଗ୍ରୱାଲ, ଲାୟନ୍ସ ସୁନୀଲ ସିଂ, ଅଜିତ ବେହେରା, ୟୁ ରମେଶ, ରାହୁଲ ଚନ୍ଦ୍ରମ ପ୍ରମୁଖ ସହଯୋଗ କରିଥିଲେ। ଶଙ୍କର ଲାଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ଜିଲ୍ଲାସ୍ତରୀୟ ସଂସ୍କୃତ ମହୋତ୍ସବ

**ଅତାବିରା, ୧୦।୯ (ସମିସ):** ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ବରଗଡ଼ ସଂଗଠନ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାସ୍ତରୀୟ ସଂସ୍କୃତ ମହୋତ୍ସବ ଅତାବିରା ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ସଂସ୍କୃତ ସଂଘର ସଭାପତି ପଣ୍ଡିତ ରମାଇ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲ୍ଲା ବିଜେପି ସଭାପତି ଡାକ୍ତର ଅରୂପାନନ୍ଦ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସଭାପତି ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ସ୍ୱତନ୍ତ୍ର ଅତିଥି ଅତାବିରା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ, ଓଡ଼ିଶା ରାଜ୍ୟ ସଂସ୍କୃତ ସଂଘର ମୁଖ୍ୟ ଉପଦେଷ୍ଟା ଶାନ୍ତନୁ ମିଶ୍ର, ଲୋକଭାଷା ପ୍ରଚାର ସମିତି ସମ୍ବର୍ଦ୍ଧକ ସୁନୀଲ ନନ୍ଦ, ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ସଂସ୍କୃତ ଭାରତୀ ପଶ୍ଚିମୋତ୍କଳ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ସଂସ୍କୃତ ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କପିଳେଶ୍ୱର ବାଗ, ବିଜୟପଲ୍ଲୀ ଶ୍ରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବଦ୍ରିନାରାୟଣ ପୂଜାରୀ ଓ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡକ୍ଟର ସଦାନନ୍ଦ ଦୀକ୍ଷିତ ଯୋଗ ଦେଇଥିଲେ। ସଂଘର ସମ୍ପାଦକ ଅଗସ୍ତି ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟ ସିଲେଟ, ସରକାରୀ ଉଚ୍ଚ ବିଦ୍ୟାଳୟ ଚାରପାଲି, ସରକାରୀ ଉଚ୍ଚ ବିଦ୍ୟାଳୟ କାଦୋବାହାଲ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସିଲେଟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖଇରପାଲିର ଛାତ୍ରଛାତ୍ରୀ ସଂସ୍କୃତ ଲଘୁ ନାଟିକା, ସଂସ୍କୃତ ଗୀତ ଓ ସଂସ୍କୃତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଶିକ୍ଷା ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ସଂସ୍କୃତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯିବା ସହିତ ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ସଂସ୍କୃତ ପଣ୍ଡିତ ନିଗମାନନ୍ଦ ମିଶ୍ର, ରମେଶ ଚନ୍ଦ୍ର ପ୍ରଧାନ, ଗୋଲକ ବିହାରି ସାହୁ, ହରିହର ସାହୁ, ଛାୟାକାନ୍ତ ସାହୁ, କେଶବ ଚନ୍ଦ୍ର ପ୍ରଧାନ, ଅନଙ୍ଗ ସାହୁ, ସୁରେନ୍ଦ୍ର ଭୋଇ ପ୍ରମୁଖଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଶ୍ଚିମ ଭାଗ ସଂଯୋଜକ ବୃନ୍ଦାବନ ଠେଠୁ ଆର, ଅତାବିରା ସଂସ୍କୃତ ସଂଘ ବ୍ଲକ ସମ୍ପାଦକ ଦିଲୀପ ପଟ୍ଟନାୟକ, ମିଲି ଦାଶ, ପଦ୍ମାଳୟା ଭୋଇ, ସୁଷମା ସାହୁ, ସାଗରିକା ଦାଶ, ମୈତ୍ରୀ ସେଠ୍, ସରିତା ମେହେର, ଅଶୋକ ସାହୁ, ନିରଜ ସାହୁ, ଦେବାନନ୍ଦ ଭୋଇ, ଜ୍ୟୋତିର୍ମୟ ସାହୁ, ନବଘନ ସାହୁ, ରୋହିତ ସା, ଘନଶ୍ୟାମ ପଣ୍ଡା, ଉପ ସଭାପତି ଦୟାସାଗର ସାହୁ, ରାସେଶ୍ୱରୀ ସେଠ୍, ସୁରେନ୍ଦ୍ର ଲୁହା, କିରଣ ବିଶ୍ୱାଳ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ। ମେଦିନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ଥୁଆପାଲି, ୧୦।୯ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ଆନୁକୂଲ୍ୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶକ୍ତିଶ୍ରୀ ସଂଯୋଜିକା ଜାନକୀ କୁମ୍ଭାର ସଂଯୋଜନା କରିଥିଲେ। ପଞ୍ଚାନନ ଭୋଇ, ଅଶ୍ୱିନୀ ମାଝୀ, ଅଚ୍ୟୁତାନନ୍ଦ ମେହେର, ରାଜେନ୍ଦ୍ର ପଟେଲ, ମନୋଜ ରଣା, ବିଶ୍ୱଜିତ କର, ବିନୋଦ ସାହୁ ସହଯୋଗ କରିଥିଲେ।

# ପାର୍ବତୀ ଗିରିଙ୍କ ସ୍ମୃତିରେ ଡାକ ଟିକଟ ପ୍ରସ୍ତାବ ଉଜ୍ଜ୍ୱଳ

**ବରଗଡ଼, ୧୦। ୯ (ସମିସ)**

ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମଶତାବ୍ଦୀ ଅବସରରେ ତାଙ୍କ ସ୍ମୃତିରେ ସ୍ମାରକ ଡାକଟିକଟ ଜାରି କରିବା ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଦାବି ନୂଆ ଆଶା ସୃଷ୍ଟି କରିଛି। ଏ ସମ୍ପର୍କରେ ଲୋକସଭାରେ ନିୟମ ୩୭୭ ଅଧୀନରେ ସାଂସଦ ଶ୍ରୀ ପୁରୋହିତ ଜୁଲାଇ ୨୪ରେ ଦାବି ଉଠାଇଥିଲେ। ସାଂସଦ ତାଙ୍କ ଦାବିରେ କହିଥିଲେ ଯେ, ୧୯୨୬ ଜାନୁଆରୀ ୧୯ ରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଗିରିଙ୍କ ଜନ୍ମଶତାବ୍ଦୀ ୨୦୨୬ରେ ପୂରଣ ହେଉଛି। ମାତ୍ର ୧୬ ବର୍ଷ ବୟସରେ ସେ ଗାନ୍ଧୀଙ୍କ ବିଚାରରେ ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ହୋଇଥିଲେ। କାରାବାସ ସହିବା ସହ ଇଂରେଜ ଶାସନ ବିରୋଧରେ



ସାହସର ସହ ଲଢ଼ିଥିଲେ। ସ୍ୱାଧୀନତା ପରେ ମଧ୍ୟ ସେ ସମାଜସେବା, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବଞ୍ଚିତ ଶିଶୁଙ୍କ କଲ୍ୟାଣ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ଅବଦାନକୁ ଜାତୀୟ ସ୍ତରରେ ସ୍ମରଣୀୟ କରିବା ପାଇଁ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ଜାତୀୟ ବାୟୋଗ୍ରାଫିକ୍ ତଥ୍ୟ ପ୍ରସ୍ତୁତ ଓ ପ୍ରଦର୍ଶନ କରିବା ସହ ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ନାମରେ ସ୍ମାରକ ଡାକଟିକଟ ଜାରି କରିବାକୁ ସାଂସଦ ଦାବି କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ଯୋଗାଯୋଗ ତଥା ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ସାଂସଦଙ୍କୁ ପତ୍ର ଦେଇଛନ୍ତି। ପତ୍ରରେ କୁହାଯାଇଛି ଯେ, ସ୍ମାରକ ଡାକଟିକଟ ଜାରି ସମ୍ପର୍କିତ ଦାବିକୁ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଆଗାମୀ ବୈଠକରେ ଫିଲାଟେଲିକ୍ ଆଡଭାଇଜରୀ କମିଟି ସମ୍ମୁଖରେ ଏହି ପ୍ରସ୍ତାବ ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ସିନ୍ଧିଆ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଫଳରେ ପାର୍ବତୀ ଗିରିଙ୍କ ଅମର ଅବଦାନକୁ ଜାତୀୟ ସ୍ତରରେ ସମ୍ମାନ ଓ ସ୍ମରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଶା ସୃଷ୍ଟି ହୋଇଛି।

# ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ଆହ୍ୱାନ

**ବରଗଡ଼, ୧୦।୯ (ସମିସ):** ପରିବେଶ ସୁରକ୍ଷା ସହ ସମାଜସେବାର ବାର୍ତ୍ତା ନେଇ ଜେସିଆଇ ବରଗଡ଼ ୟୁନାଇଟେଡ୍ ପକ୍ଷରୁ ଜେସିଆଇ ୱିକ୍-୨୦୨୬ ଅବସରରେ 'ସଷ୍ଟେନେବଲ୍ ସିପିଂ ଡେ' ପାଳିତ ହୋଇଯାଇଛି। ଏହି ଅବସରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହାଟପାଡ଼ା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁନଃବ୍ୟବହାର ଯୋଗ୍ୟ ଷ୍ଟିଲ୍ ପାଣି ବୋତଲ ପ୍ରଦାନ କରାଯାଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାରରୁ ଦୂରେଇ ରହିବା ସହ ପରିବେଶ ସୁରକ୍ଷା ପ୍ରତି ସଚେତନ କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ପରିବେଶକୁ ସୁରକ୍ଷିତ ରଖିବା ଏବଂ ଛୋଟ ବୟସରୁ ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଅଭିଯାନରେ ପରିବେଶ ସୁରକ୍ଷା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।



## ବନହରପାଲି ଥାନାରେ ଶାନ୍ତି କମିଟି ବୈଠକ

ଝବଅର୍ମାଲ,୧୦।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅଧିକାରୀ ବିନୋଦ ରାଉଙ୍କ ଅଧ୍ୟକ୍ଷତାରେ ଅଞ୍ଚଳର ଗଣେଶ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଞ୍ଚଳ ସମେତ ବକ୍ସବାହାଲ ଫାଣ୍ଡି, କୁମ୍ଭାରବନ୍ଧ ଫାଣ୍ଡି ଅଞ୍ଚଳରେ ହେବାକୁ ଥିବା ପୂଜାର ପୂଜା କମିଟିର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ବୈଠକରେ ଆବଶ୍ୟକୀୟ ଅନୁମତି, ପେଣ୍ଡାଲ, ଅଗ୍ନି ଓ ବିଦ୍ୟୁତ୍ ସୁରକ୍ଷା, ଡିଜେ/ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ, ସିସିଟିଭି ସ୍ଥାପନ, ସ୍ବେଚ୍ଛାସେବୀ ମୁତୟନ, ଶୋଭାଯାତ୍ରା ଓ ବିସର୍ଜନ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ଏବଂ ଗୁଜବ ଓ ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ବକ୍ସବାହାଲ ଫାଣ୍ଡି ଅଧିକାରୀ ରମେଶ ଭଇଁସା, କୁମ୍ଭାର ବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ।

## ୧୬ରେ ଦେବଗଡ଼ ଜିଲ୍ଲା ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ

ଦେବଗଡ଼,୧୦।୯(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଦେବଗଡ଼ ଜିଲ୍ଲାର ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୬ ତାରିଖ ଅପରାହ୍ନ ୩ଟାରେ ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସମ୍ବଲପୁର ସାଂସଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଆଗାମୀ ଦିଶା ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ନିଜ ନିଜ ବିକାଶ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ପ୍ରସ୍ତୁତ ରଖିବାକୁ ଆଲୋକପାତ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର (ବିତ୍ତ) ଆଶିଷ ବାରିକ, ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳପ୍ରପାତରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଇବଅର୍ମାଲ,୧୦।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଲାଲପଥର ଜଳପ୍ରପାତରେ ବୁଡ଼ି ଜଣେ ୧୫ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଝାରସୁଗୁଡ଼ା ଭୁଲିଆଟିକ୍ରା ଅଞ୍ଚଳର ଅର୍ପିତ ତ୍ରିପାଠୀ ବୋଲି ଜଣାପଡ଼ିଛି। ଅର୍ପିତ ନିଜ ସାଙ୍ଗମାନଙ୍କ ସହ ଲାଲପଥର ଜଳପ୍ରପାତକୁ ବୁଲିବାକୁ ଆସିଥିଲେ। ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ହଠାତ୍ ସେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲଖନପୁର ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ୪ ଘଣ୍ଟାର ଖୋଜାଖୋଜି ପରେ ଲାଲପଥର ଜଳପ୍ରପାତର ପାଣି ଭିତରୁ ଅର୍ପିତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଅର୍ପିତଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଲୋୟର ସୁକତେଲକୁ ପ୍ରମୁଖ ଜଳ ପର୍ଯ୍ୟଟନ କେନ୍ଦ୍ର ଦାବି

- ମୁଖ୍ୟମନ୍ତ୍ରୀଙ୍କୁ କଳିକେଶ ନାରାୟଣ ସିଂହଦେଓଙ୍କ ଚିଠି
- ବ୍ୟାପକ ଇକୋ-ଟୁରିଜମ୍ ପାଇଁ ୨୦୦ କୋଟି ମଞ୍ଜୁରି ଦାବି

ବଲାଙ୍ଗିର,୧୦।୯(ସମିସ): ବଲାଙ୍ଗିରର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଜଳ-ପର୍ଯ୍ୟଟନ ଓ ଇକୋ-ଟୁରିଜମ୍ କେନ୍ଦ୍ର ଭାବେ ବିକଶିତ କରାଯାଉ। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏଥିପାଇଁ ଦାବି ଉଠାଇଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ବିଧାୟକଙ୍କ ଚିଠି ଅନୁଯାୟୀ, ବିଶାଳ ଜଳଭଣ୍ଡାର, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବଲାଙ୍ଗିର ସହରର ନିକଟତା ଯୋଗୁଁ ଲୋୟର ସୁକତେଲରେ ଜଳକ୍ରୀଡ଼ା, ବୋଟିଂ, ଭ୍ୟୁ-ପଏଣ୍ଟ, ଲ୍ୟାଣ୍ଡସ୍କେପ୍ଡ ପବ୍ଲିକ୍ ସ୍ପେସ୍, ଚାଲିବା ଓ ସାଇକେଲିଂ ପଥ, ପିକନିକ୍ ଏବଂ ମନୋରଞ୍ଜନ ଭଳି ବିଭିନ୍ନ ପର୍ଯ୍ୟଟନ ସୁବିଧା ବିକଶିତ କରାଯାଇପାରିବ। ସେ ଲୋୟର ସୁକତେଲକୁ ବୋଇଟା ଯୋଜନା ଅଧୀନରେ ଏକ ଫ୍ଲାଗସିପ୍ ପ୍ରକଳ୍ପ ଭାବେ ନେବା ସହ ଜଳସମ୍ପଦ ଓ ପର୍ଯ୍ୟଟନ ବିଭାଗର ସମନ୍ୱୟରେ ଏହାର ବିକାଶ କରିବାକୁ ଅନୁରୋଧ କରିଛନ୍ତି। ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ଚାଲିଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ମଡେଲ୍‌କୁ ମଧ୍ୟ ଲୋୟର ସୁକତେଲରେ ଅନୁକରଣ କରାଯାଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଇକୋ-ଟୁରିଜମ୍ ପାଇଁ ୨୦୦ କୋଟି ଦାବି କରିଛନ୍ତି।

## ବୌଦ୍ଧ ଗସ୍ତରେ କ୍ରୀଡ଼ା ଓ ଯୁବ ସେବା କମିଶନର



ବୌଦ୍ଧ,୧୦।୯(ସମିସ): ରାଜ୍ୟ କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗ କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ସର୍କିଟ ହାଉସଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ପୁନିଆଙ୍କ ୩ ଦିନିଆ ଗସ୍ତରେ ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସର୍କିଟ ହାଉସ୍‌ରେ ଉପଖଣ୍ଡ ପୁଲିସ୍ ଅଧିକାରୀ ଲରେନ୍ସ ରାଉତରାୟ, ବୌଦ୍ଧର ଅତିରିକ୍ତ ତହସିଲଦାର୍ ମହମ୍ମଦ୍ ରୋଜାଏ ରସୁଲ, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଞ୍ଜନ ଭୂଏ, ଜିଲ୍ଲା କର୍ମ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଅଜୟ ଦାଶଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ମିଳିମିଶି ଗ୍ରାହକଙ୍କୁ ଲୁଟୁଛନ୍ତି

- ରନ୍ଧନ ଗ୍ୟାସ ସିଲିଣ୍ଡରରେ ଠକେଇ
- କମ୍ପାନୀ, ସରକାରୀ ଅଧିକାରୀ ଚୁପ୍
- ପ୍ରତି ସିଲିଣ୍ଡରରେ ୨/୩ କେଜି ଗ୍ୟାସ୍ ଗାୟବ
- ଚାପି ଦେଉଛନ୍ତି ବିତରକ, କମ୍ପାନୀ ଅଧିକାରୀ



ବଲାଙ୍ଗିର,୧୦।୯(ସମିସ): ବଲାଙ୍ଗିର ଜିଲ୍ଲାରେ ଘରୋଇ ରନ୍ଧନ ଗ୍ୟାସ ବିତରଣ ବ୍ୟବସ୍ଥାରେ ବଡ ଜାଲିଆତି ଚାଲିଛି। ଓଜନରେ ଟାମ୍ପରିଂ କରି ଗ୍ୟାସ୍ ବିତରକ ମାଲେମାଲ ହେଉଛନ୍ତି। ଗ୍ରାହକ କିନ୍ତୁ ଠକେଇର ଶିକାର ହେଉଛନ୍ତି। ଗୋଟିଏ ପଟେ ଗ୍ୟାସ ଦର ବଢ଼ି ଚାଲିଛି। ଅନ୍ୟପଟେ ଏଭଳି ଠକେଇ ହିତାଧିକାରୀଙ୍କୁ ଚିନ୍ତାରେ ପକାଇଛି। ଉପରୁ ତଳ ପର୍ଯ୍ୟନ୍ତ ଏହି ଠକେଇ କାରବାର ସାମିଲ ଥିବା ନେଇ ଅଭିଯୋଗ ହେଉଛି। ବିଭାଗ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରୁନି ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଲୋକେ କାହାକୁ ଅଭିଯୋଗ କରିବେ ବୋଲି ଅଧିକାଂଶ ଜାଣନ୍ତି ନାହିଁ। ଏଣୁ ଚୁପ୍ ରହୁଥିବା କହିଛନ୍ତି। କେନ୍ଦ୍ର ସରକାରଙ୍କ ଏକ ସଫଳ ଯୋଜନା ହୋଇଥିଲା ଉଜ୍ଜ୍ୱଳା ଯୋଜନା। ଏହି ଯୋଜନାରେ ମାଗଣାରେ ହିତାଧିକାରୀଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଥିଲା। ଏହି ଯୋଜନା ଲାଗୁହେବା ପରେ ରାଜ୍ୟରେ ଗ୍ୟାସ ସଂଯୋଗ ସଂଖ୍ୟା ବଢିବା ସହିତ ଗ୍ୟାସ ଉପରେ ନିର୍ଭର କରୁଥିବା ପରିବାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରେ ପାଖାପାଖି ୪ ଲକ୍ଷରୁ ଅଧିକ ପରିବାର ରୋଷେଇ ପାଇଁ ଗ୍ୟାସ ଉପରେ ନିର୍ଭର କରୁଥିବା ଜଣାପଡିଛି। ଗ୍ୟାସ ସିଲିଣ୍ଡର ଯୋଗାଇବା ପାଇଁ ମଧ୍ୟ ଏକାଧିକ କମ୍ପାନୀ ରହିଛନ୍ତି। ବହୁ ବିତରକ ଓ ବିତରଣ କେନ୍ଦ୍ର ରହିଛି। ଏହି ସବୁ ଭିତରେ କିନ୍ତୁ ଜିଲ୍ଲାରେ ଗ୍ୟାସ ବ୍ୟବହାରକାରୀ ପ୍ରତିଦିନ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ବିଶେଷତଃ ଦୁଇ ପ୍ରକାର ଗ୍ୟାସ ସଂଯୋଗ ଦିଆଯାଇଥାଏ। ଘରେ ବ୍ୟବହାର କରିବା ପାଇଁ ଘରୋଇ ଓ ବ୍ୟବସାୟରେ ବ୍ୟବହାର କରିବା ବ୍ୟବସାୟିକ ଗ୍ୟାସ ସଂଯୋଗ ବ୍ୟବସ୍ଥା ରହିଛି। ଘରୋଇ ଗ୍ୟାସ ସିଲିଣ୍ଡରରେ ୧୪.୨ କେଜି ଗ୍ୟାସ ରହିବା କଥା। ସିଲିଣ୍ଡର ସହିତ ଗ୍ୟାସ୍ ଫୁଲ୍ ଥିବା ବେଳେ ଓଜନ ପ୍ରାୟ ୨୯.୪ କେଜି ରହିବା କଥା। ସେହିପରି ବ୍ୟବସାୟିକ ସିଲିଣ୍ଡରର ମୋଟ ଓଜନ ପ୍ରାୟ ୪୫ରୁ ୫୦ କେଜି ଥିବା ବେଳେ ଏଥିରେ ୧୯ କେଜି ଗ୍ୟାସ ରହିଥାଏ। ତେବେ ବିତରଣକେନ୍ଦ୍ରରେ ରହିଥିବା ଗ୍ୟାସ ସିଲିଣ୍ଡରର ମୋଟ ଓଜନ କମ୍ ରହୁଥିବା ଅଭିଯୋଗ ହୋଇଛି। ଗୋଟିଏ ଗୋଟିଏ ସିଲିଣ୍ଡରରେ ଦୁଇରୁ ତିନି କେଜି ଓଜନ କମ୍ ରହୁଥିବା ବେଳେ ସିଲିଣ୍ଡରରୁ ବିତରକମାନେ ଗ୍ୟାସ କାଢି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଯେହେତୁ ସିଲିଣ୍ଡରଗୁଡ଼ିକ ଲୁହାରେ ତିଆରି ଏଣୁ ତାହାର ଓଜନ କମିବା ଅସମ୍ଭବ। ଯଦି ସିଲିଣ୍ଡର ଓଜନ କମ୍ ରହୁଛି ତେବେ ନିହାତି ଭାବେ ସିଲିଣ୍ଡରରେ ଗ୍ୟାସ କମ ଥାଇପାରେ ବୋଲି କିଛି ବିତରକ କହିଛନ୍ତି। ଏହି କାରବାର ପ୍ରାୟତଃ ସବୁ ବିତରଣ କେନ୍ଦ୍ରରେ ଚାଲିଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ଲୋକେ ସିଲିଣ୍ଡର ଆଣିବା ସମୟରେ ଓଜନ କରନ୍ତି ନାହିଁ। ଏହା ଫଳରେ ଏହି ଠକେଇ ବିଷୟରେ ଜାଣିପାରନ୍ତି ନାହିଁ, କିନ୍ତୁ କିଛି ସଚେତନ ଗ୍ରାହକ ଓଜନ କରିବା ପରେ କମ୍ ଓଜନ ଥିବା ଗ୍ୟାସ ସିଲିଣ୍ଡର ବିଷୟରେ ଆପତ୍ତି ଉଠାଇଲେ ବିତରକ ଅନ୍ୟ ଏକ ସିଲିଣ୍ଡର ଦେଇ ଚୁପ୍ କରାଇ ମାମଲାକୁ ଚାପି ଦେଉଥାନ୍ତି। ଅନ୍ୟପକ୍ଷରେ ଏନେଇ କିଛି ହିତାଧିକାରୀ ଗ୍ୟାସ କମ୍ପାନୀମାନଙ୍କ ସେଲ୍ସ ମେନେଜରଙ୍କୁ ଅଭିଯୋଗ ଆଣୁଥିବା ବେଳେ ସେମାନେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ତେବେ ଗ୍ୟାସରେ ଠକେଇ ବିଷୟରେ ସରକାରୀସ୍ତରରେ କାହାକୁ ଅଭିଯୋଗ କରାଯିବ ସେନେଇ ମଧ୍ୟ ଅନେକ ଲୋକ ଜାଣିନାହାନ୍ତି। ଏହାଫଳରେ ଠକେଇର ଶିକାର ହୋଇ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଏହିଭଳି ଠକେଇରୁ ଲୋକଙ୍କୁ ବଞ୍ଚାଇବା ପାଇଁ ଉଭୟ କମ୍ପାନୀ ଓ ସରକାରୀ ସ୍ତରରେ ନିୟମିତ ଯାଞ୍ଚ କରାଯିବା କଥା, କିନ୍ତୁ ଏନେଇ ଉଭୟ କମ୍ପାନୀ ଓ ସରକାରୀବାବୁମାନେ ଚୁପ୍ ରହିବା ଅସନ୍ତୋଷର କାରଣ ପାଲଟିଛି। ଜିଲ୍ଲାରେ ଏହିଭଳି ଠକେଇ ଅଭିଯୋଗ ବଢ଼ି ଚାଲିଥିବା ବେଳେ ଯୋଗାଣ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାରେ ଟିକିଏ ମଧ୍ୟ ଗୁରୁତ୍ୱ ଦେଉନି।

## ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

ବୌଦ୍ଧ,୧୦।୯(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ଏବଂ ଜୁନିୟର ରେଡକ୍ରସ୍ ସୋସାଇଟି ସହଯୋଗରେ ହେବାକୁ ଥିବା ମେଗା ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ଅକ୍ଟୋବର ୧ ତାରିଖରେ ହେବାକୁ ସ୍ଥିର କରାଯାଇଛି। ଏସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ଅଧିକ ସଂଖ୍ୟକ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଶିବିରରେ ସାମିଲ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ବୌଦ୍ଧର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ହରଭଙ୍ଗାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଏବଂ ଜୁନିୟର ରେଡକ୍ରସ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଅତିଥିମାନେ ରକ୍ତଦାନକୁ ଏକ ମହତ୍ ମାନବୀୟ ସେବା ଭାବେ ବର୍ଣ୍ଣନା କରିବା ସହିତ ଜରୁରୀ ସମୟରେ ରକ୍ତର ଆବଶ୍ୟକତା ପୂରଣ କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଅପରିସୀମ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ମେଗା ରକ୍ତଦାନ ଶିବିରରେ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି । ଶିକ୍ଷକ, ଛାତ୍ରଛାତ୍ରୀ, ଯୁବକ ଓ ସ୍ୱେଚ୍ଛାସେବୀମାନେ ରକ୍ତଦାନ ଅଭିଯାନ ସହ ଯୋଡ଼ି ହୋଇ ସମାଜରେ ଏକ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। ଗ୍ରାମ୍ୟ ବିକାଶ ପରିଷଦର ସଭାପତି ସୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ସଭ୍ୟମାନଙ୍କୁ ୫ ଜଣ ଲେଖାଏଁ ରକ୍ତ ଦାତାଙ୍କୁ ଯୋଗାଡ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଆଗାମୀ ମେଗା ରକ୍ତଦାନ ଶିବିରର ପ୍ରଚାରପ୍ରସାର, ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସଂଗ୍ରହ, ବିଭିନ୍ନ କ୍ଲଷ୍ଟର ଓ ବିଦ୍ୟାଳୟର ସହଯୋଗ ଏବଂ ଶିବିର ପରିଚାଳନା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରକ୍ତଦାନ ମାଧ୍ୟମରେ ମାନବ ସେବା ହିଁ ମାଧବ ସେବାର ବାର୍ତ୍ତା ସମାଜରେ ପହଞ୍ଚାଇବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଶିକ୍ଷକ ଜିତେନ୍ଦ୍ର ଦାସ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବୁକ୍ ସର୍କୁଲାର ୪୭ ପାଇଁ ପ୍ରସ୍ତୁତି

ଦେବଗଡ଼,୧୦।୯(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ବୁକ୍ ସର୍କୁଲାର ୪୭ର ମୁଖ୍ୟ ନିୟମଗୁଡ଼ିକ ମଧ୍ୟରେ ସାଂସଦ (ଲୋକସଭା)ଓ ମାନ୍ୟବର ବିଧାୟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ପର୍କରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସୌଜନ୍ୟପୂର୍ଣ୍ଣ ବ୍ୟବହାର, ତାଙ୍କର ଚିଠି ଅନୁରୋଧରେ ଉଚିତ ଗୁରୁତ୍ୱ ଦେବା, ଆବଶ୍ୟକ ସହଯୋଗ ଯୋଗାଇବା ଏବଂ ଏହି ନିର୍ଦ୍ଦେଶର ଉଲ୍ଲଂଘନକୁ ଗୁରୁତର ଭାବେ ନେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଗ୍ରେହା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର (ଫାଇନାନ୍ସ) ଆଶିଷ ବାରିକ, ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ସରକାରୀ ଆଇଟିଆଇରେ ପରିଚାଳନା ପରିଷଦ ବୈଠକ

- ଜିଲ୍ଲାପାଳଙ୍କ ଦ୍ୱାରା 'ୱେଷ୍ଟ ଟୁ ୱେଲ୍‌ଥ' ପ୍ରକଳ୍ପରେ ନିର୍ମିତ ପ୍ରଭୁ ଶ୍ରୀଗଣେଶଙ୍କ ଭବ୍ୟ ମୂର୍ତ୍ତି ଉନ୍ମୋଚିତ
- ଶିକ୍ଷା, ନିଯୁକ୍ତି ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୧୦।୯(ସମିସ): ଝାରସୁଗୁଡ଼ା ସରକାରୀ ଆଇଟିଆଇ ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପରିଚାଳନା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଦାନର ଅଗ୍ରଗତି, ଆଇନଗତ ମଞ୍ଜୁରୀ, କ୍ୟାମ୍ପସ ଜମି ନିୟମିତ ଏବଂ ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଶିଳ୍ପ ପରିଦର୍ଶନ, କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ୍, ପ୍ରଶିକ୍ଷକମାନଙ୍କ ତାଲିମ ଏବଂ ସିଏସ୍ଆର୍ ପାଣ୍ଠି ସହାୟତା ପାଇଁ ଏକ ଦୃଢ଼ ଇଣ୍ଡଷ୍ଟ୍ରି କନେକ୍ଟ ବ୍ୟବସ୍ଥା ଗଢ଼ି ତୋଳିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା "ୱେଷ୍ଟ ଟୁ ୱେଲ୍‌ଥ' (ବର୍ଜ୍ୟରୁ ସମ୍ପଦ) କୌଶଳରେ ନିର୍ମିତ ଏକ ଆକର୍ଷଣୀୟ ଗଣେଶଙ୍କ ମୂର୍ତ୍ତିକୁ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ଶିଳ୍ପ ଓ ଅଟୋମୋବାଇଲର ବର୍ଜ୍ୟ ସାମଗ୍ରୀକୁ ମାନୁଆଲ୍ ମିଗ୍ ୱେଲ୍ଡିଂ ଏବଂ ଅତ୍ୟାଧୁନିକ "ଏବିବି ୬-ଆକ୍ସିସ୍ ରୋବୋଟିକ୍ସ' ପ୍ରଯୁକ୍ତିବିଦ୍ୟାର ମିଶ୍ରଣରେ ଏହି ମୂର୍ତ୍ତି ତିଆରି କରାଯାଇଛି।

## ମହିଳାଙ୍କ ଉପରେ ଯୌନ ନିର୍ଯାତନା ରୋକିବାକୁ ପ୍ରଶିକ୍ଷଣ



ବୌଦ୍ଧ,୧୦।୯(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ସଦଭାବନା ସଭାଗୃହଠାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ନିର୍ଯାତନା (ନିଷେଧ, ପ୍ରତିରୋଧ ଓ ପ୍ରତିକାର) ଆଇନ-୨୦୧୩ ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ବିନୟ ଭୋଇଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଉପରେ ନିଜ ନିଜର ବହୁମୂଲ୍ୟ ମତ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଉପସ୍ଥିତ ସମସ୍ତ ଅତିଥି ଓ ପ୍ରଶିକ୍ଷାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବାସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଆଇନଜୀବୀ ଅଙ୍କିତା ଶତପଥୀ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଉପସ୍ଥିତ କର୍ମଚାରୀ ଓ ଅଧିକାରୀମାନଙ୍କୁ ପୋଷ ଆଇନର ବିଭିନ୍ନ ଧାରା, ଅଭିଯୋଗ ପ୍ରକ୍ରିୟା ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ ଓ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ମାନର ସହ ଜୀବନ ବଞ୍ଚିବାକୁ ସାକ୍ଷରତା ଓ ଶିକ୍ଷା ନିହାତି ଆବଶ୍ୟକ




ବୌଦ୍ଧ,୧୦।୯(ସମିସ): ବୌଦ୍ଧସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧ ଜିଲ୍ଲାକୁ ଶତ ପ୍ରତିଶତ ସାକ୍ଷର ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଶିକ୍ଷାବିତ ଶ୍ୟାମସୁନ୍ଦର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନର ସହ ଜୀବନ ବଞ୍ଚିବା ପାଇଁ ସାକ୍ଷରତା ଓ ଶିକ୍ଷା ନିହାତି ଆବଶ୍ୟକ। ସମସ୍ତଙ୍କୁ ସାକ୍ଷର କରିବାରେ ପ୍ରତ୍ୟେକଙ୍କ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ହରଭଙ୍ଗା ଏବିଇଓ କାର୍ତ୍ତିକେଶ୍ୱର ନାୟକ, କଣ୍ଟାମାଳ ଏ ବିଇଓ ଲକ୍ଷ୍ମୀ ମଲ୍ଲିକ, ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପ୍ରବୀଣ ପ୍ରଧାନ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ। ବୌଦ୍ଧ ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ କମ୍ଭୁଧର ଖୁରା, ହରଭଙ୍ଗା ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷ ଦୀପ୍ତିମୟୀ ସାହୁ, କଣ୍ଟାମାଳ ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ ଗଣେଶ୍ୱର ରଣା ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଶିକ୍ଷକ ଭାବରେ ପୁଷ୍ପାଞ୍ଜଳି ସାହୁ, ହରଭଙ୍ଗାର ଦୀପାଞ୍ଜଳି ଦୀପ ଓ କଣ୍ଟାମାଳର ଜୟଦେବ ନାଗଙ୍କୁ ୨୦୨୬-୨୭ ଉଲ୍ଲାସ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ପୋଷ୍ଟ ଅଫିସ ଛକ, ଗାନ୍ଧୀ ଛକ, ପୌରାଞ୍ଚଳ ଛକ, ୱାରଲେସ ଛକ ଦେଇ ସହର ପରିଭ୍ରମଣ କରିଥିଲା। ସାକ୍ଷରତା ରଥ, ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ପୌରାଞ୍ଚଳ ଅଧୀନ ସମସ୍ତ ବିଦ୍ୟାଳୟ ସମୂହର ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ, ପ୍ରତି ବ୍ଲକରୁ ୧୫ ଜଣ ପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବାବେଳେ ସିଆରସିସି ପ୍ରଜିନା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବାକୁ ଦାବି



ଦେବଗଡ,୧୦।୯(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ରେଙ୍ଗାଲବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯିବାର ପ୍ରତିବାଦ କରାଯାଇଛି। ରେଙ୍ଗାଲବାହାଲ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କୁ ସେହି ବିଦ୍ୟାଳୟରେ ପୁଣି ଅବସ୍ଥାପିତ କରିବାକୁ ଦାବି କରିଛନ୍ତି। ରେଙ୍ଗାଲବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୀତାଞ୍ଜଳି ହାତୀ ନାମ୍ନୀ ଶିକ୍ଷୟିତ୍ରୀ ପ୍ରାୟ ୪ ବର୍ଷ ହେବ ଶିକ୍ଷକତା କରି ଆସୁଥିଲେ। ୨ ଦିନ ତଳେ ଶିକ୍ଷୟତ୍ରୀ ଗୀତାଞ୍ଜଳିଙ୍କୁ ପଦୋନ୍ନତି ମିଳିବା ପରେ ତାଙ୍କୁ ଦଶଘରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହା ଜାଣିବା ପରେ ସ୍କୁଲ ପରିଚାଳନା କମିଟି ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କୁ ସାକ୍ଷାତ୍ କରି ଶିକ୍ଷୟତ୍ର ଙ୍କ ବଦଳି ବାତିଲ କରିବା ପାଇଁ ଦାବି କରିଥିଲା; ମାତ୍ର ସେମାନଙ୍କୁ ସୁଫଳ ମିଳି ନ ଥିଲା। ଏଣୁ ଆଜି ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଭଗବତୀ ପ୍ରଧାନଙ୍କ ନେତୃତ୍ୱରେ ଅଭିଭାବକମାନେ ଦେବଗଡ ଜିଲ୍ଲାପାଳ ଓ ଦେବଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କରିଛନ୍ତି। ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କ ବଦଳି ବାତିଲ କରିବା ପାଇଁ ଦାବତ ରଖିଥିଲେ। ଶିକ୍ଷୟତ୍ରୀଙ୍କ ବଦଳି ବନ୍ଦ କରା ନ ଗଲେ ବିଦ୍ୟାଳୟ ଫାଟକରେ ତାଲା ପକାଇବେ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି।

ସକାଳ
THE SAKALA



## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

# ମହାନ୍ ବରପୁତ୍ରଙ୍କ ପ୍ରତି ଅସମ୍ମାନ ଗ୍ରହଣୀୟ ନୁହେଁ

ଭୁବନେଶ୍ୱର,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ପଦମପୁର ପଞ୍ଚାୟତର ଶିଆଳି ବେଳାଭୂମି ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଉକ୍ତ ଘଟଣା ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ବେଳାଭୂମି। ଅନେକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଉକ୍ତ ସ୍ଥାନରେ ଗତ ୯

### ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା ପ୍ରତି ଅପମାନ



ତାରିଖ ରାତିରେ କିଛି ଦୁର୍ବୃତ୍ତମାନେ ପ୍ରବାଦ ପୁରୁଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ଏହା ଅତି ନିନ୍ଦନୀୟ ଘଟଣା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ୨୪ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଧରା ପଡିଲେ ନାହିଁ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ରାଜ୍ୟ ସାରା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବିଜୁ ପଟ୍ଟନାୟକ ତିନି ରାଷ୍ଟ୍ରର ସର୍ବୋଚ୍ଚ ରାଷ୍ଟ୍ର ମାନ୍ୟତା ପାଇଛନ୍ତି। ଯିଏ କି ଭାରତ ବର୍ଷ ଯେଉଁ ବ୍ୟକ୍ତିତ୍ୱଙ୍କୁ ନେଇ ଗର୍ବ ଅନୁଭବ କରେ, ତାଙ୍କୁ ଅପମାନିତ କରାଯାଇଛି। ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ପ୍ରତି ମୁହୂର୍ତ୍ତରେ ଓଡିଶା ତଥା ଓଡ଼ିଆ ଅସ୍ମିତାକୁ ହତ୍ୟା କରୁଛନ୍ତି। ଯାହାଫଳରେ ବିଶ୍ୱ ଦରବାରରେ ଓଡ଼ିଶା ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ଏହିପରି କାର୍ଯ୍ୟକଳାପ ଗୁଡିକ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଭଙ୍ଗା ଯାଇଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପିତ କରିବା ପାଇଁ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ। ଏହିପରି କାର୍ଯ୍ୟକୁ ଓଡ଼ିଆ ଜାତି କ୍ଷମା କରିବ ନାହିଁ। ରାଜ୍ୟ ସରକାର ଘଟଣା ପ୍ରତି ଯତ୍ନଶୀଳ ହୋଇ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଉକ୍ତ ଘଟଣାର ଅନୁସନ୍ଧାନ ପାଇଁ ବିଜେଡ଼ିର ଏକ ପ୍ରତିନିଧୀ ମଣ୍ଡଳୀ ଶୁକ୍ରବାର ଘଟଣାସ୍ତଳକୁ ଗସ୍ତ କରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପ୍ରତିନିଧି ମଣ୍ଡଳୀକୁ ଅନୁମୋଦନ କରାଯାଇଛି। ଏହି ପ୍ରତିନିଧି ଦଳ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବେ। ପ୍ରଶାନ୍ତ ମୁଦୁଲିଙ୍କ ସଂଯୋଜନାରେ ଉକ୍ତ ପ୍ରତିନିଧି ଦଳରେ ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ. ରାଜଶ୍ରୀ ମଲ୍ଲିକ, ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ, ନାରାୟଣ ଜେନା ରହିବେ। ପ୍ରତିନିଧି ଦଳ ସ୍ଥାନୀୟ ଆଇଆଇସି ଏବଂ ଜଗତସିଂହପୁର ଏସ୍‌ପିଙ୍କୁ ଭେଟିବେ। ପ୍ରତିମୂର୍ତ୍ତି ଭଙ୍ଗାରୁଜା ପାଇଁ ଦାୟୀ ବ୍ୟକ୍ତି ମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ସହ ପ୍ରତିମୂର୍ତ୍ତିର ଶୀଘ୍ର ପୁନଃସ୍ଥାପନ ପାଇଁ ଦାବି କରିବେ।

# ଅକିବୁଜ୍ଜମ୍ ଖାନ୍ କଂଗ୍ରେସ ସଂଖ୍ୟା ଲଘୁ ସେଲ୍ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର,୧୦।୯ (ସମିସ): ଅକିବୁଜ୍ଜମ୍ ଖାନ୍ ରାଜ୍ୟ କଂଗ୍ରେସ ସଂଖ୍ୟା ଲଘୁ ସେଲ୍ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏଆଇସିସି ଅଧ୍ୟକ୍ଷଙ୍କ ଅନୁମୋଦନ ପରେ ଶ୍ରୀ ଖାନ୍‌ଙ୍କୁ ଏହି ପଦରେ ନିଯୁକ୍ତ ଦିଆଯାଇଛି। ଏ ନେଇ ଏଆଇସିସି ସଂଗଠନ ସମ୍ପାଦକ କେସି ଭେନୁଗୋପାଳ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ ଘଟଣା

# ଆସିକା ବିଧାୟକଙ୍କ ୨ ପୁଅ ସମେତ ୩ ଜଣଙ୍କ ନାଁରେ ମାମଲା

ଆସିକା,୧୦।୯(ସମିସ): ଆସିକା ବ୍ଲକରେ ପଞ୍ଚାୟତ ସମିତି ବୈଠକ ଚାଲିଥିବା ସମୟରେ ପ୍ରବଳ ପାଟିତୁଣ୍ଡ ହୋ ହାଲ୍ଲା ଘଟଣାରେ ଆସିକା ବିଧାୟକଙ୍କ ଦୁଇ ପୁଅଙ୍କ ସମେତ ୩ ଜଣଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି।

ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ୮ମ ପଞ୍ଚାୟତ ସମିତି ବୈଠକ ଚାଲିଥିବା ସମୟରେ କିଛି ସରପଞ୍ଚ ହୋହଲ୍ଲା କରିଥିଲେ। ସରପଞ୍ଚମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୨ବର୍ଷ ମଧ୍ୟରେ ଆସିକା ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ। ପୂର୍ବ ବିଜେଡି ସରକାର ଅମଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବକେୟା ବିଲ ମଧ୍ୟ ଆଜି ପର୍ଯ୍ୟନ୍ତ ପୈଠ ହେଉନାହିଁ। ଯାହାକୁ ନେଇ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସରପଞ୍ଚମାନେ ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ଆସିକା ବିଧାୟକ ସରୋଜ ପାଢୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପଞ୍ଚାୟତ ଜନପ୍ରତିନିଧିଙ୍କ ପ୍ରଶ୍ନରେ ବିଧାୟକ ଘାଇଲା ହୋଇ ଯାଇଥିଲେ। ଆସିକା ବ୍ଲକର ହରିଡ଼ା ପଦର ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ଜୟନ୍ତୀ ବେହେରା ସମିତି ବୈଠକରେ ବିଧାୟକ ସରୋଜ ପାଢ଼ୀଙ୍କୁ ନିଜ ପଞ୍ଚାୟତରେ ଗତ ୨ବର୍ଷ ମଧ୍ୟରେ କୌଣସି ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟ ହୋଇ ନଥିବା ଅଭିଯୋଗ କରିଥିଲେ। ସେପଟେ ବିଜେଡି ସମର୍ଥିତ ସରପଞ୍ଚ ବୋଲି ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ପ୍ରକଳ୍ପର ବକେୟା ବିଲକୁ ପୈଠ କରାଯାଉ ନଥିବା ଅଭିଯୋଗ କରିବା ଫଳରେ ବିଧାୟକ ଓ ମହିଳା ସରପଞ୍ଚଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଶାନ୍ତି ଫେରାଇ ଆଣିବାକୁ ଯାଇ ପୋଲିସକୁ ହସ୍ତକ୍ଷେପ କରିବାକୁ ପଡିଥିଲା। ଏଭଳି ପାଟିତୁଣ୍ଡ ଦେଖି ସମିତି ବୈଠକ ବାହାରେ ଥିବା ବିଧାୟକଙ୍କ ଦୁଇପୁଅ ସଙ୍ଗୀତ ପାଢ଼ୀ ଓ ସମ୍ବିତ ପାଢ଼ୀ ଏବଂ ଶାସକ ଦଳର ସମର୍ଥକ କାଳିଆ ନାହାକ ସଭାଗୃହର ଫାଟକ ଖୋଲି ମହିଳା ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଶାସକ ଓ ବିରୋଧୀଙ୍କ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହୋ ହାଲା ହେବାପରେ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ପଞ୍ଚାୟତ ସମିତି ବୈଠକ ପୁଣି ସ୍ୱାଭାବିକ ଭାବେ ଚାଲିଥିଲା। ତେବେ ବୈଠକରେ ଘଟିଥିବା ଘଟଣାକୁ ନେଇ ଆସିକା ଥାନାରେ ମାମଲା ଦାଏର ହୋଇଛି। ସୂଚନା ଥାଉକି ଦୀର୍ଘ ୧୭ମାସ ପରେ ଆସିକାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ମହିଳା ସରପଞ୍ଚ ଜୟନ୍ତୀ ବେହେରା ନିଜ ସମର୍ଥକ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ଆସିକା ଥାନାରେ ଲିଖିତ ଏତଲା ଦେଇଥିଲେ। ଜୟନ୍ତୀଙ୍କ ଏତଲା କ୍ରମେ ଆସିକା ଥାନାରେ ୫୦୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ତଥା ମଣ୍ଡଳ ସଭାପତି କାଳିଆ ନାହାକଙ୍କ ପକ୍ଷରୁ ମଧ୍ୟ ବିରୋଧୀ ଗୋଷ୍ଠୀର ୩ଜଣଙ୍କ ନାମରେ ପାଲଟା ଲିଖିତ ଏତଲା ପରେ ୫୦୮/୨୬ରେ ଆଉ ଏକ ମାମଲା ରୁଜୁ ହୋଇଥିବା ଆସିକା ଥାନା ଅଧିକାରୀ ସୁଧୀର ସାହୁ ସୂଚନା ଦେଇଛନ୍ତି।

## ସୁଧାର ଗୃହରେ ନାବାଳିକା ଅନ୍ତଃସତ୍ତ୍ୱା ଘଟଣାର ତନାଘନା

# ମହିଳା କମିଶନ ପରେ 'ସିଏଡବ୍ଲ୍ୟୁ ଓ ସିଡବ୍ଲୁ' ଟିମ୍‌ର ତଦନ୍ତ

କେନ୍ଦ୍ରାପଡ଼ା,୧୦।୯(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କପାଳେଶ୍ୱରସ୍ଥ ଏକ ସୁଧାର ଗୃହରେ ଝାଡ଼ଖଣ୍ଡର ଜଣେ ନାବାଳିକା ଅନ୍ତଃସତ୍ତ୍ୱା ହେବା ଘଟଣାକୁ ନେଇ ତଦନ୍ତ ତୀବ୍ର ହୋଇଛି। ଘଟଣାର ତଦନ୍ତ ପାଇଁ ଆଜି ରାଜ୍ୟ ମହିଳା କମିଶନର ଏକ ଟିମ୍ ସୁଧାର ଗୃହରେ ପହଞ୍ଚି ତନାଘନା କରିଛି। ଏଥିସହ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଟିମ୍ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜ୍ୟ ମହିଳା କମିଶନର ସଚିବ ବିବେକାନନ୍ଦ ସାହୁ ଓ ସଦସ୍ୟା କଳ୍ପନା ମଲ୍ଲିକ ସୁଧାର ଗୃହରେ ପହଞ୍ଚି ଘଟଣା ସମ୍ପର୍କରେ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କ ସମ୍ପର୍କିତ ରେଜିଷ୍ଟର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରାଯାଇଛି। ଏଥିସହ କର୍ମଚାରୀଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଡ଼ିସନାଲ ଏସ୍‌ପି ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସିଏଡବ୍ଲ୍ୟୁ ଓ ସିଡବ୍ଲୁର ୫ ଜଣିଆ ଟିମ୍ କପାଳେଶ୍ୱରସ୍ଥିତ ସୁଧାର ଗୃହ ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ପହଞ୍ଚି

- ରେଜିଷ୍ଟର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ, ତଥ୍ୟ ସଂଗ୍ରହ
- ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ: କମିଶନ ସଦସ୍ୟା

ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛି। ତଦନ୍ତକାରୀ ଟିମ୍ ବିଭିନ୍ନ ରେକର୍ଡ ଓ କାଗଜପତ୍ର ଯାଞ୍ଚ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ଏ ଘଟଣାକୁ ନେଇ ପୂର୍ବରୁ କେନ୍ଦ୍ରାପଡ଼ା ପୁଲିସ ସୁଧାରଗୃହର ଜଣେ କର୍ମଚାରୀ ଓ ଜଣେ ଅନ୍ତେବାସୀଙ୍କୁ ଗିରଫ କରିଥିଲା। ଏବେ ମହିଳା କମିଶନ ଓ କ୍ରାଇମବ୍ରାଞ୍ଚର ପୃଥକ ତଦନ୍ତ ଆରମ୍ଭ ହେବା ପରେ ଘଟଣାର ଅନ୍ୟାନ୍ୟ ଦିଗ ମଧ୍ୟ ସାମ୍ନାକୁ ଆସିବା ନେଇ ଆଶା କରାଯାଉଛି। ସୁଧାର ଗୃହରେ ଜଣେ ନାବାଳିକା କିପରି ଅନ୍ତଃସତ୍ତ୍ୱା ହେଲେ, ଏଥିରେ ସୁଧାରଗୃହର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅବହେଳା ରହିଥିଲା କି, ଅନ୍ତେବାସୀଙ୍କ ଉପରେ ନିୟମିତ ନଜର ରଖାଯାଉଥିଲା କି ଓ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷ କେବେ ଜାଣିଥିଲେ, ଏଭଳି ଅନେକ ପ୍ରଶ୍ନ ଏବେ ତଦନ୍ତର ପରିସରକୁ ଆସିଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ କହିଛନ୍ତି। ତେବେ ତଦନ୍ତ ଆଗକୁ ବଢ଼ିବା ସହ ଘଟଣା ପଛର ସମ୍ପୂର୍ଣ୍ଣ ସତ୍ୟ କେବେ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠାରୁ ୫ ଦିନ...

ଦିନଗୁଡିକରେ ବ୍ୟାଙ୍କ ସେବା ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷେ ବ୍ୟାଙ୍କ ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ଯଦି ଏହା ହୁଏ ତେବେ ଚଳିତମାସରେ ବ୍ୟାଙ୍କ ଆହୁରି ଅଧିକ ଦିନ ବନ୍ଦ ରହିପାରେ।

### ବ୍ରିକ୍ସ ସମ୍ମିଳନୀ...

ସୁରକ୍ଷା ଦୁର୍ଗରେ ପରିଣତ କରାଯାଇଛି। ଏହାର ତଦାରଖ ଲାଗି ଉଭୟ ରୁଷ ଓ ଚୀନରୁ ସୁରକ୍ଷା ଅଧିକାରୀ ଆସି ପହଞ୍ଚିଯାଇଛନ୍ତି। ସେମାନେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏହି ଦୁଇ ରାଷ୍ଟ୍ରାଧ୍ୟକ୍ଷଙ୍କ ପାଇଁ ଗାଡ଼ି ପଟୁଆର ଅନ୍ୟ ନେତାମାନଙ୍କ ତୁଳନାରେ ବଡ଼ ରହିବ। ବ୍ରିକ୍ସ ନେତାମାନଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ଆକାଶରୁ ମଧ୍ୟ ନଜର ରହିବ।

### ସମଲେଶ୍ୱରୀ ମନ୍ଦିରରେ...

ପାରମ୍ପରିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରିଥାନ୍ତି। ଆଜି ନୂଆ ଧାନ ପ୍ରଦାନ ସମୟରେ ଚାଷୀ ଶ୍ରୀ ବେହେରାଙ୍କ ପତ୍ନୀ ପୁଷ୍ପାଞ୍ଜଳି ବେହେରା ଥିବାବେଳେ ମୁଖ୍ୟପୂଜକଙ୍କ ସହ ତାଙ୍କ ପତ୍ନୀ ଗୋମତୀ ରାୟ, ପୁଅ ଶିବପ୍ରସାଦ ଓ ଝିଅ ଦିପଶିଖା ତଥା ଦେବେନ୍ଦ୍ର ରାୟ, ଯୋଗେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପୂଜା ସାମଗ୍ରୀ ଭାରବୋହି ଗୁଡୁ ବନଛୋର ଆଣିଥିଲେ।

ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ମାଁ ସମଲେଶ୍ୱରୀଙ୍କ ପୀଠରେ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ଅବସରରେ ମାଁଙ୍କ ନବାନ୍ନ ଲାଗି ପାଇଁ ଆସି ପହଞ୍ଚିଛି ସରିଆ ଧାନ। ଧାନ ସହିତ କୁରେଇ ପତ୍ର, ସାରୁ ଶାଗ ଓ ଅନ୍ୟାନ୍ୟ ସାମଗ୍ରୀ ଆଣିଛନ୍ତି। ଦୀର୍ଘ ୮-୯ ବର୍ଷ ହେବ ବଲବସପୁରର ଚାଷୀ ସୁବାସ ବେହେରା ଅତ୍ୟନ୍ତ ନିଷ୍ଠାର ସହ ଏହି ସରିଆ ବା ଷାଠିଏ ଧାନ ଚାଷ କରି ମାଁଙ୍କ ପୂଜାର୍ଚ୍ଚନା ପାଇଁ ସମର୍ପଣ କରିଆସୁଛନ୍ତି। ମାଁଙ୍କ ନବାନ୍ନ ପାଇଁ ଏହି ଧାନ ମିଳିବା ପରେ ଏହାର ବିଶେଷ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରଥମେ ଧାନକୁ ଖରାରେ ଭଲଭାବେ ଶୁଖାଯାଏ, ଯାହାଦ୍ୱାରା ଏହାର ଖୋସା କିମ୍ବା ଛାଲି ସହଜରେ ଛାଡ଼ିଯାଏ। ଏହାପରେ ଧାନରୁ ଛାଲି ଛଡ଼ାଇ ଚାଉଳ ବାହାର କରାଯାଏ। ସେହି ନୂଆ ଚାଉଳକୁ କୁଟାଯାଇ ସେଥିରେ ଗୁଡ଼, ମହୁ, ଘିଅ ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ନବାନ୍ନ ପ୍ରସାଦ ପ୍ରସ୍ତୁତ କରାଯାଏ, ଯାହା ନୂଆଁଖାଇ ଦିନ ମାଁଙ୍କଠାରେ ଭୋଗ ଲାଗି ହେବ। ଚାଷୀ ସୁବାସ ବେହେରା କହିଛନ୍ତି, ପ୍ରାୟ ୪୦ରୁ ୫୦ ଡେସିମିଲ ଜମିରେ ଆମେ ଏହି ଛୋଟ ଧାନ ସରିଆ ବା ଜୁଇ ଧାନ ଚାଷ କରୁଛୁ। ଏହି ଧାନ ଆଷାଢ଼ର ପ୍ରଥମ ସପ୍ତାହରେ ବୁଣିଥିବାବେଳେ ମାତ୍ର ୬୦ ଦିନରେ ଅମଳଯୋଗ୍ୟ ହୋଇଥିବାରୁ ଏହାକୁ 'ଷାଠିଏ ଧାନ' ମଧ୍ୟ କୁହାଯାଏ। ଏହି ଧାନ ପୁରା ନହୋଇ କ୍ଷୀର ଧରିଥାଏ। ଯେହେତୁ ଦେବୀଙ୍କଠାରେ ଏହା ନୂଆ ଲାଗିହେବ, ତେଣୁ ଏହା କ୍ଷୀର ଧରିଥିବାବେଳେ ଅମଳ କରାଯାଏ। କାରଣ, ଧାନ ସମ୍ପୂର୍ଣ୍ଣ ପାକଳ ହେଲେ ତାହା ଚଢ଼େଇ, ଚିରିଗୁଣୀ ବା ପଶୁପକ୍ଷୀ ଅଇଁଠା କରିଦେବା ଆଶଙ୍କା ଥିବାରୁ ଅଧା ପାକଳ ଓ ଅଧା କ୍ଷୀର ଧରିଥିବା ଧାନକୁ ଅମଳ କରାଯାଏ। ଧାନ ଅମଳ କରିବା ସମୟରେ ପରମ୍ପରା ଅନୁସାରେ ସେ ଗାଧୋଇପାଧୋଇ, ଧୋତି ପିନ୍ଧି, ଗୋରସ (କ୍ଷୀର), ପାଣି, ନଡ଼ିଆ, ଫୁଲ, ସିନ୍ଦୂର ଓ ଦୀପ ସହ ଭକ୍ତିଭାବେ ପୂଜାର୍ଚ୍ଚନା କରି ଧାନ କାଟିଥାନ୍ତି। ଏହାପରେ ଏହି ଧାନକୁ ଘରକୁ ଆଣିଥାନ୍ତି। ସମଲେଶ୍ୱରୀ ମନ୍ଦିରରେ ଧାନ ଦେବାପରେ ଆଖପାଖ ମନ୍ଦିରର ଲୋକେ ମଧ୍ୟ ଆସି ତାଙ୍କଠାରୁ ନବାନ୍ନ ସକାଶେ ନୂଆ ଧାନ ନେଇଥାନ୍ତି। ନିଜ ଧାନ ମା'ଙ୍କ ପାଖରେ ଭୋଗ ଲାଗି ହେଉଥିବାରୁ ବହୁତ ଖୁସି ଲାଗୁଛି ବୋଲି ଚାଷୀ ଶ୍ରୀ ବେହେରା କହିବାସହ ସକ୍ଷମ ଥିବା ପର୍ଯ୍ୟନ୍ତ ଧାନ ଯୋଗାଇବି ବୋଲି କହିଛନ୍ତି। ଚଳିତମାସ ଆରମ୍ଭରୁ ସାରା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଇଁ ଗାଁଠୁ ସହର ଚଳଚଞ୍ଚଳ। ଘରେ ଘରେ ଲିପାପୋଛା, ସଫାସୁତୁରା ଆଦି କାର୍ଯ୍ୟ ଚାଲିଛି। ପରିବାର ଲୋକେ ଦୂରଦୂରାନ୍ତରୁ, ଏପରିକି ବିଦେଶରୁ, ଆସି ଘରେ ପହଞ୍ଚିବେ। ସମସ୍ତେ ଏକାଠି ବସି ନୂଆଁ ଖାଇବେ। ନବାନ୍ନ ଭକ୍ଷଣ ପରେ ନିଜଠୁ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା ବା 'ଜୁହାର୍ ଭେଟ୍' ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା।

### କୋଲକାତା ଯାଏଁ...

ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଟିମ୍ ପକ୍ଷରୁ ଘଟଣାସ୍ଥଳର ବିଭିନ୍ନ ଦିଗ ଯାଞ୍ଚ କରାଯାଇଥିଲା। ଟିମ୍ ଜଙ୍ଗଲ ଭିତରକୁ ପ୍ରବେଶ କରି ଓରାଙ୍ଗଉଟାନ୍‌ଗୁଡ଼ିକ ରହିଥିବା ସ୍ଥାନ ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସୁରାକ ଖୋଜିଥିଲା। ଏଥିସହ ଘଟଣାସ୍ଥଳ ନିକଟରେ ରହୁଥିବା ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ଓରାଙ୍ଗଉଟାନ୍‌ଗୁଡ଼ିକୁ କେବେ ଏଠାକୁ ଅଣାଯାଇଥିଲା, ସେମାନଙ୍କୁ କିଏ ଆଣିଥିଲା, କେଉଁ ପଥରେ ଆସିଥିଲେ ଏବଂ ଏହା ପୂର୍ବରୁ ଏହି ଅଞ୍ଚଳରେ କୌଣସି ସନ୍ଦିଗ୍ଧ ଗାଡ଼ି କିମ୍ବା ବ୍ୟକ୍ତିଙ୍କ ଗତିବିଧି ଦେଖାଯାଇଥିଲା କି ନାହିଁ ଏ ସବୁ ଦିଗରେ ତଥ୍ୟ ସଂଗ୍ରହ କରାଯାଇଛି। ଅନ୍ୟପଟେ ଘଟଣାର ତଦନ୍ତ ଏବେ ଦୀଘା ଦେଇ କୋଲକାତା ଆଡ଼କୁ ମଧ୍ୟ ଲମ୍ବିଥିବା ଜଣାପଡ଼ିଛି। ଗତକାଲି ଏସ୍‌ଟିଏଫ୍‌ର ଏକ ଟିମ୍ ଚନ୍ଦନେଶ୍ୱର ଓ ଉଦୟପୁର ଦେଇ ଦୀଘା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଲାଗିଥିବା ସିସିଟିଭି କ୍ୟାମେରା ସହ ଦୀଘା ମେରାଇନ୍ ଥାନା ଅଞ୍ଚଳର ପ୍ରାୟ ୪୫ଟି ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରିଥିଲା। ଫୁଟେଜ୍‌ଗୁଡ଼ିକରୁ କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିବା ତଦନ୍ତକାରୀ ସୂତ୍ରରୁ ଜଣାପଡ଼ିଛି। ସେହି ସୁରାକକୁ ଆଧାର କରି ଗୁରୁବାର ଦୁଇଟି ଟିମ୍ ଦୀଘା ଅଞ୍ଚଳରେ ଯାଞ୍ଚ କରିବା ସହ ତଦନ୍ତକୁ ଆଗକୁ ବଢ଼ାଇଛି। ଏପରିକି ଗୋଟିଏ ଟିମ୍ କୋଲକାତା ଅଭିମୁଖେ ଯାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏହା ଫଳରେ ଘଟଣାର ତଦନ୍ତ ପରିସର ଏବେ ଓଡ଼ିଶା ସୀମା ଡେଇଁ ପଶ୍ଚିମବଙ୍ଗ ଆଡ଼କୁ ବଢ଼ିଥିବା ଚର୍ଚ୍ଚା ହେଉଛି। ଘଟଣାର ମୂଳ ରହସ୍ୟ ଖୋଜିବା ପାଇଁ ବନବିଭାଗର ଷ୍ଟେଟ୍ ଲେଭେଲ୍ ଟିମ୍, କ୍ରାଇମବ୍ରାଞ୍ଚ, ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବିଭିନ୍ନ ବନ ଅଧିକାରୀ ଓ ରେଞ୍ଜସ୍ତରୀୟ କର୍ମଚାରୀ ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି। ବାଲେଶ୍ୱର ଡିଏଫ୍‌ଓ ପ୍ରତୀକ ପ୍ରକାଶ ଇଣ୍ଡଲକରଙ୍କ ନିର୍ଦ୍ଦେଶରେ ବନବିଭାଗ ପକ୍ଷରୁ ମଧ୍ୟ ଘଟଣାର ବିଭିନ୍ନ ପାଶ୍ୱର୍ ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ସମ୍ମୁଖରେ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ପାଞ୍ଚଟି ଓରାଙ୍ଗଉଟାନ୍ ଆସିଲେ କେଉଁଠୁ? କିଏ ସେମାନଙ୍କୁ ଏଠାକୁ ଆଣିଥିଲା? କେଉଁ ଉଦ୍ଦେଶ୍ୟରେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା? ସେମାନଙ୍କୁ ଚୋରାଚାଲାଣ କରାଯାଉଥିଲା କି? ଏହା ପଛରେ ଆନ୍ତଃରାଜ୍ୟ ବନ୍ୟଜନ୍ତୁ ଚୋରାଚାଲାଣକାରୀଙ୍କ ସମ୍ପୃକ୍ତି ରହିଛି କି? ଏସବୁ ପ୍ରଶ୍ନର ଉତ୍ତର ଖୋଜିବାରେ ତଦନ୍ତକାରୀ ଦଳ ଲାଗିପଡ଼ିଛି। ବିଶେଷକରି ଓରାଙ୍ଗଉଟାନ୍ ଭାରତର ସ୍ୱାଭାବିକ ବନ୍ୟପ୍ରାଣୀ ନୁହେଁ। ତେଣୁ ଏପରି ପାଞ୍ଚଟି ପ୍ରାଣୀ ଏକାଠି ଭୋଗରାଇ ଅଞ୍ଚଳର ଏକ ଝାଉ ଜଙ୍ଗଲରେ କିପରି ପହଞ୍ଚିଲେ, ତାହା ତଦନ୍ତକାରୀଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି। ସେମାନଙ୍କ ଆଗମନ ପଥ, ସମ୍ଭାବ୍ୟ ଯାତାୟାତ ମାର୍ଗ, ଯାନବାହନର ଗତିବିଧି ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରାଯାଉଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାସ୍ଥଳରେ ଯାଞ୍ଚ ସାରିବା ପରେ ଯେଉଁ ସ୍ଥାନରେ ପାଞ୍ଚଟି ଓରାଙ୍ଗଉଟାନ୍ ରହିଥିଲେ, ସେହି ସ୍ଥାନକୁ ସିଲ୍ କରିବା ସହ ଚାରିପଟେ ବାଡ଼ ନିର୍ମାଣ କରିବାକୁ ବନବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କୌଣସି ପ୍ରମାଣ ନଷ୍ଟ ନ ହେବା ଏବଂ ଅନଧିକୃତ ଭାବେ କେହି ପ୍ରବେଶ ନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ତଦନ୍ତରେ ଏପର୍ଯ୍ୟନ୍ତ କେଉଁ ସୁରାକ ମିଳିଛି କିମ୍ବା କାହା ଉପରେ ସନ୍ଦେହ କରାଯାଉଛି, ସେ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ତଦନ୍ତର ସ୍ୱାର୍ଥରେ ଅନେକ ତଥ୍ୟ ଗୋପନ ରଖାଯାଉଥିବା ଜଣାପଡ଼ିଛି। ବଡ଼ପାହି ଝାଉଁ ଜଙ୍ଗଲରୁ ପାଞ୍ଚଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା ଏବେ ଏକ ବଡ଼ ରହସ୍ୟର ରୂପ ନେଇଛି। ଘଟଣାସ୍ଥଳରେ ଘନଘନ ତଦନ୍ତ, ସିସିଟିଭି ଫୁଟେଜ୍‌ର ବ୍ୟାପକ ଯାଞ୍ଚ ଏବଂ ଦୀଘାରୁ କୋଲକାତା ପର୍ଯ୍ୟନ୍ତ ତଦନ୍ତର ପରିସର ବଢ଼ିବା ଯୋଗୁଁ ଏହି ରହସ୍ୟର ଗୁମର ଖୁବ୍ ଶୀଘ୍ର ଖୋଲିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

### ନନ୍ଦନକାନନରେ...

ବ୍ୟବସ୍ଥା କରାଇଛନ୍ତି। ପ୍ରତିଦିନ ସକାଳେ ହାଲୁକା ଖରାରେ କିଛି ସମୟ ରଖାଯାଉଛି, ଯାହା ସେମାନଙ୍କ ଶରୀରକୁ ଗରମ ଓ ମନକୁ ଫୁର୍ତ୍ତି ରଖିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମ୍ୟୁଜିକ୍ ଥେରାପି ଓ ଖେଳ ପ୍ରଣାଳୀ। ସେମାନଙ୍କୁ ଦୋଳି, ବିଭିନ୍ନ ରଙ୍ଗବେରଙ୍ଗର ଖେଳଣା ଦିଆଯାଇଛି। ଏହାସହ ହାଲୁକା, ଶାନ୍ତ କ୍ଲାସିକାଲ୍ ସଙ୍ଗୀତ ବଜାଯାଉଛି। ବିଶେଷଜ୍ଞଙ୍କ ମତରେ, ଏହି ସଙ୍ଗୀତ ଶୁଣିଲେ ସେମାନେ ଶୀଘ୍ର ନୂଆ ଅଭିଭାବକ ସହ ମିଶିପାରିବେ, ଭୟ ଦୂର ହେବ। ପ୍ରକାଶ ଥାଉକି, ଏହା ପୂର୍ବରୁ ନନ୍ଦନକାନନ ହାତୀ ଏବଂ ଅନ୍ୟ ମାନସିକ ଚାପରେ ଥିବା ପ୍ରାଣୀଙ୍କ ପାଇଁ ଏଭଳି ଥେରାପି କରି ସଫଳ ହୋଇଛି। ଏବେ ମହୀଶୂର ଚିଡ଼ିଆଖାନାର ବିଶେଷଜ୍ଞ ଟିମ୍ ଭିଡିଓ କନଫରେନ୍ସିଂ ଜରିଆରେ ସେମାନଙ୍କ ବ୍ୟବହାର ଉପରେ ନଜର ରଖୁଛନ୍ତି। ଏନେଇ ନନ୍ଦନକାନନ ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସ କହିଛନ୍ତି, ୧୦ ଦିନ ପରେ ସ୍ଥିତି ସ୍ୱାଭାବିକ ହେଲେ ସେମାନଙ୍କ ରକ୍ତ ଏବଂ ଓରାଲ ସ୍ୱାବ ନେଇ ଲାବ୍‌ରେ ସ୍କ୍ରିନିଂ କରାଯିବ। ଏହାପରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଉତ୍ପତ୍ତିକୁ ନେଇ ତଦନ୍ତ ଆଗକୁ ବଢ଼ିବ। ଅନ୍ୟପଟେ, ଏହି ଖବର ପ୍ରଚାରିତ ହେବା ପରେ ଏହି କୁନି ବିଦେଶୀ ଅତିଥିଙ୍କୁ ଦେଖିବାକୁ ପର୍ଯ୍ୟଟକ ନନ୍ଦନକାନନକୁ ଧାଇଁ ଆସିଛନ୍ତି। ମା'ଠୁ ଅଲଗା ହୋଇଥିଲେ ବି ଏବେ ସଙ୍ଗୀତର ତାଳେ ତାଳେ ନୂଆ ଜୀବନ ଖୋଜୁଛନ୍ତି ଏହି ୫ କୁନି ଓରାଙ୍ଗଉଟାନ।

### ୮,୪୧୭ କୋଟିର...

ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକ ସହିତ ଏକ ସ୍ୱତନ୍ତ୍ର ରାଉଣ୍ଡଟେବଲ ବୈଠକ ଓଡ଼ିଶାର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ନିବେଶ ସମ୍ଭାବନା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିଷ୍ଠିତ ମେଟାଲସ୍ ଏବଂ ମିନେରାଲ୍ସ ଇକୋସିଷ୍ଟମକୁ ଆଲୋକପାତ କରିବା ସହ ଅଧିକ ଆର୍ଥିକ ମୂଲ୍ୟ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଜବୁତ କରିବା ଉପରେ ରାଜ୍ୟର ଗୁରୁତ୍ୱକୁ ଦୋହରାଇଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇସ୍ଥିତ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ କାଉନସିଲ୍ ସହିତ ଏକ ଆଲୋଚନାରେ ମଧ୍ୟ ସାମିଲ ହୋଇଥିଲେ। ଏଥିରେ ବ୍ୟବସାୟିକ ସମ୍ପର୍କକୁ ମଜବୁତ କରିବା, ନିବେଶ ସୁଯୋଗଗୁଡ଼ିକୁ ସହଜ କରିବା ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଭାରତୀୟ ବ୍ୟବସାୟୀ ଓ ବୃତ୍ତିଗତ ସମ୍ପ୍ରଦାୟର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ୟୁଏଇର ଏକ ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦନ ପ୍ରତିଷ୍ଠାନ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ଏକାଧିକ ୱାନ୍-ଟୁ-ୱାନ୍ ଏବଂ ଗୋଷ୍ଠୀଗତ ଆଲୋଚନା କରିଥିଲେ, ଯେଉଁଥିରେ ଓଡ଼ିଶାର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରାଯିବା ସହ ପ୍ରକଳ୍ପଗୁଡ଼ିକୁ ସହଜ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରା ଯାଇଥିଲା।

### କିଏ ସେହି ଏସ୍‌ପି...

ତାଙ୍କୁ ଆତିଥ୍ୟ ଦେଇଥିବା, ଜଣେ ଏସ୍‌ପିଙ୍କ ସହ ଏକ ପ୍ରୋଜେକ୍ଟରେ କାମ ପାଇଁ ଆସିଥିବା କହୁଛନ୍ତି। ସେ ଏକାକୀ ଝାରସୁଗୁଡ଼ା ଏୟାରପୋର୍ଟରେ ଓହ୍ଲାଉଥିବା ଦେଖାଯାଉଛି। ନିଜେ ଏକାକୀ ଅଡ଼ିରେ ଜନୈକ ବ୍ୟକ୍ତିଙ୍କ ସହ ଯାତ୍ରା କରୁଥିବା ଭିଡ଼ିଓରେ ରହିଛି। ତେଣୁ ଟିନା ନନ୍ଦୀଙ୍କ ସହ ସେହି ସିଇଓଙ୍କ ସମ୍ପର୍କ କ'ଣ? ସେହିପରି ସରକାରୀ ସର୍କିଟ୍ ହାଉସ୍‌ରେ ତାଙ୍କ ରହଣି ପାଇଁ କିଏ ଅନୁମତି ଦେଇଥିଲେ ଓ କାହିଁକି ଦେଇଥିଲେ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସମ୍ପୃକ୍ତ କମ୍ପାନୀ, ଅଧିକାରୀ ଏବଂ ସର୍କିଟ୍ ହାଉସ୍ ବୁକିଂ ମଧ୍ୟରେ କୌଣସି ସଂଯୋଗ ଥିଲା କି ନାହିଁ, ତାହାର ତଦନ୍ତର ଅତି ଜରୁରୀ। ସେହିପରି ଭିଡିଓରେ ଟିନା ଯେଉଁ ଏସ୍‌ପିଙ୍କ କଥା କହୁଛନ୍ତି, ସେହି ଏସ୍‌ପି ଜଣକ କିଏ? ଟିନାଙ୍କୁ ଝାରସୁଗୁଡ଼ା ବିମାନବନ୍ଦରରୁ ଆଣିଥିବା କମ୍ପାନୀର ସିଇଓଙ୍କ ସହ ସମ୍ପୃକ୍ତ ଏସ୍‌ପିଙ୍କର କି ସମ୍ପର୍କ ରହିଛି। ସେ କାହିଁକି ସେହି ଏସ୍‌ପିଙ୍କ ନିକଟକୁ ଟିନାଙ୍କୁ ପଠାଇଥିଲେ? କେଉଁ ଆଧିକାରିକ କାର୍ଯ୍ୟ ପାଇଁ ଏହା ଉଦ୍ଦିଷ୍ଟ ଥିଲା? ମାତ୍ର ଏହାକୁ ବୁଝିବା ପାଇଁ ୨୦୨୫ ଜାନୁଆରୀ ୧ ତାରିଖରେ ସର୍କିଟ ହାଉସର ରେକଡର୍ ଯାଞ୍ଚ ଏକାନ୍ତ ଜରୁରୀ । ରାଉରକେଲା ସର୍କିଟ୍ ହାଉସ୍ ପୂର୍ବରୁ ମଧ୍ୟ ଏକ ବିବାଦକୁ ନେଇ ଚର୍ଚ୍ଚାରେ ଥିଲା। ବିଜେପି ଯୁବନେତା ପ୍ରକାଶ ପାଣ୍ଡାନଙ୍କ ସମ୍ପର୍କିତ ଏକ ମାମଲାରେ ସର୍କିଟ୍ ହାଉସ୍?ରେ କିଛି ଅପରାଧୀଙ୍କ ରହଣି ନେଇ ଅଭିଯୋଗ ଉଠିଥିଲା। ଏହାକୁ ନେଇ ସରକାରୀ ଅତିଥିଗୃହର ସୁରକ୍ଷା ଓ ବୁକିଂ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଏବେ ଟିନା ନନ୍ଦୀଙ୍କ ଭିଡିଓ ସେହି ପୁରୁଣା ବିବାଦକୁ ପୁଣି ଚର୍ଚ୍ଚାକୁ ଆଣିଛି। ଟିନା ନନ୍ଦୀ କୌଣସି ସରକାରୀ ଅଧିକାରୀ ନୁହନ୍ତି, ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତିବିଶେଷ ବି ନୁହନ୍ତି;ତେଣୁ କେଉଁ ନିୟମ ଆଧାରରେ ତାଙ୍କୁ ସର୍କିଟ ହାଉସ ରହିବାକୁ ଦିଆଗଲା ତାହା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି ।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତି...

ବେଳାଭୂମିରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ମଧ୍ୟ ଦାବି ହୋଇଛି। ସିଆଳି ବେଳାଭୂମିରେ ପୂର୍ବରୁ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଯାଇଥିବାବେଳେ ଏବେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଅଞ୍ଚଳରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି। ଲଗାତାର ଏଭଳି ଘଟଣା ପରେ ବେଳାଭୂମିର ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଏରସମା ଥାନାରେ ଅଭିଯୋଗ କରିଛନ୍ତି ପଦ୍ମପୁର ସରପଞ୍ଚ ପ୍ରତିଭାରାଣୀ ପାତ୍ର। ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ପ୍ରତିମୂର୍ତ୍ତି ଭାଙ୍ଗିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ଘଟଣାକୁ ନେଇ ଏରସମା ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ତେଜିବାରେ ଲାଗିଛି। ଦୁର୍ବୃତ୍ତଙ୍କୁ ଶୀଘ୍ର ଠାବ କରି ଗିରଫ କରିବା ସହ ଘଟଣା ପଛର ପ୍ରକୃତ କାରଣ ସାମ୍ନାକୁ ଆଣିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେହିପରି ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ଜେନା ଏହି ଘଟଣାକୁ ଘୋର ନିନ୍ଦା କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଜଗତସିଂହପୁର ଜିଲ୍ଲା ସିଆଳି ବେଳାଭୂମିରେ ଥିବା ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦଳ ପକ୍ଷରୁ ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ବୋଲି ଦର୍ଶାଯାଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳର ଏକ ପ୍ରତିନିଧି ଦଳ ଆସନ୍ତାକାଲି ସିଆଳି ଗସ୍ତ କରିବ। ପ୍ରତିନିଧି ଦଳ ସେଠାକୁ ଯାଇ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିବ। ଏହି ପ୍ରତିନିଧି ଦଳ ଜଗତସିଂହପୁରର ସ୍ଥାନୀୟ ଆଇଆଇସି ଓ ଏସ୍‌ପିଙ୍କୁ ଭେଟିବ। ପ୍ରତିମୂର୍ତ୍ତି ଭଙ୍ଗାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ସହ ପ୍ରତିମୂର୍ତ୍ତିର ଶୀଘ୍ର ପୁନଃସ୍ଥାପନ ପାଇଁ ଦାବି କରିବ। ଦଳର ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ସଂଯୋଜକ ପ୍ରଶାନ୍ତ ମୁଦୁଲି, ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ. ରାଜଶ୍ରୀ ମଲ୍ଲିକ, ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ ଓ ନାରାୟଣ ଜେନା ଏହି ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି । ବିଜୁ ପଟ୍ଟନାୟକ ଓଡ଼ିଶାର ଗର୍ବ, ପରିଚୟ ଓ ପ୍ରଗତିଶୀଳ ଚିନ୍ତାଧାରାର ଏକ ପ୍ରତୀକ। ତାଙ୍କ ପ୍ରତିମୂର୍ତ୍ତି ଉପରେ ଏଭଳି ଭଙ୍ଗାରୁଜା ଓଡ଼ିଶାବାସୀଙ୍କ ଭାବାବେଗ ପ୍ରତି ଆଘାତ। ଦୋଷୀଙ୍କ ବିରୋଧରେ ଦ୍ରୁତ ଓ କଠୋର କାର୍ଯ୍ୟାନୁଷ୍ଠାନ ସହ ଭବିଷ୍ୟତରେ ଏଭଳି ଘଟଣା ଯେପରି ନଘଟେ, ସେଥିପାଇଁ ପ୍ରତିମୂର୍ତ୍ତି ସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦଳ ଦାବି କରିଛି।

**AFFIDAVIT**

I, RABINDRA KUMAR SETHI, age about 54 years, S/o-Bhikari Sethi, At/Po- Resident of AT/PO-Ward No-9, Tala Sahi,Near Budhi Maa Mandira,Dhabalei Maa Mandira, Dhabalei, Lenkudipada, Nayagarh-752070, ODISHA, declared by this Affidavit No.935, Dated.13.08.2026, That now onwards I shall Be Known as **RABINDRA SETHI** for all future Purposes.

**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**
ରାମଲିଙ୍ଗେଶ୍ୱର ଟ୍ୟାଙ୍କ୍ ରୋଡ଼ ଗାନ୍ଧିନଗର, ବ୍ରହ୍ମପୁର, ପିନ୍-୭୬୦୦୦୨
କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର : ୭୬୦୮୮୦୪୮୦/୧୮୦୦୩୪୫୬୭୯୬
13001/1822/2627
ପତ୍ର ସଂଖ୍ୟା ୧୪୮୬୭ | ତାରିଖ: ୦୯.୦୯.୨୦୨୬

**ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ରେ ଖାଲିଥିବା ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି । ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା.୧୧.୦୯.୨୦୨୬ ରିଖ ଠାରୁ ତା.୨୩.୦୯.୨୦୨୬ ରିଖ (ଅପରାହ୍ନ ଘ. ୫.୦୦ ଟିକା) ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ କେବଳ ରେଜେଷ୍ଟ୍ରୀ ପୋଷ୍ଟ/ସ୍ପିଡ ପୋଷ୍ଟ ମାଧ୍ୟମରେ (ଠିକଣା-କମିଶନର, ବ୍ରହ୍ମପୁର ମହାନଗର ନିଗମ, ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ପୋଷ୍ଟ - ବ୍ରହ୍ମପୁର, ଜିଲ୍ଲା - ଗଞ୍ଜାମ, ପିନ୍ ନଂ-୭୬୦୦୦୨) ଆବେଦନ ପଠାଇପାରିବେ । ଉକ୍ତ ଲଟେରୀ ପାଇଁ ଆବେଦନ ପତ୍ର ସହ (୧) ଆଧାର କାର୍ଡ଼ (୨) ଭୋଟର କାର୍ଡ଼ (୩) ବାସିନ୍ଦା ପ୍ରମାଣପତ୍ର (ରେସିଡେଣ୍ଟ୍ ସାର୍ଟିଫିକେଟ୍) ସଂଲଗ୍ନ କରିବେ । ଲଫାଫା ଉପରେ "ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଆବେଦନ" ବୋଲି ସ୍ପଷ୍ଟ ଭାବେ ଲେଖିବେ । ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍‌ସାଇଟ୍ www.berhampur.gov.in ରେ ଉପଲବ୍ଧ ।
ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ୍ ଉପବିଭାଗରେ ମଧ୍ୟ ପାଇପାରିବେ ।

ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ
OIPR-13001/13035/1/26-27/0024

**OFFICE OF THE SORA MUNICIPALITY, SORA, BALESHWAR**

No.- 3177 | **"e" Procurement Notice** | Date-08/09/26

BID Identification No. SOROM_05_2026-27.

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil work as mentioned in DTCN |
| 2. | No. of works | 03 nos. |
| 3. | Estimated Cost | As per Work List |
| 4. | Period of Completion | 90 days. |
| 5. | Date &Time of availability of Bid documents in the Portal | 09.09.26 at 10.00AM to 21.09.26 up to 5.00PM |
| 6. | Last date & time for receipt of bids in the portal | 21.09.26 up to 5.00PM |
| 7. | Bid received online shall be opened on | 22.09.26 at 10AM |
| 8. | Name and address of the officer inviting Bid | Executive Officer, Sora Municipality |

Further details can be seen from the procurement portal i.e. www.tendersodisha.gov.in

13001/1825/2627

Executive Officer
Sora Municipality
OIPR-13001/13166/1/26-27/0007

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା





## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଇତିହାସ

- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣକ ମୃତ୍ୟୁ ହୋଇଥିଲା।
- ୧୯୬୧- ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧- ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣକର ମୃତ୍ୟୁ ହୋଇଥିଲା।

## ସ୍ଲିପ୍‌ଓଭର୍ ଚାକିରି



ଅଯେତେବେଳେ ସାରା ସହର ଗଭୀର ନିଦ୍ରାରେ ଶୋଇଯାଏ, ସେତେବେଳେ କିଛି ଲୋକଙ୍କର କାମ ଆରମ୍ଭ ହୁଏ। ସେମାନଙ୍କ ପାଇଁ ଅନ୍ୟର ଘର ହିଁ ସେମାନଙ୍କର କାର୍ଯ୍ୟକ୍ଷେତ୍ର ଏବଂ ଅନ୍ୟର ଆରାମଦାୟକ ନିଦ ହିଁ ସେମାନଙ୍କର ସଫଳତା। ଏହା ହେଉଛି ଆଜିର ସମୟରେ ବେଶ୍ ଆଦୃତ ହେଉଥିବା ଏକ ନିଆରା ପେସା- 'ସ୍ଲିପ୍‌ଓଭର୍'। ଏହି ଚାକିରି କେବଳ ଟଙ୍କା ରୋଜଗାର କରିବାର ମାଧ୍ୟମ ନୁହେଁ, ବରଂ ମାନବିକତାର ଏକ ବଡ଼ ଉଦାହରଣ। ଜଣେ ସ୍ଲିପ୍‌ଓଭର୍ କେୟାରଗିଭର୍ କୌଣସି ଅସୁସ୍ଥ ବୃଦ୍ଧବୃଦ୍ଧା ବା ଛୋଟ ପିଲାଙ୍କ ପାଖରେ ରାତିସାରା ଜଗି ରହିଥାନ୍ତି। ଯେତେବେଳେ ସେହି ପରିବାରର ଲୋକେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସମୟ ଦେଇପାରନ୍ତି ନାହିଁ, ସେତେବେଳେ ଏହି କର୍ମଚାରୀମାନେ ହିଁ ସେମାନଙ୍କର ସବୁଠାରୁ ବଡ଼ ସାହାରା ପାଲଟନ୍ତି। ରାତି ଅଧରେ କାହାକୁ ଔଷଧ ଦେବା, ତ କାହାର ଲୁହ ପୋଛିବା କାମ କରିଥାନ୍ତି। ନିଯୁକ୍ତିଦାତା କର୍ମଚାରୀଙ୍କୁ ଶୋଇବା ପାଇଁ ଏକ ସ୍ୱତନ୍ତ୍ର ରୁମ୍ ଏବଂ ଆରାମଦାୟକ ବିଛଣା ଯୋଗାଇ ଦିଅନ୍ତି। ସେମାନେ ଶୋଇପାରିବେ ସତ, କିନ୍ତୁ ସେମାନଙ୍କୁ ସତର୍କ ରହିବାକୁ ପଡ଼େ। ଯଦି ରାତିରେ ରୋଗୀ, ବୃଦ୍ଧବୃଦ୍ଧା କିମ୍ବା ଛୋଟ ପିଲାଟିଏ ସାହାଯ୍ୟ ପାଇଁ ଡାକନ୍ତି ତେବେ ତୁରନ୍ତ ଉଠି କାମ କରିବାକୁ ହୁଏ। ଭାରତରେ ସ୍ଲିପ୍‌ଓଭର୍ ଚାକିରିରେ ରାତିକ ପାଇଁ ୮୦୦ ଟଙ୍କାରୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ। ସେହିଭଳି ଆମେରିକା, ୟୁକେରେ ରାତିଏ ପାଇଁ ୧୦୦ ରୁ ୨୦୦ ଡଲାର ମିଳିଥାଏ। ଯଦି ରାତିରେ ରୋଗୀ ବା ପିଲାଟି ଅସୁସ୍ଥ ହୋଇପଡ଼େ ଏବଂ କର୍ମଚାରୀଙ୍କୁ ଉଠି କାମ କରିବାକୁ ପଡ଼େ, ତେବେ ସେହି କାମ କରିଥିବା ସମୟ ପାଇଁ ଅଲଗା ଟଙ୍କା ମିଳେ। ଯଦି ଜଣେ କର୍ମଚାରୀ ରାତିରେ ୨ ଘଣ୍ଟା ଉଠି କାମ କଲେ, ତେବେ ସେହି ୨ ଘଣ୍ଟା ପାଇଁ ସେମାନଙ୍କୁ ଓଭରଟାଇମ୍ କିମ୍ବା ସାଧାରଣ ଘଣ୍ଟା ପ୍ରତି ମିଳୁଥିବା ମଜୁରୀ ମିଳିବ। ଯଦି କୌଣସି କାରଣରୁ ରାତିରେ ୩ରୁ ଅଧିକ ଥର ଉଠିବାକୁ ପଡ଼େ, ତେବେ ଅନେକ ସଂସ୍ଥାର ନିୟମ ଅନୁଯାୟୀ ସେହି ସମ୍ପୂର୍ଣ୍ଣ ରାତିକୁ 'ଶୋଇବା ସିଫ୍ଟ' ବଦଳରେ 'କାମ କରିବା ସିଫ୍ଟ' ହିସାବରେ ଧରାଯାଏ ଏବଂ ପୂରା ରାତି ପାଇଁ ଘଣ୍ଟା ପ୍ରତି ଅଧିକ ଦରମା ଦିଆଯାଏ। ଏହିପରି ଭାବେ ଏହି ଚାକିରିରୁ ସେମାନଙ୍କ ଆୟ ଲକ୍ଷେ ଟଙ୍କା ଉପରେ ହୋଇପାରେ।

## ଆଜି ବାହୁଡ଼ିଥିଲେ

## ଶତାୟୁ ସଂଗ୍ରାମୀ ଗୌରଚନ୍ଦ୍ର



ଗୌରଚନ୍ଦ୍ର ମହାପାତ୍ର ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଏବଂ ଶିକ୍ଷାବିତ୍ ଥିଲେ। ସେ ଏକ ପ୍ରତିଷ୍ଠିତ ଜମିଦାର ପରିବାରରେ ୧୯୧୫ ମସିହା ଜୁନ୍ ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ନିଜର ସମଗ୍ର ଜୀବନକୁ ଗାନ୍ଧୀବାଦୀ ଆଦର୍ଶ, ସାମାଜିକ ସଂସ୍କାର ଏବଂ ସମାଜର ଅବହେଳିତ ଲୋକଙ୍କ ଉତ୍ଥାନ ପାଇଁ ଉତ୍ସର୍ଗ କରିଥିଲେ। ସ୍ୱାଧୀନୋତ୍ତର କାଳରେ ଗାନ୍ଧିଜୀଙ୍କ ଡାକରାରେ ଗ୍ରାମାଭିମୁଖୀ ହୋଇ ଅଧିକାଂଶ ଜୀବନ ଗାଁରେ ବିତାଇଥିଲେ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିଲେ। ତନ୍ମଧ୍ୟରୁ ବିଦ୍ୟାଳୟ ଓ ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନଗୁଡିକର ପ୍ରତିଷ୍ଠା, ମହିଳା ଶିକ୍ଷାକୁ ପ୍ରୋତ୍ସାହନ, ଉନ୍ନତ କୃଷି ପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ପରିବେଶ ସ୍ୱଚ୍ଛତା, ଗ୍ରାମ ସେବା, ବନୀକରଣ ଏବଂ ଗ୍ରାମ୍ୟ ଉନ୍ନୟନ ମୂଳକ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଆଜୀବନ ସମାଜର କଲ୍ୟାଣ ସାଧନ କରିବାରେ ବ୍ରତୀ ଥିଲେ। ସେ ନବେ ଦଶକରେ ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ଉପ-ସଭାପତି ଥିଲେ ଏବଂ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ସଂଘର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ଭଦ୍ରକର ଗାନ୍ଧୀବାଳାଶ୍ରମ, ଗୋଶାଳା, ନିୟନ୍ତ୍ରିତ ବଜାର କମିଟି, ସାହିତ୍ୟ ସଂସଦ, ସାହିତ୍ୟ ସଂସ୍କୃତି ପରିଷଦ, ପୂର୍ଣ୍ଣିମା ଆସର ତଥା ଓଡ଼ିଶାର ଅନେକ ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ସେବାମୂଳକ ସଂଗଠନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। ସେବା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ଅନେକ ମାନସମ୍ମାନ ଓ ପୁରସ୍କାର ଲାଭ କରିଥିଲେ। ଗୌରଚନ୍ଦ୍ର ସମାଜର ଅବହେଳିତ ବର୍ଗର ଲୋକଙ୍କ ସର୍ବାଙ୍ଗୀନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ କରୁଥିଲେ। ତାଙ୍କୁ ଅନେକ 'ଭଦ୍ରକ ଗାନ୍ଧୀ' ଭାବରେ ଅଭିହିତ କରିଥିଲେ। ୧୯୩୫ ମସିହାରୁ ୨୦୧୫ ଯାଏଁ ଦୀର୍ଘ ଆଠ ଦଶନ୍ଧି କାଳ ସେ ତାଙ୍କର ସାରସ୍ୱତ ଅଭ୍ୟାସ ବଜାୟ ରଖିଥିଲେ ଏବଂ ଅନେକ ପତ୍ରପତ୍ରିକା, ସମ୍ବାଦପତ୍ର, ଗବେଷଣା ଧର୍ମୀ ପୁସ୍ତକ ଇତ୍ୟାଦିରେ ତାଙ୍କ ରଚିତ ପ୍ରବନ୍ଧ, ନିବନ୍ଧ କବିତା, ଗୀତ, ଜୀବନୀ ଇତ୍ୟାଦି ପ୍ରକାଶିତ ହୋଇଥିଲା। ଗୌରଚନ୍ଦ୍ରଙ୍କ ଉଦ୍ୟମରେ ହିଁ କାନ୍ତକବି ରଚିତ ବହୁ ରଚନା ଆଜି ଲୋକଲୋଚନକୁ ଆସି ପାରିଛି। କାନ୍ତ ସାହିତ୍ୟ ମାଳା (୧ମ ଓ ୨ୟ ଭାଗ) ସହ କାନ୍ତ କବିଙ୍କ ରଚିତ ଜୀବନ ସଙ୍ଗୀତ, ଧର୍ମସଂଗୀତ, ଦୁନ୍ଦୁଭି, ଜୀବଜନ୍ତୁ ଓ ଚିଡ଼ିଆଖାନା, କାନ୍ତକବି ସ୍ମରଣିକା ଇତ୍ୟାଦି ଗୌରଚନ୍ଦ୍ରଙ୍କ ଦ୍ୱାରା ସଂଗୃହିତ, ପ୍ରକାଶୋପଯୋଗୀ ତଥା ପ୍ରକାଶିତ ହୋଇ ପାରିଥିଲା। ତାଙ୍କର ବିପୁଳ ସାହିତ୍ୟିକ କୃତି ମଧ୍ୟରେ 'ହରିଜନ ଗୀତ', 'ଶାସନର ଚକ ତଳେ', 'ମୋ ଗାଁ', 'ସେଇ ଦେଶେ ମୋର ଘର', 'ଗାଁ ମାଟି ଡାକେ', 'କିଛି ଅଭୁଲା ସ୍ମୃତି', 'ଗୀତି ଶତକ' ଆଦି ରହିଛି। ସଂଗ୍ରାମୀ ଓ ସାହିତ୍ୟିକ ଗୌରଚନ୍ଦ୍ରଙ୍କର ୧୦୪ ବର୍ଷ ବୟସରେ ୨୦୧୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ପରଦାକୁ ଫେରିବେ ବିପାଶା



ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ ଦୀର୍ଘ ଛଅ ବର୍ଷର ବ୍ୟବଧାନ ପରେ ପୁଣିଥରେ ଅଭିନୟ ଦୁନିଆକୁ ଫେରୁଛନ୍ତି। ହଂସଲ ମେହେଟ୍ଟାଙ୍କ ଆଗାମୀ କ୍ରାଇମ୍ ଥ୍ରୀଲର ସିରିଜ୍ 'ବାରାବଙ୍କି' ଜରିଆରେ ସେ ପରଦାକୁ ଫେରିବେ। ଏହି ସିରିଜ୍‌ଟି ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଆଲୋକ ଲାଲ୍‌ଙ୍କ ପୁସ୍ତକ 'ଦ ବାରାବଙ୍କି ନାର୍କୋସ୍: ବଷ୍ଟିଂ ଇଣ୍ଡିଆଜ୍ ମୋଷ୍ଟ ନୋଟୋରିଅସ୍ ଡ୍ରଗ୍ କାର୍ଟେଲ୍' ଉପରେ ଆଧାରିତ। ଏଥିରେ ୧୯୮୪ ମସିହାରେ ଉତ୍ତର ପ୍ରଦେଶରେ ହୋଇଥିବା ଏକ ବଡ଼ ଧରଣର ଅଫିମ ଚୋରା ଚାଲାଣ ଏବଂ ଡ୍ରଗ୍ସ କାର୍ଟେଲ ବିରୋଧୀ ଅପରେସନ୍‌କୁ ଦେଖାଯିବ। ଆଇପିଏସ୍ ଅଫିସର ଆଲୋକ ଲାଲ୍ ଏବଂ ତାଙ୍କ ପୋଲିସ ଟିମ୍ କିପରି ନିଜ ଜୀବନକୁ ବାଜି ଲଗାଇ ଏହି ବଡ଼ ଡ୍ରଗ୍ସ ମାଫିଆ ସାମ୍ରାଜ୍ୟର ପର୍ଦ୍ଦାଫାଶ କରୁଛନ୍ତି, ତାହା ଏଥିରେ ଦେଖାଯିବ। ଯଦିଓ ବିପାଶାଙ୍କ ଚରିତ୍ରକୁ ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି, ରିପୋର୍ଟ ଅନୁଯାୟୀ ସେ ଏକ ଭିନ୍ନ ଓ ଦମଦାର ଲୁକ୍‌ରେ ନଜର ଆସିବେ। କାହାଣୀର ମୁଖ୍ୟ ନାୟକଙ୍କ ସହ ତାଙ୍କ ଚରିତ୍ରର ଏକ ଗଭୀର ବ୍ୟକ୍ତିଗତ ସମ୍ପର୍କ ରହିଛି, ଯାହା କାହାଣୀକୁ ଆଗକୁ ବଢ଼ାଇବ। ଏହି ସିରିଜ୍‌ରେ ବିପାଶାଙ୍କ ସହ ସନ୍ନି କୌଶଲ ଏବଂ ବିଶାଲ ଜେଠଓ୍ୱା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନିକଟରେ ମୁମ୍ବାଇରେ ବିପାଶା ଏହାର ସୁଟିଂ ଆରମ୍ଭ କରିଛନ୍ତି। ଏହାର ଅଫିସିଆଲ୍ ରିଲିଜ୍ ତାରିଖ ଏଯାବତ୍ ଘୋଷଣା ହୋଇନାହିଁ। ଏଠାରେ ପ୍ରକାଶ ଥାଉ କି, ୨୦୨୨ ମସିହାରେ ଝିଅ ଦେବୀଙ୍କ ଜନ୍ମ ପରେ ବିପାଶା ନିଜ ପରିବାର ସହ ସମୟ ବିତାଉଥିଲେ ଏବଂ ଏବେ ସେ ପୁଣିଥରେ କ୍ୟାମେରା ସମ୍ମୁଖକୁ ଫେରିବା ପାଇଁ ଏବେ ନିଷ୍ପତ୍ତି ନେଇଛନ୍ତି।

## 'ସକାଳ'ର ସ୍ୱାସ୍ଥ୍ୟ

## ଷ୍ଟ୍ରୋକ୍ ପରେ ଫିଜିଓଥେରାପି



ଫିଜିଓଥେରାପି ଅଣ୍ଟା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିବା ସହ ଶରୀରର କାର୍ଯ୍ୟକ୍ଷମତା ଶକ୍ତି ଫେରାଇବାରେ ସହାୟକ ହୋଇଥାଏ। ଔଷଧ, ଅସ୍ତ୍ରୋପଚାର ବିନା ବ୍ୟାୟାମ, ମସାଜ୍ ଏବଂ ଆଧୁନିକ ମେସିନ୍ ସାହାଯ୍ୟରେ ଏହା ଶରୀରକୁ ସୁସ୍ଥ ରଖିଥାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହା ହାଡ଼ ସମସ୍ୟା ଦୂର କରିବା ସହ ଷ୍ଟ୍ରୋକ୍ ପରବର୍ତ୍ତୀ ପୁନର୍ବାସରେ ମଧ୍ୟ ରୋଗୀଙ୍କୁ ସ୍ୱାଭାବିକ ଜୀବନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ନିୟମିତ ଫିଜିଓଥେରାପି ହୃଦ୍‌ରୋଗକୁ ରୋକିବା ସହ ଷ୍ଟ୍ରୋକ୍ ପରବର୍ତ୍ତୀ ସମୟରେ ଦୁର୍ବଳ ହୋଇଯାଇଥିବା ହାତଗୋଡ଼ ମାଂସପେଶୀକୁ ପୁଣିଥରେ ସକ୍ରିୟ କରିଥାଏ।

**ଚିକିତ୍ସା ପଦ୍ଧତି -** ଷ୍ଟ୍ରୋକ୍ ପରେ ଶରୀରରେ ପକ୍ଷାଘାତ, ମାଂସପେଶୀ ଦୁର୍ବଳ, ଚାଲିବାରେ ଯନ୍ତ୍ରଣା ଅନୁଭବ ହେବା ସହ ଶରୀର ସନ୍ତୁଳନ ବିଗିଡ଼ିବା ଭଳି ସମସ୍ୟା ଦେଖାଯାଏ। ଏପରିସ୍ଥଳେ ଫିଜିଓଥେରାପି ମାଧ୍ୟମରେ ଶରୀରର କୋଷଗୁଡ଼ିକୁ ପୁନର୍ବାର କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷିତ କରିପାରିବେ। ତେଣୁ ଷ୍ଟ୍ରୋକ୍ ହେବାର ଦିନେ ଦୁଇଦିନ ମଧ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଫିଜିଓଥେରାପି ଆରମ୍ଭ କରିବା ଆବଶ୍ୟକ। ଏହି ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଗଲେ ରୋଗୀ ଶୀଘ୍ର ସୁସ୍ଥ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୁନର୍ବାସକୁ କେବଳ ଡାକ୍ତରଖାନାରେ ସୀମିତ ନ ରଖି, ଘରେ ମଧ୍ୟ କରିପାରିବେ। ବର୍ତ୍ତମାନ ସମୟରେ ଫିଜିଓଥେରାପିରେ ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ମଧ୍ୟ ପରିଲକ୍ଷିତ ହେଉଛି। ଗତି ବିଶ୍ଳେଷଣ, ସେନ୍ସର ବେସ୍‌ଡ ମନିଟରିଂ ସମେତ ପିନ୍ଧିବା ଯୋଗ୍ୟ ଉପକରଣ ସହ ଡିଜିଟାଲ୍ ବ୍ୟାୟାମ କାର୍ଯ୍ୟକ୍ରମ ଏବଂ ରୋବୋଟିକ୍ ପୁନର୍ବାସରେ ମଧ୍ୟ ଏହା ପ୍ରଦାନ କରାଯାଉଛି। ଏଥିସହ କିଛି କ୍ଷେତ୍ରରେ ମିରର ଥେରାପି, ଏବଂ ଇଲେକଟ୍ରିକାଲ୍ ଷ୍ଟିମୁଲେସନ୍ ଥେରାପି ମଧ୍ୟ ପ୍ରଦାନ କରାଯାଇ ରୋଗୀକୁ ସୁସ୍ଥ କରାଯାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଫିଜିଓଥେରାପି ସର୍ବଦା ଜଣେ ଅଭିଜ୍ଞ ଓ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ଉଚିତ୍। ଘରେ ନିଜେ ମନ ଇଚ୍ଛା କିମ୍ବା ଭୁଲ ଉପାୟରେ ବ୍ୟାୟାମ କଲେ ଗଣ୍ଠିରେ ଆଘାତ ଲାଗିବା ଏବଂ କାନ୍ଧ ଖସିଯିବା ଭଳି ସମସ୍ୟା ଦେଖାଦେଇପାରେ।




## ଘର ବଇଦ: ନାକରୁ ରକ୍ତ ପଡ଼ିଲେ

- ଦୂବରସ ବା ଦୂବରସରେ ଗୁଆଘିଅ ମିଶାଇ ନସ୍ୟ ନେବେ।
- ଆଖୁ ଦୋରୁଅ ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ।
- ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବେ।
- ଫିଟିକିରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ମାନସିକ ଅବସାଦର ଲକ୍ଷଣ

**ବ୍ୟସ୍ତ ଜୀବନଶୈଳୀ, କାର୍ଯ୍ୟଚାପ, ଚିନ୍ତା, ନିଦ୍ରାଭାବ ଏବଂ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଅନେକ ମାନସିକସ୍ତରରେ କ୍ଲାନ୍ତି ବା ଅବସାଦ ଅନୁଭବ କରିଥାନ୍ତି। ଏହାଦ୍ୱାରା ଶରୀରରେ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ମଧ୍ୟ ଉପୁଜିଥାଏ। ଅନେକ ଏହି ଲକ୍ଷଣକୁ ସାଧାରଣ ଭାବି ଅବହେଳା କରନ୍ତି। ତେବେ ମାନସିକ ଅବସାଦର ଲକ୍ଷଣକୁ ଚିହ୍ନିବା ଏକାନ୍ତ ଆବଶ୍ୟକ...**



- ଶୋଇବା ପରେ ଥକ୍କା ଲାଗିଲେ, କୌଣସି କାର୍ଯ୍ୟପ୍ରତି ଅନାଗ୍ରହ ଆଦି ମାନସିକ ଚାପର ଲକ୍ଷଣ ହୋଇଥାଏ। ଏହି ଲକ୍ଷଣ ଦୀର୍ଘଦିନ ରହିଲେ, ଆଳସ୍ୟ ଏବଂ ଦୁର୍ବଳ ଅନୁଭୂତ ହୋଇଥାଏ।
- ସେହିପରି ମାନସିକ ଚାପ ଥିଲେ ସହନଶୀଳ ଶକ୍ତି ହ୍ରାସ ପାଏ। ଏଥିଯୋଗୁଁ ଛୋଟ ଛୋଟ କଥାରେ ରାଗିବା, ଚିଡ଼ିଚିଡ଼ା, ଚିନ୍ତା କରିବା, ସାମାନ୍ୟ କଥାରେ ତୀବ୍ର ପ୍ରତିକ୍ରିୟା ଦେବା ଭଳି ଲକ୍ଷଣମାନ ଦେଖାଯାଏ।
- କୌଣସି କାର୍ଯ୍ୟରେ ମନ ନ ଲାଗିବା, ଏକାଗ୍ରତା ଭଙ୍ଗ, କାର୍ଯ୍ୟ ଭୁଲିବା ଏବଂ ସାଧାରଣ ଜିନିଷକୁ ବୁଝିବାରେ ଦୀର୍ଘ ସମୟ ଲାଗିବା ଭଳି ଲକ୍ଷଣ ଅନ୍ତର୍ଭୁକ୍ତ। ମାନସିକ ଚାପର ଏକ ଲକ୍ଷଣ ହେଉଛି ମନକୁ ବିଶ୍ରାମ ଦେବାରେ ଅସୁବିଧା। ସର୍ବଦା ଗୋଟିଏ କଥାକୁ ବସି ଭାବିବା, ଭବିଷ୍ୟତ ବିଷୟରେ ଚିନ୍ତିତ ହେବା କିମ୍ବା କାର୍ଯ୍ୟ ବିଷୟରେ ଚିନ୍ତା କରିବା ମାନସିକ ଚାପକୁ ବୃଦ୍ଧି କରିଥାଏ।
- ସର୍ବଦା ମାନସିକ କ୍ଲାନ୍ତ ଅନୁଭବ କରୁଥିଲେ, ଦୈନନ୍ଦିନ କାର୍ଯ୍ୟରେ ଛୋଟ ବିରତି ନିଅନ୍ତୁ। ପର୍ଯ୍ୟାପ୍ତ ନିଦ୍ରା, ନିୟମିତ ଖାଦ୍ୟ, ହାଲୁକା ଶାରୀରିକ କାର୍ଯ୍ୟକଳା ପରେ ନିୟୋଜିତ ହେବା ସହ ସ୍କ୍ରିନ୍ ଠାରୁ ଦୂରେଇ ରହିବା ଲାଭଦାୟକ।

## ଘିଅ ରୁଟି ଖାଉଥିଲେ...




**ଅଧିକାଂଶ ଭାରତୀୟ ରୁଟି ସହ ଘିଅ ଲଗାଇ ଖାଇବାକୁ ପସନ୍ଦ କରନ୍ତି। ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଘିଅ ସେବନ ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ରୁଟିରେ ଘିଅ ଲଗାଇ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।**

**ରକ୍ତରେ ଶର୍କରା ନିୟନ୍ତ୍ରଣ –** ରୁଟିରେ ଘିଅ ଲଗାଇ ଖାଇଲେ ଗ୍ଲାଇସେମିକ୍ ପ୍ରଭାବ କମ୍ ହୋଇଥାଏ। ଫଳରେ ରକ୍ତରେ ଶର୍କରା ବୃଦ୍ଧି ହ୍ରାସ ପାଇଥାଏ। ତେଣୁ ଶର୍କରା ନିୟନ୍ତ୍ରଣରେ ରହୁ ନ ଥିବା ଲୋକଙ୍କ ପାଇଁ ଘିଅ ଉନ୍ନତ ବିକଳ୍ପ ବୋଲି କୁହାଯାଏ। ମଧୁମେହ ରୋଗରେ ପୀଡ଼ିତ ଥିଲେ ଖାଦ୍ୟରେ ପରିବର୍ତ୍ତନ ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ନେବା ଜରୁରି।

**ପାଚନକ୍ରିୟା ପାଇଁ ଭଲ –** ଘିଅରେ ଥିବା ଫ୍ୟାଟ୍ ପାଚନକ୍ରିୟାରେ ସହାୟକ ହୋଇଥାଏ। ଏଥିସହ ରୁଟିରେ ଘିଅ ଲଗାଇ ଖାଇଲେ ଦୀର୍ଘ ସମୟ ପେଟ ଭର୍ତ୍ତି ହେବା ପରି ଅନୁଭୂତି ହୋଇଥାଏ। ଏହାଦ୍ୱାରା ବାରମ୍ବାର ଭୋକ ଲାଗିବା ଅନାବଶ୍ୟକ ସ୍ନାକ୍ସ ଖାଇବା ଅଭ୍ୟାସ କମିଥାଏ। ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।


**ହାଡ଼, ଗଣ୍ଠି ପାଇଁ ଲାଭଦାୟକ -** ଏଥିରେ ଭିଟାମିନ୍ ଏ, ଇ ଏବଂ ଡି ଭଳି ପୋଷକ ତତ୍ତ୍ୱ ଥାଏ। ଏହା ହାଡ଼, ଗଣ୍ଠିକୁ ମଜବୁତ୍ ରଖିବାରେ ସହାୟକ ହୋଇଥାଏ। ସେହିପରି ହାଡ଼ ମଜବୁତ ପାଇଁ କ୍ୟାଲସିୟମ, ଭିଟାମିନ୍ -ଡି ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ।

**ତ୍ୱଚା ପାଇଁ ଉପକାରୀ-** ଦେଶୀ ଘିଅରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ। ଏହା ତ୍ୱଚାକୁ ପୋଷଣ ଦେବା ସହ ଉଜ୍ଜ୍ୱଳତା ବୃଦ୍ଧିରେ ସହାୟକ ହୋଇଥାଏ। ଏଥିସହ ଏଥିରେ ଥିବା ଫ୍ୟାଟି ଏସିଡ୍ ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ବିଶେଷଜ୍ଞଙ୍କ କହିବାନୁଯାୟୀ, ସୀମିତ ମାତ୍ରାରେ ଘିଅ ସେବନ ଶରୀର ପାଇଁ ଲାଭଦାୟକ।

## ବିନା ଆଘାତରେ ପାଦ ଯନ୍ତ୍ରଣା ହେଉଥିଲେ

ଦୀର୍ଘ ସମୟ ଧରି ଛିଡ଼ା ହେବା, ବସି ରହିବା କିମ୍ବା ଅଧିକ ପରିଶ୍ରମ କଲେ ପାଦରେ ଯନ୍ତ୍ରଣା ତଥା ଝିମ୍‌ଝିମ୍ ଅନୁଭୂତ ହେବା ସାଧାରଣ କଥା। କିନ୍ତୁ କୌଣସି ଆଘାତ କିମ୍ବା ପରିଶ୍ରମ ବିନା ପାଦରେ ଯନ୍ତ୍ରଣା ହେଉଥିଲେ, ଏହାକୁ ଅଣଦେଖା କରିବା ଅନୁଚିତ୍। ଶରୀରରେ କିଛି ଭିଟାମିନ୍ ଓ ଖଣିଜ ପଦାର୍ଥ ଅଭାବ ଯୋଗୁଁ ମଧ୍ୟ ଏଭଳି ସମସ୍ୟା ଦେଖା ଦେଇଥାଏ।

ଶରୀର ହାଡ଼, ମାଂସପେଶୀ ଓ ସ୍ନାୟୁ କାର୍ଯ୍ୟ କରିବା ପାଇଁ ଭିଟାମିନ୍-ଡି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରରେ ଏହି ଭିଟାମିନ୍ ଅଭାବ ହେଲେ ଯନ୍ତ୍ରଣା ଓ ଦୁର୍ବଳତା ଅନୁଭବ ହୋଇଥାଏ। ସେହିପରି କିଛି ଲୋକଙ୍କଠାରେ ପିଠି, ଅଣ୍ଟା ଓ ପାଦରେ ମଧ୍ୟ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ସୂର୍ଯ୍ୟକିରଣ ଭିଟାମିନ୍ -ଡିର ପ୍ରମୁଖ ଉତ୍ସ ହୋଇଥିବାବେଳେ ଏହାର ଅଭାବ ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। କ୍ୟାଲ୍‌ସିୟମ୍ ହାଡ଼କୁ ମଜବୁତ୍ ରଖିବା ସହ ମାଂସପେଶୀକୁ କାର୍ଯ୍ୟକାରୀ କରିବାରେ ସହାୟକ ହୋଇଥାଏ। ଶରୀରରେ କ୍ୟାଲସିୟମ୍ ଅଭାବ ହେଲେ, ମାଂସପେଶୀରେ କ୍ରାମ୍ପ ଏବଂ ଅସ୍ୱସ୍ତି ସମସ୍ୟା ହୋଇପାରେ। ତେଣୁ ଶରୀରରେ କ୍ୟାଲ୍‌ସିୟମ୍ ଅଭାବ ଦୂର ପାଇଁ ଦହି, କ୍ଷୀର, ପନିର ରାଶି ଆଦି ଖାଇପାରିବେ। ଏଥିସହ ଶରୀରରେ ବି-୧୨ ଅଭାବ ହେଲେ ଏଭଳି ସମସ୍ୟା ଦେଖାଯାଏ। ତେଣୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଅଭାବ ରୋକିବା ପାଇଁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଜରୁରି।



● ମହିଳା ଏସିଆ କପ୍ ଜୁନିଅର ହକି

# ପାକିସ୍ତାନକୁ ୧୯-୦ରେ ହରାଇ ସେମିରେ ଭାରତ




ମୋକି, ୧୦।୯ (ଏଜେନ୍ସି): ଚାଇନାର ମୋକିରେ ଚାଲିଥିବା ମହିଳା ଏସିଆ କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ୧୯-୦ ଗୋଲ୍‌ରେ ପାକିସ୍ତାନକୁ ବିଶାଳ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ପାଇଛି। ଚାରୋଟି ଯାକ କ୍ୱାର୍ଟରରେ ଭାରତ ଯଥାକ୍ରମେ ୫, ୫, ୩ ଓ ୬ଟି ଗୋଲ୍ ଦେଇଥିଲା। ବିଜୟୀ ଭାରତ ପକ୍ଷରୁ ପୂଜା ମଲିକ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନିକା ଚନ୍ଦ୍ରକାନ୍ତ ମାନେ, ମଧୁ ସିଦାର, ସୁପ୍ରିୟା ଓ ରୋଶନି ଅଇନଦ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ।

ସମ୍ପୂର୍ଣ୍ଣ ୬୦ ମିନିଟ୍‌ର ମ୍ୟାଚରେ ଭାରତ ୧୮ ଟି ପେନାଲ୍ଟି କର୍ଣ୍ଣର, ଗୋଟିଏ ପେନାଲ୍ଟି ଷ୍ଟ୍ରୋକ ପାଇଥିଲା। ଅପରପକ୍ଷରେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଥିବା ପାକିସ୍ତାନ ମ୍ୟାଚ ସାରା ଗୋଟିଏ ହେଲେ ପେନାଲ୍ଟି କର୍ଣ୍ଣର କିମ୍ବା ଷ୍ଟ୍ରୋକ ଅର୍ଜନ କରିପାରି ନ ଥିଲା। ଶନିବାର ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଦକ୍ଷିଣ କୋରିଆ ମହିଳା ଦଳ ସହ ହେବ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ଦକ୍ଷିଣ କୋରିଆ ୧-୦ ଗୋଲ୍‌ରେ ମାଲେସିଆକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ସେହିଭଳି ସେହି ସମାନ ଦିନ ଆୟୋଜକ ଚାଇନା ଓ ଜାପାନ ମଧ୍ୟରେ ଅନ୍ୟଏକ ସେମିଫାଇନାଲ ଖେଳାଯିବ। ରବିବାର ଫାଇନାଲ ସହ କାଂସ୍ୟ ପଦକ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ ଜୁନିଅର ପୁରୁଷ ଏସିଆ କପରେ ଭାରତ ଶୁକ୍ରବାର ସେମିଫାଇନାଲରେ ମାଲେସିଆକୁ ଭେଟିବ।

● ଭାରତ ବିପକ୍ଷ ଐତିହାସିକ ମ୍ୟାଚ୍

## ବ୍ରାଜିଲ ଦଳରେ ଭିନସିଅସ୍, ରାଫିନା

ରିଓ ଡି ଜେନିରୋ, ୧୦।୯ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ ଚାମ୍ପିଅନ ବ୍ରାଜିଲ ଓ ଭାରତୀୟ ଫୁଟବଲ ଦଳ ମଧ୍ୟରେ ଐତିହାସିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅକ୍ଟୋବର ୩ ତାରିଖରେ ଖେଳାଯିବ। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଫୁଟବଲ୍ ଇତିହାସରେ ଭାରତ ଓ ବ୍ରାଜିଲ ମଧ୍ୟରେ ଏହା ସର୍ବପ୍ରଥମ ମ୍ୟାଚ୍ ହେବ। ଏହି ସ୍ମରଣୀୟ ମ୍ୟାଚ୍ ଲାଗି ୨୬ ଜଣିଆ ବ୍ରାଜିଲ ଦଳ ଘୋଷଣା କରାଯାଇଛି। ରିଅଲ ମାଦ୍ରିଦ ଫରୱାର୍ଡ ଭିନିସିଅସ୍ ଜୁନିଅର, ବାର୍ସିଲୋନାର ଷ୍ଟାର୍ ୱିଙ୍ଗର ରାଫିନା ଓ ପ୍ୟାରିସ ସେଣ୍ଟ-ଜର୍ମେନର





ଭେଟେରାନ ମରକ୍ୟୁନୋ ପ୍ରମୁଖ ଅଭିଜ୍ଞ ଖେଳାଳି ଘୋଷିତ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି ଆର୍ସେନାଲ ଦଳର ଗ୍ରାବିଏଲା ମାଗାଲହେସ ଓ ବ୍ରୁନୋ ଗୁଇମାରେସଙ୍କୁ ମଧ୍ୟ ଦଳରେ ନିଆଯାଇଛି। ସବୁଠୁ ବଡ଼ କଥା ହେଉଛି ଭିନିସିଅସ୍, ମରକ୍ୟୁନୋ ଓ ଗ୍ରାବିଏଲା ସଦ୍ୟ ଘୋଷଣା ହୋଇଥିବା ବର୍ଷର ଶ୍ରେଷ୍ଠ ଖେଳାଳି 'ବାଲନ୍ ଡି'ଓର ପୁରସ୍କାର' ଦୌଡ଼ରେ ରହିଛନ୍ତି। ସେହିଭଳି ଦଳରେ ସ୍ଥାନ ପାଇଥିବା ୬ଜଣ ଖେଳାଳିଙ୍କ ବୟସ ୨୦ ବର୍ଷରୁ କମ୍ ରହିଛି। ଅପରପକ୍ଷରେ ଗତ ବିଶ୍ୱକପରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ନେମାର ଅବସର ନେଇଯାଇଥିବାରୁ ଭାରତୀୟ ଦର୍ଶକ ଏହି ସୁପରଷ୍ଟାରଙ୍କ ଖେଳ ଦେଖିବାରୁ ବଞ୍ଚିତ ହେବେ। ଫିଫା ର୍ୟାଙ୍କିଙ୍ଗ୍‌ରେ ବ୍ରାଜିଲ ୫ମ ଓ ଭାରତ ୧୩୮ ତମ ସ୍ଥାନରେ ରହିଛି।

## ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୦।୯ (ସମିସ): ଓଡ଼ିଶାର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଯୋଡ଼ି ତଥା ଭଉଣୀ ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଆଉ ଏକ ଅନ୍ତର୍ଜାତୀୟ ପଦକ ମିଳିଛି। କାମେରୁନ ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଏହି ଭାରତୀୟ ଯୋଡ଼ି ମହିଳା ଡବଲ୍ସରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି।




ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଭଉଣୀ ଯୋଡ଼ି ଫାଇନାଲରେ ୧୦-୨୧, ୧୬-୨୧ ସିଧାସଳଖ ଗେମରେ ସାଥୀ ଭାରତୀୟ ଖେଳାଳି କାଭିପ୍ରିୟା ସେଲଭାମ ଓ ସିମରନ ସିଂହଙ୍କ ନିକଟରୁ ହାରିଯାଇଥିଲେ। ଏଥିପୂର୍ବରୁ ଗତ ଅଗଷ୍ଟ ମାସରେ ନାଇଜେରିଆରେ ଅନୁଷ୍ଠିତ ଲାଗୋସ ଇଣ୍ଟରନ୍ୟାସନାଲ କ୍ଲାସିକରେ ପଣ୍ଡା ଭଗିନୀ ଯୋଡ଼ିଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଥିଲା।

ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ, ଦୀପ୍ତି ଶର୍ମାଙ୍କ ଚତୁର ବୋଲିଂ

# ମହିଳା ଏସିଆ କପ୍ ଫାଇନାଲରେ ଭାରତ

ଦୁବାଇ,୧୦।୯ (ଏଜେନ୍ସି): ଓପନର ଶେଫାଳି ବର୍ମା (୬୪ରନ୍, ୪୦ବଲ୍, ୭ଚୌକା ଓ ୩ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଦୀପ୍ତି ଶର୍ମା (୪-୦-୨୬-୩)ଙ୍କ ଚତୁର ବୋଲିଂ ବଳରେ ଭାରତ ମହିଳା ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ ୪୦ ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧୦ମଥର ବା ସମସ୍ତ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ବିଜେତା ସହ ଭାରତ ସେପ୍ଟେମ୍ବର ୧୩ ତାରିଖ ରବିବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ।




ଏଠାରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୪୯ ରନ୍ କରିଥିଲା। ଜବାବରେ ୧୫୦ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ବାଂଲାଦେଶ ସମାନ ୨୦ ଓଭର ଖେଳି ୭ ୱିକେଟ ବିନିମୟରେ ୧୦୯ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ୬ଜଣ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିଥିଲେ ମଧ୍ୟ ଭାରତୀୟ ବୋଲିଂ ଆଗରେ କେହି ବଡ଼ ସ୍କୋର କରିପାରି ନ ଥିଲେ। ସେମାନଙ୍କ ମଧ୍ୟରୁ ଶୋର୍ନା ଅଖତର ସର୍ବାଧିକ ୨୨, ଦିଲାରା ଅକତର ୨୧, ନିଗାର ସୁଲତାନା ୧୯ ରନ୍ କରିଥିଲେ। ଭାରତ ପକ୍ଷରୁ ସ୍ପିନର ଦୀପ୍ତି ଶର୍ମା ୪ ଓଭରରେ ୨୬ ରନ୍ ଦେଇ ସର୍ବାଧିକ କ୍ଷତି ଘଟାଇଥିଲେ। ପେସ ବୋଲର ନନ୍ଦିନୀ ଶର୍ମା ୨ଟି, ଶ୍ରୀ ଚରଣି ଓ ପ୍ରେମା ରାୱତ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଦଳ ଦ୍ୱିତୀୟ ଓଭରରେ ସ୍ମୃତି ମନ୍ଧାନା (୨)ଙ୍କ ୱିକେଟ ହରାଇଥିଲା। ଏହା ପରେ ପ୍ରଥମ ୩ ଓଭରରେ ୨ଥର ଏବଂ ୩୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ଥରେ ଜୀବନଦାନ (୬, ୧୧ ଓ ୫୬ରନ୍‌ରେ) ପାଇଥିବା ଶେଫାଳି ବର୍ମା ସର୍ବାଧିକ ୬୪ ରନ୍ କରିବା ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲା। କିନ୍ତୁ ଦଳର ଅନ୍ୟ ବ୍ୟାଟରଙ୍କଠାରୁ ଉପଯୋଗୀ ସହାୟତା ମିଳିଥିଲା। ସେମାନଙ୍କ ମଧ୍ୟରୁ ପ୍ରତୀକା ରାୱଲ ୨୦, ଅଧିନାୟିକା ହରମନପ୍ରୀତ୍ କୌର ଅପରାଜିତ ୨୪, ରିଚା ଘୋଷଙ୍କ ୧୬ବଲ୍‌ରୁ ୨୧ ଓ ଦୀପ୍ତି ଶର୍ମାଙ୍କ ୬ ବଲ୍‌ରୁ ୧୩ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ସୁଲତାନା ଖାତୁନ ୨ଟି, ରାବେୟା ଖାନ୍, ମାରୁଫା ଅକତର ଓ ନାହିଦା ଅକତର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଶ୍ରୀଲଙ୍କା ଓ ଉତ୍ସାହୀ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

■ ଭାରତର ଟି-୨୦ ମୁକାବିଲା

## ବୁମ୍‌ରା ଫିଟ୍, ରାଣା ଆଉଟ୍

ମୁମ୍ବଇ,୧୦।୯ (ଏଜେନ୍ସି): ଦୀର୍ଘଦିନର ବିଶ୍ରାମ ପରେ ଭାରତର ବ୍ୟସ୍ତବହୁଳ କ୍ରିକେଟ ସିଜନ ଆଫଗାନିସ୍ତାନ ବିପକ୍ଷ ଟି-୨୦ ମୁକାବିଲା ସହ ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଯାଉଛି। ଏହା ପରେ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ଯାଏ ଜାପାନରେ ଏସିଆନ ଗେମ୍ସ କ୍ରିକେଟ ମଧ୍ୟ ଅନୁଷ୍ଠିତ ହେବ। ଉଭୟ ସିରିଜ୍ ଲାଗି ଆହତ ଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଫିଟ୍ ଘୋଷଣା କରାଯାଇଛି। ଫଳରେ ସେ ଦଳରେ ସାମିଲ ହୋଇଛନ୍ତି।





ଅନ୍ୟପକ୍ଷରେ ହର୍ଷିତ ରାଣା ଫିଟ୍ ହେବା ପରେ ବୋଲିଂ ଅଭ୍ୟାସ କରୁଥିଲାବେଳେ ପୁଣିଥରେ ଆହତ ହୋଇଛନ୍ତି। ଫଳରେ ତାଙ୍କୁ ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଦଳରୁ ବାଦ୍ ଦିଆଯାଇଛି। ରାଣାଙ୍କ ସ୍ଥାନରେ ବିଦର୍ଭ ଫାଷ୍ଟ ବୋଲର ଯଶ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି।


ସଂଶୋଧିତ ଭାରତୀୟ ଟିମ୍- ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ଯଶ ଠାକୁର।

ୟୁଏସ୍ ଓପନ ଟେନିସ

## ସେମିରେ ଜ୍ୱେରେଭ, ଖାଚାନୋଭ୍

ନ୍ୟୁୟର୍କ, ୧୦।୯ (ଏଜେନ୍ସି): ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ଓ ଅଣସିଡେଡ୍ ଖେଳାଳି ରୁଷର କାରେନ୍ ଖାଚାନୋଭ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଖେଳାଯାଇଥିବା


ଆଲେକ୍‌ଜାଣ୍ଡର ଜ୍ୱେରେଭ୍


କାରେନ୍ ଖାଚାନୋଭ୍


ଏଲିନା ରିବାକିନା


କୋକୋ ଗଫ୍

କ୍ୱାର୍ଟର ଫାଇନାଲରେ ଜ୍ୱେରେଭ୍ ଦମ୍‌ର ସହ ଖେଳି ୬-୨, ୭-୫, ୬-୧ ସେଟ୍‌ରେ ଆଉ ଜଣେ ଅଣସିଡେଡ ଖେଳାଳି ବୋଟିକ୍ ଭାନ ଡି ଜାଣ୍ଡସ୍କଲପ୍‌ଙ୍କୁ ହରାଇଥିଲେ। ୪ବର୍ଷ ପୂର୍ବେ ଏଠାରେ ଫାଇନାଲରେ ପ୍ରବେଶ କରିଥିବା ଜ୍ୱେରେଭ ସେମିଫାଇନାଲରେ ଖାଚାନୋଭଙ୍କ ସହ ମୁକାବିଲା କରିବେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ଆମେରିକାର ଦୁଇ ଖେଳାଳି ପରସ୍ପର ସହ ଲଢ଼ିବେ। ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରିଥିବା ବେନ୍ ଶେଲଟନଙ୍କ ସହ ଫ୍ରାନ୍ସେସ୍ ତିଆଫୋଏ ଫାଇନାଲ ଟିକଟ ଲାଗି ଶୁକ୍ରବାର ମୁକାବିଲା କରିବେ।

### ଗଫ୍-ରିବାକିନା, ପେଗୁଲା-ସାବାଲେଙ୍କା ସେମିଫାଇନାଲ

ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ କୋକୋ ଗଫ୍ ଓ ଏଲିନା ରିବାକିନାଙ୍କ ବିଜୟ ସହ ମହିଳା ବିଭାଗରେ ପ୍ରଥମ ୪ଜଣ ସିଡେଡ ଖେଳାଳି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା ସେମିଫାଇନାଲରେ ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ନଂ-୩ ଜେସିକା ପେଗୁଲା ଏବଂ ନଂ-୪ କୋକୋ ଗଫ୍‌ଙ୍କ ସହ ନଂ-୨ ଏଲିନା ରିବାକିନାଙ୍କର ମୁକାବିଲା ହେବ। ଗତକାଲି ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଗଫ୍ ୨-୧ ସେଟ୍‌ରେ ଫ୍ରେଞ୍ଚ ଓପନ ଚାମ୍ପିଅନ ମୀରା ଆନ୍ଦ୍ରିଭାଙ୍କୁ ଏବଂ କାଜାଖସ୍ତାନର ଏଲିନା ରିବାକିନା ମଧ୍ୟ ୨-୧ ସେଟ୍‌ରେ ଅଣସିଡେଡ ଖେଳାଳି ଚୀନ୍‌ର କ୍ୱିନେନ୍ ଝେଙ୍ଗଙ୍କୁ ପରାସ୍ତର କରିଥିଲେ। ଶନିବାର ମହିଳା ସିଙ୍ଗଲ୍ସ ଓ ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ହେବ।

ଇଣ୍ଡିଆନ ଆଥଲେଟିକ୍ସ ସିରିଜ ଫାଇନାଲ

## ଅନିମେଶଙ୍କୁ ସ୍ୱର୍ଣ୍ଣ; ଶ୍ରାବଣୀ ନିରାଶ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ଅନ୍ତିମ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଇଣ୍ଡିଆନ ଆଥଲେଟିକ୍ସ ସିରିଜ ଫାଇନାଲରେ ଅନିମେଶ କୁଜୁର ଚମକିଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ରେସରେ ଅନିମେଶ ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ୧୦.୨୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ଏହିକ୍ରମରେ ସେ ଦେଶର ଦ୍ରୁତତମ ଧାବକ ପଞ୍ଜାବର ଗୁରିନ୍ଦରବୀର ସିଂହଙ୍କୁ ପଛରେ ପକାଇ ଦେଇଥିଲେ। ଗୁରିନ୍ଦରବୀର ୧୦.୩୨ ସେକେଣ୍ଡ ଟାଇମିଂ ସହ ପୋଡିୟମ୍‌ର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ମହାରାଷ୍ଟ୍ରର ରୁଷିପ୍ରସାଦ ଦେଶାଇ ମାତ୍ର ୦.୦୧ ସେକେଣ୍ଡ ପଛରେ ରହି କାଂସ୍ୟ ପଦକ ଜିତିଥିଲେ। ଚଳିତ ବର୍ଷ ମେ ମାସରେ ଅନୁଷ୍ଠିତ ୨୯ତମ ଜାତୀୟ ସିନିଅର ଆଥଲେଟିକ୍ସରେ ଗୁରିନ୍ଦରବୀର ୧୦.୦୯ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। କିନ୍ତୁ ଅନିମେଶ ଆଜି ତାଙ୍କୁ ୦.୧୧ ସେକେଣ୍ଡ ପଛରେ ପକାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।




ପ୍ରଜ୍ଞା ପ୍ରଶାନ୍ତି

ଅପରପକ୍ଷରେ ଦିଲ୍ଲୀରେ ଆଜି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କୁ ନିରାଶ ହେବାକୁ ପଡ଼ିଛି। ଶ୍ରାବଣୀ ୧୧.୭୧ ସେକେଣ୍ଡ ଟାଇମିଂ ସହ ୮ମ ସ୍ଥାନରେ ରହିଥିଲେ। ଏଥିରେ ମହାରାଷ୍ଟ୍ରର ହରିତା ଭଦ୍ରା (୧୧.୨୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୩୭ ସେକେଣ୍ଡ)ଙ୍କୁ କାଂସ୍ୟ ପଦକ ମିଳିଛି। ପୁରୁଷ ୩୦୦୦ ମିଟର ବାଧାଦୌଡ଼ରେ ଅବିନାଶ ସାବଲେ (୮ ମିନିଟ ୩୨.୩୨ ସେକେଣ୍ଡ) ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

## ତୃତୀୟ ଟେଷ୍ଟ: ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ୩୨୦ ରନରେ ଅଗ୍ରଣୀ

ବର୍ମିଂହାମ, ୧୦।୯ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୨୦ ରନର ଅଗ୍ରଣୀ ହାସଲ କରିଛି। ପାକିସ୍ତାନର ୧୩୩ ରନ ଜବାବରେ ଘରୋଇ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସରେ ୪୫୩ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଛି। ଚା'ପାନ ବିରତିର ଠିକ୍ ପୂର୍ବରୁ ଜୋଶ୍ ଟଙ୍ଗ୍ (୧୫ ରନ)ଙ୍କୁ ଆଉଟ୍ କରି ମହମ୍ମଦ ଅଲି ଇଂଲଣ୍ଡକୁ ଅଲ୍‌ଆଉଟ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ପାଞ୍ଚଜଣ ବ୍ୟାଟର୍ ଓପନର ଇମିଲିଓ ଗେ (୬୦), ହ୍ୟାରୀ ବ୍ରୁକ୍ (୭୫), ଡାନ୍ ଲରେନ୍ସ (୬୫), ଜେମି ସ୍ମିଥ (୬୯) ଓ ବ୍ୟାଟିଂକ୍ରମର ୯ମ ସ୍ଥାନରେ ଆସିଥିବା ଓଲି ରବିନସନ (୫୦) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜୋଫ୍ରା ଆର୍ଚରର ୩୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ଡାହାଣହାତୀ ଦ୍ରୁତ ବୋଲର ରଜଉଲ୍ଲାଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ୩୨୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ପାକିସ୍ତାନ ଷ୍ଟମ୍ପ ସୁଦ୍ଧା ୧୨.୪ ଓଭରରେ ୨ ୱିକେଟ ହରାଇ ୫୨ ରନ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୭ ୱିକେଟ ଓ ୧୦୩ ରନରେ ଜିତି ପାକିସ୍ତାନ ୨-୦ରେ ଆଗୁଆ ସିରିଜ କବଜା କରିସାରିଛି।

ଫାଇନାଲରେ ଇଶାନ, ଟୁର୍ଣ୍ଣାମେଣ୍ଟରେ ତିଳକ ଶ୍ରେଷ୍ଠ ଖେଳାଳି

# ତୃତୀୟ ଥର ଦୁଲୀପ୍ ଟ୍ରଫି ଜିତିଲା ପୂର୍ବାଞ୍ଚଳ

ଚେନ୍ନଇ, ୧୦।୯ (ଏଜେନ୍ସି): ଇଶାନ କିଶାନଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ଓ ବୋଲରଙ୍କ ଉପଯୁକ୍ତ ସହାୟତା ବଳରେ ଏଠାରେ ଦକ୍ଷିଣାଞ୍ଚଳ ସହ ଚାଲିଥିବା ଆନ୍ତଃଜୋନ୍ ଦୁଲିପ୍ ଟ୍ରଫିରେ ପୂର୍ବାଞ୍ଚଳ ଚାମ୍ପିଅନ ହୋଇଛି। ଏହା ଫଳରେ ଇଶାନଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଏହି ଟ୍ରଫିକୁ ଦୀର୍ଘ ୧୩ ବର୍ଷ ପରେ କବ୍‌ଜା କରିଛି। ଓଡ଼ିଶା ଓପନର ନଟରାଜ ବେହେରାଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ପ୍ରଥମେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ଦୁଇଥର କେନ୍ଦ୍ରାଞ୍ଚଳକୁ ଫାଇନାଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଠାରେ ପ୍ରଥମ ଇନିଂସରେ ୨୭୦ ଓ ଦ୍ୱିତୀୟ ଇନିଂସରେ ୮୦ ରନ୍ କରିଥିବା ପୂର୍ବାଞ୍ଚଳ ଅଧିନାୟକ ଇଶାନ କିଶାନଙ୍କୁ ଫାଇନାଲ ମ୍ୟାଚ୍‌ର ଏବଂ ଟୁର୍ଣ୍ଣାମେଣ୍ଟରେ ସ୍ଥିର ପ୍ରଦର୍ଶନ କରି ନିୟମିତ ଭାବେ ସ୍କୋର କରିଥିବା ଦକ୍ଷିଣାଞ୍ଚଳ ଅଧିନାୟକ ତିଳକ ବର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବାଞ୍ଚଳ ଟିମ୍‌ରେ ଜଣେ ଖେଳାଳି ଶୁଭ୍ରାଂଶୁ ସେନାପତି ସାମିଲ ହୋଇଥିଲେ ମଧ୍ୟ ୩ଟି ଯାକ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳି ନ ଥିଲା। ଫାଇନାଲ ମ୍ୟାଚର ଫଳାଫଳ ମିଳି ନ ଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଦଳ ଚାମ୍ପିଅନ ହୋଇଥିଲା।



ଚେନ୍ନଇର ଅତ୍ୟଧିକ ଗରମ ଓ ଏମଏ ଚିଦାମ୍ବରମ ଷ୍ଟାଡିୟମ୍‌ର ଫ୍ଲାଟ ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭୦୮ ରନ୍‌ର ବିଶାଳ ସ୍କୋର କରିଥିଲେ। ଦଳ ପକ୍ଷରୁ ଅଧିନାୟକ ଇଶାନ ୨୭୦, କୁମାର କୁଶାଗ୍ର ୧୦୧ ରନ୍ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନ୍ କରି ଫଲୋଅନ ହେବା ସହ ୩୭୨ ରନ୍ ପଛରେ ରହିଥିଲା। ଦକ୍ଷିଣାଞ୍ଚଳକୁ ଫଲୋଅନ୍ ନ ଦେଇ ପୂର୍ବାଞ୍ଚଳ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିଲା। ମହମ୍ମଦ୍ କୌନେନ୍ କ୍ୟୁରେଶୀଙ୍କ ଅପରାଜିତ ୧୧୬, ଇଶାନଙ୍କ ୮୦, ଅନୁକୂଳ ରୟଙ୍କ ୬୪ ଓ ଶିଖର ମୋହନଙ୍କ ୫୨ ରନ୍ ସହାୟତାରେ ୭ ୱିକେଟ ହରାଇ ୩୮୮ ରନ୍ କରିଥିଲାବେଳେ ଦଳ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଏହା ପରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହେବାର ଆଶା ନ ଥିବାରୁ ଖେଳକୁ ଏହିଠାରୁ ବନ୍ଦ ରଖାଯାଇଥିଲା। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପୂର୍ବାଞ୍ଚଳ ତୃତୀୟଥର ଦୁଲୀପ୍ ଟ୍ରଫି ଚାମ୍ପିଅନ ହୋଇଥିଲା।

### ଟାଇଟଲ ବିଜୟରେ ପୂର୍ବାଞ୍ଚଳର ଫାଇନାଲରେ ସ୍କୋର

**୧- ୨୦୧୧-୧୨:** ପୂର୍ବାଞ୍ଚଳ ଇନିଂସ ଓ ୨୦ ରନ୍‌ରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍-ରିଦ୍ଧିମାନ ଶାହ (୧୭୦ରନ୍, ୫ କ୍ୟାଚ୍), ଅଧିନାୟକ ନଟରାଜ ବେହେରା।

**ସଂକ୍ଷିପ୍ତ ସ୍କୋର-** କେନ୍ଦ୍ରାଞ୍ଚଳ: ୧୩୩ ଓ ୨୧୭। ବନାମ ପୂର୍ବାଞ୍ଚଳ- ୩୭୦ (ରିଦ୍ଧିମାନ-୧୭୦, ଦିଣ୍ଡାଙ୍କୁ ୭, ସାମିଙ୍କୁ ୮ ୱିକେଟ)।

**୨-୨୦୧୨-୧୩:** ବର୍ଷା ଯୋଗୁଁ ମ୍ୟାଚ୍ ଡ୍ର- ପୂର୍ବାଞ୍ଚଳ ପ୍ରଥମ ଇନିଂସ ଭିତ୍ତିରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍-ଇଶାଙ୍କ ଜାଗୀ (ଅପରାଜିତ ୧୦୦ରନ୍), ଅଧିନାୟକ ନଟରାଜ ବେହେରା।

**ସଂକ୍ଷିପ୍ତ ସ୍କୋର-** ପୂର୍ବାଞ୍ଚଳ: ୨୩୨ (ଇଶାଙ୍କ ଜାଗୀ (ଅପରାଜିତ ୧୦୦ରନ୍, ଇରେଶଙ୍କୁ ୫, ଅନୁସ୍ତୁପଙ୍କୁ ୪ୱିକେଟ) ବନାମ କେନ୍ଦ୍ରାଞ୍ଚଳ ୧୮୯।

**୩-୨୦୨୬-୨୭:** ମ୍ୟାଚ୍ ଡ୍ର- ପୂର୍ବାଞ୍ଚଳ ପ୍ରଥମ ଇନିଂସ ଭିତ୍ତିରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍- ଇଶାନ କିଶାନ (୨୭୦ ଓ ୮୦), ଅଧିନାୟକ ଇଶାନ କିଶାନ।

**ସଂକ୍ଷିପ୍ତ ସ୍କୋର-** ପୂର୍ବାଞ୍ଚଳ: ୭୦୮ (ଇଶାନ-୨୭୦, କୁଶାଗ୍ର-୧୦୧) ଓ ୩୮୮/୭, ଘୋଷଣା (ଇଶାନ-୮୦, ଅନୁକୂଳ-୬୪)। ବନାମ ଦକ୍ଷିଣାଞ୍ଚଳ- ୩୩୬।

## ୪୭ ବର୍ଷ ବୟସରେ ତାହିରଙ୍କୁ ୫ ୱିକେଟ ସଫଳତା

ଗୁୟାନା, ୧୦।୯ (ଏଜେନ୍ସି): ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ପୂର୍ବତନ ଦକ୍ଷିଣ ଆଫ୍ରିକା ସ୍ପିନର ଇମ୍ରାନ ତାହିର ଟି-୨୦ କ୍ରିକେଟ୍‌ରେ ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଚଳିତ କାରିବୀୟାନ ପ୍ରିମିଅର ଲିଗ୍ (ସିପିଏଲ)ରେ ଗୁୟାନା ଆମାଜନ ୱାରିୟର୍ସ ପକ୍ଷରୁ ଖେଳୁଥିବା ତାହିର ସେଣ୍ଟ ଲୁସିଆ କିଙ୍ଗ୍‌ସ ଦଳ ବିପକ୍ଷ ମ୍ୟାଚରେ ଏହି କୀର୍ତ୍ତିମାନ କରିଛନ୍ତି।



ମ୍ୟାଚରେ ଗୁୟାନା ୪ ୱିକେଟରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ୪ ଓଭରରେ ୧୭ ରନ ଦେଇ ୫ଟି ୱିକେଟ ନେଇଥିବା ଅଧିନାୟକ ତାହିରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୪୭ ବର୍ଷ ୧୬୭ତମ ଦିନ ବୟସରେ ତାହିର ଏହି ପାଞ୍ଚ ୱିକେଟ ନେଇଛନ୍ତି। ଏଥିସହ ଟି-୨୦ କ୍ରିକେଟ୍ ଇତିହାସରେ ସେ ବୟୋଜ୍ୟେଷ୍ଠ ପାଞ୍ଚ ୱିକେଟ୍ ହାସଲକାରୀ ବୋଲର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ କ୍ଷୁଦ୍ରଦୀପ କୁକ୍ ଆଇଲାଣ୍ଡ ବୋଲର ତୋମାକାନୁତେ ରିତାୱାଙ୍କ ନାମରେ ରହିଥିଲା। ୨୦୨୨ରେ ଫିଜି ବିପକ୍ଷରେ ରିୱାତା ୪୬ ବର୍ଷ ୨୯୯ଦିନ ବୟସରେ ପାଞ୍ଚ ୱିକେଟ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS